

**ଅପରାଧିକ ଅଞ୍ଚଳରୁ ମୁଁ ଭୋଟ୍ ପାଇଛି** ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 168 ଭାଗ ୩୪ | ସଂଖ୍ୟା ୧୬୮

Tuesday 8 September 2026 | Page 8 Rs. 5.00

ଭୁବନେଶ୍ୱର ମଙ୍ଗଳବାର, ୮ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମଧ୍ୟାହ୍ନଭୋଜନରେ ଝିଟିପିଟି, ୧୩୦ ଅସୁସ୍ଥ

ଧାମନଗର,୭।୯ (ସଂଚାର ବ୍ୟୁରୋ): ଧାମନଗର ଏନ୍ଏସି ଅନ୍ତର୍ଗତ ସୁନସିପାଟଣା ଗ୍ରାମର ବହୁ ପୁରାତନ ଶିକ୍ଷାନୁଷ୍ଠାନ ଜୟନଗର ସେବାଶ୍ରମ ତଥା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟ ଖାଇ ୧୩୦ ଛାତ୍ରଛାତ୍ରୀ ଗୁରୁତର ଅସୁସ୍ଥ ହୋଇଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ କେତେକ ପିଲାଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଆଉ କିଛି ପିଲାଙ୍କୁ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହେବା ପରେ ସେମାନଙ୍କୁ ଛାଡ଼ି ଦିଆଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଥିବା ବେଳେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖାଦ୍ୟର ମାନ ସମ୍ପର୍କରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

### ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟରେ କ୍ୟାବିନେଟ୍

# ବିଦ୍ୟୁତ କ୍ଷେତ୍ରରେ ବଡ଼ ପୁଞ୍ଜି ନିବେଶ



**'ଇଜ୍ ଅଫ୍ ଡୁଇଂ ବିଜନେସ୍' ପାଇଁ ଜନ ବିଶ୍ୱାସ ବିଲ୍ ୨.୦ରେ ସଂଶୋଧନ**

**ଶ୍ରୀଜଗନ୍ନାଥ ମନ୍ଦିର ଜମି ପାଇଁ ନୂଆ ନିୟମ**

**ସରକାରୀ ସ୍କୁଲ ପାଇଁ 'ପଞ୍ଚସଖା ଶିକ୍ଷା ସେତୁ'**

**ପେନସନ୍ ବକେୟା ଉପରେ ୭% ସୁଧ ଦେବେ ସରକାର**

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରାମୀଣ ବିକାଶ, ବିଦ୍ୟୁତ ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ପ୍ରଶାସନିକ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୨ଟି ବିଭାଗର ମୋଟ ୧୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଜଳସେଚନ, ବିଦ୍ୟୁତ, ଶିକ୍ଷା, ପାନୀୟ ଜଳ, ସଡ଼କ ନିର୍ମାଣ, ନିଯୁକ୍ତି ଏବଂ ଶ୍ରୀମନ୍ଦିର ଜମି ପରିଚାଳନା କ୍ଷେତ୍ରରେ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ବିଦ୍ୟୁତ ସଞ୍ଚାରଣ ଭିତ୍ତିଭୂମିକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଓଡ଼ିଶା ସରକାର ୧୫,୯୪୮.୭୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି, ଯାହାକି ଓଡ଼ିଶାର ଶକ୍ତି କ୍ଷେତ୍ରରେ ଏପର୍ଯ୍ୟନ୍ତର ସର୍ବବୃହତ ଏକକ ପୁଞ୍ଜିନିବେଶ' ଏହି ଐତିହାସିକ ପଦକ୍ଷେପ ଓଡ଼ିଶାର ଦୀର୍ଘମିଆଦୀ ଅର୍ଥନୈତିକ ଏବଂ ନିରନ୍ତର ବିକାଶ ପାଇଁ ଏକ ଶକ୍ତିଶାଳୀ, ନିର୍ଭରଯୋଗ୍ୟ ତଥା ଭବିଷ୍ୟତ ଉପଯୋଗୀ ଟ୍ରାନ୍ସମିସନ ନେଟୱର୍କ ଗଠନ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ରାଜ୍ୟ ସରକାର ପ୍ରଥମ ଥର ପାଇଁ ୭୬୫ କେଭି ଟ୍ରାନ୍ସମିସନ ନେଟୱର୍କ ସ୍ଥାପନ କରୁଛନ୍ତି। ଶିଳ୍ପ ଅଭିବୃଦ୍ଧି, ଘରୋଇ ଚାହିଦା ଓ ଅକ୍ଷୟ ଶକ୍ତିର ସମନ୍ୱୟ ପାଇଁ ଖୁର୍ଦ୍ଧା, ଜୁବୁରି ଓ କୋଲାବିରାଠାରେ ତିନୋଟି ନୂତନ ୭୬୫ କେଭି ଗ୍ରୀଡ୍ ସବ୍-ଷ୍ଟେସନ ➪ପୃଷ୍ଠା-୬

### ପିଜି ଆବାସିକ ଛାତ୍ରାବାସ ଦୁର୍ଘଟଣା

# ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି



**ବିଲ୍ଡିଂର ମାଲିକଙ୍କ ସମେତ ପତ୍ନୀ ଓ ପୁଅ ଗିରଫ**

ନୂଆଦିଲ୍ଲୀ,୭।୯: ରବିବାର ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳସ୍ଥିତ ପାଞ୍ଚ ମହଲା ବିଶିଷ୍ଟ ପେଇଂ ଗେଷ୍ଟ (ପିଜି) ଆବାସିକ ଛାତ୍ରାବାସ ଭୁଶୁଡ଼ିବା ଘଟଣାରେ ଅଦ୍ୟାବଧି ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି। ଉଦ୍ଧାରକାରୀମାନେ ୧୨ଜଣଙ୍କୁ ଭଗ୍ନାବଶେଷ ତଳୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। 'ହଷ୍ଟେଲ ଡେଜ୍' ନାମକ ଏହି ପାଞ୍ଚ ମହଲା ଆବାସିକ ଛାତ୍ରାବାସରେ କେତେ ପିଲା ରହୁଥିଲେ ତାହାର କୌଣସି ସ୍ପଷ୍ଟ ତଥ୍ୟ ନଥିଲେ ମଧ୍ୟ ପ୍ରତ୍ୟକ୍ଷଦର୍ଶୀମାନେ ଆହୁରି ଦୁଇରୁ ଚାରି ଡଜନ ଛାତ୍ର ବାଲି-ଇଟା-କଂକ୍ରିଟ୍ ତଳେ ଫଶି ରହିଥିବା ଅନୁମାନ କରିଛନ୍ତି। ବେସମେଣ୍ଟରେ ମରାମତି କାର୍ଯ୍ୟ ଚାଲିଥିବା ବେଳେ ପାଖରେ ପାଣି ଜମି ରହିବା ଦ୍ୱାରା ➪ପୃଷ୍ଠା-୬

### ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ

# ଶିକ୍ଷା ଓ କୌଶଳ ଯୁବବର୍ଗଙ୍କୁ ଦାୟିତ୍ୱବାନ କରିବ

## ରାଜ୍ୟପାଳ, ଉଚ୍ଚ ଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀ ଉପସ୍ଥିତ



ସମ୍ବଲପୁର,୭।୯(ସଂଚାର ବ୍ୟୁରୋ): ଶିକ୍ଷା ସହ କୌଶଳ ମିଶିଲେ ହିଁ ପ୍ରକୃତ ଦକ୍ଷତା ତିଆରି ହୁଏ। ବିଶ୍ୱବିଦ୍ୟାଳୟରୁ ମିଳିଥିବା ଜ୍ଞାନ ଓ କୌଶଳ ଆମକୁ ସମାଜ ପ୍ରତି ନିଜର ଦାୟିତ୍ୱ ପାଳନ କରିବାରେ ସମର୍ଥ କରିବ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଦାୟିତ୍ୱ ନିଏ, ସେତେବେଳେ ହିଁ ସମାଜର ହଜାର ହଜାର ଲୋକଙ୍କ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହୋଇପାରେ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଐତିହାସିକ ୩୬ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ସ୍ନାତକ, ସ୍ନାତକୋତ୍ତର, ଡିଗ୍ରୀ ଓ ସ୍ୱର୍ଣ୍ଣପଦକ ହାସଲ କରିଥିବା ସମସ୍ତ ଯୁବ ପ୍ରତିଭାଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ସମ୍ବଲପୁର ଓ ବୁର୍ଲା କ୍ୟାମ୍ପସକୁ ବ୍ୟକ୍ତିତ୍ୱ ବିକାଶର ଶ୍ରେଷ୍ଠ ସୋପାନ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଆଜିର 'ଡିସରପ୍ଟିଭ୍ ଟେକ୍ନୋଲୋଜି' ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗରେ ବିଶ୍ୱ ଏକ ବଡ଼ ପରିବର୍ତ୍ତନ ଓ ସନ୍ଧିକ୍ଷଣ ଦେଇ ଗତି କରୁଛି। ଏଭଳି ସମୟରେ ଲାଇବ୍ରେରୀର ଗଭୀର ➪ପୃଷ୍ଠା-୬

### ଶିକ୍ଷା ବ୍ୟବସ୍ଥାରେ ହେବ ବଡ଼ ପରିବର୍ତ୍ତନ

# ବିଏସଇରେ ବିଲୟ ହେବ ସିଏଚଏସଇ



**ସିବିଏସଇ ଢାଞ୍ଚାରେ ଗଠନ ହେବ ଗୋଟିଏ ବୋର୍ଡ**

**ଯୁକ୍ତ ଦୁଇରେ ଧନ୍ଦାମୂଳକ ଶିକ୍ଷାକୁ ଦିଆଯିବ ଗୁରୁତ୍ୱ**

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଆଉ ଆଗକୁ ବିଏସଇ ଓ ସିଏଚଏସଇ ଅଲଗା ଅଲଗା ବୋର୍ଡ ରହିବ ନାହିଁ। ଦଶମ ଓ ଦ୍ୱାଦଶ ପାଇଁ ଏଣିକି ଗୋଟିଏ ବୋର୍ଡ କାର୍ଯ୍ୟ କରିବ। ଗୋଟିଏ ବୋର୍ଡ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଆଜି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)ର ୪୪ତମ ପ୍ରତିଷ୍ଠା ଦିବସ ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ସୂଚନା ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ ଅର୍ଥାତ୍ ଓପନ୍ ସ୍କୁଲିଂ ଜରିଆରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମୋଦନ ମିଳିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ କହିଛନ୍ତି। ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଗୋଟିଏ ବୋର୍ଡ କାର୍ଯ୍ୟ କରିବ। ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଉଭୟ ଶ୍ରେଣୀର ପରୀକ୍ଷା ଗୋଟିଏ ବୋର୍ଡ ଅଧୀନରେ କରାଯିବ। ଏହି ବ୍ୟବସ୍ଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ଢାଞ୍ଚା ଭଳି ହେବ। ଯେପରି ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ପରିଚାଳନା କରୁଛି, ସେହିପରି ଓଡ଼ିଶାରେ ମଧ୍ୟ ଗୋଟିଏ ବୋର୍ଡ ଉଭୟ ପରୀକ୍ଷା ପରିଚାଳନା କରିବ।

ଗୋଟିଏ ବୋର୍ଡ ଗଠନ ହେଲେ ପାଠ୍ୟକ୍ରମ ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନାରେ ବିଶେଷ ଅସୁବିଧା ହେବ ନାହିଁ। ଦୁଇଟି ବୋର୍ଡର କାର୍ଯ୍ୟକୁ ଏକାଠି କରାଯିବା ଫଳରେ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ଆସିବ ବୋଲି ସରକାର ଆଶା ରଖିଛନ୍ତି। ଏହି ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଡ୍ରାଫ୍ଟ ଆଇନ ପ୍ରସ୍ତୁତ କରୁଛନ୍ତି। ଆଇନ ପ୍ରସ୍ତୁତ ହେବା ପରେ ଏହାକୁ ଆଗକୁ ନିଆଯିବ। ଏହି ପରିବର୍ତ୍ତନ ଲାଗୁ ହେଲେ ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ପାଞ୍ଚଦିନିଆ ୟୁଏଇ ଗସ୍ତ

# ୟୁଏଇ ସହ ସୁଦୃଢ଼ ହେବ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ

**ପୁଞ୍ଜି ଆକର୍ଷଣ ପାଇଁ ବୃହତ୍ ନିବେଶକ ଓ ଶିଳ୍ପପତିଙ୍କ ସହ ଆଲୋଚନା**

**୧୧ରେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବେ**



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସକୁ ପାଞ୍ଚଦିନିଆ ଗସ୍ତରେ ଯାଉଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ନିବେଶକ ଓ ଶିଳ୍ପପତିଙ୍କ ସହ ଆଲୋଚନା କରିବେ। ଏଥିସହ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରି ଓଡ଼ିଶାର ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପ୍ରଥମେ ନୂଆଦିଲ୍ଲୀ ଯାଇ ସେଠାରୁ ଆବୁଧାବି ଯିବେ। ୯ ତାରିଖ ଦିନ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ (ଆଇଏଚସି), ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ୍, ପେଟ୍ରୋ କେମିକାଲ କ୍ଷେତ୍ରର ବୋରଗ୍ କମ୍ପାନୀ ଆଦି ବିଶ୍ୱସ୍ତରୀୟ କମ୍ପାନୀର ପ୍ରମୁଖ ନେତୃତ୍ୱ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ସେଦିନ ସନ୍ଧ୍ୟାରେ ଦୁବାଇରେ 'ୱାନ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ' କାର୍ଯ୍ୟକ୍ରମ ଅଧୀନରେ ଉତ୍ପାଦିତ ଓଡ଼ିଶାର ବିଭିନ୍ନ ଦ୍ରବ୍ୟର ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୦ରେ ୟୁଏଇର ଅର୍ଥନୀତି ତଥା ➪ପୃଷ୍ଠା-୬

### ସୁପ୍ରିମକୋର୍ଟରେ ଓଡ଼ିଶା ପୁଲିସ ମୁଖିଆ ବିବାଦ

# ଡିଜିପି ଚୟନ ମାମଲାରେ ନୂଆ ମୋଡ଼

**ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କଲେ ସୁଶାନ୍ତ ନାଥ**

**ବିନା ସୂଚନାରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର ଅଭିଯୋଗ**

**ଇଣ୍ଟରଭେନସନ୍ ଆବେଦନ କଲେ ଜେଲ୍ ଡିଜି**

**ସେପ୍ଟେମ୍ବର ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି**





ନୂଆଦିଲ୍ଲୀ,୭।୯(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସର ପରବର୍ତ୍ତୀ ଡିଜିପି ଚୟନ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାରେ ଆଜି ନୂଆମୋଡ଼ ଆସିଛି। ବରିଷ୍ଠ ଓଡ଼ିଆ ଆଇପିଏସ୍ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଏକ ଇଣ୍ଟରଭେନସନ୍ ଆବେଦନ (ଆଇଏ) ଦାଖଲ କରି କୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଆଜି ମାମଲାର ଶୁଣାଣି ବେଳେ ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ଆଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣିବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ଆରମ୍ଭ ହେବା ମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ। ଆଇପିଏସ୍ ସୁଶାନ୍ତ ନାଥ ତାଙ୍କ ଓକିଲ ମାଧ୍ୟମରେ ଆଜି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ ସେ ଜଣେ ଡିଜି ପାହ୍ୟାର ବରିଷ୍ଠ ଅଫିସର ଓ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୟୁପିଏସସିକୁ ପଠାଇଥିବା ତିନିଜଣିଆ ତାଲିକାରେ ତାଙ୍କ ନାମ ପ୍ରଥମରୁ ସାମିଲ ଥିଲା। କିନ୍ତୁ ବିନା କୌଣସି ପୂର୍ବ ସୂଚନାରେ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯାଇଥିବା ନେଇ ସେ କେବଳ ଖବରକାଗଜରୁ ହିଁ ଜାଣିବାକୁ ପାଇଥିଲେ। ତାଙ୍କ ନାମକୁ ଅଟକାଇ ଅନ୍ୟମାନଙ୍କୁ ଆଗକୁ ନିଆଯାଇଥିବା ବେଳେ ତାଙ୍କର ଦୀର୍ଘ ୩୨ ବର୍ଷର ଦାଗହୀନ କ୍ୟାରିୟର, ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି। ସେଥିପାଇଁ ପିଆଇଏଲ୍ ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବା ଓ ତାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ସେ ଅନୁରୋଧ କରିଥିଲେ। ଖଣ୍ଡପୀଠ ତାଙ୍କର ଯୁକ୍ତି ଶୁଣିବା ସହ ତାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ। ଏପରିକି ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଏହାକୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ➪ପୃଷ୍ଠା-୬

### ଆଇଏଏସ ସ୍ତରରେ ଅଦଳବଦଳ

## ସୁରେଶ ବଶିଷ୍ଠ ଜିଏଜିଭି ବିଭାଗ ପ୍ରମୁଖ ସଚିବ

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଆଇଏଏସ ସ୍ତରରେ ଆଜି ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ୧୯୯୮ ବ୍ୟାଚ୍ ଆଇଏଏସ ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏଜିଭି) ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ଏଥିସହ ସେ ପୂର୍ବପରି ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ୨୦୧୦ ବ୍ୟାଚର ଆଇଏଏସ ସୁଧାଂଶୁ ମୋହନ ସାମଲଙ୍କ ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ସେ ଓଏମସିର ପରିଚାଳନା ନିର୍ଦ୍ଦେଶକ ଥିଲେ। ଏଥସହ ତାଙ୍କୁ ପୂର୍ବପରି କେନ୍ଦ୍ରାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡି ବୃନ୍ଦାଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଭାବେ ବଦଳି କରାଯାଇଛି।





## କାନ ଡେରିଥା

ନେତାଙ୍କ ଆଗରେ ଅଧିକାର ପାଇଁ
ଶିକ୍ଷକଟି ହାତ ଯୋଡୁଛି
ଏଇପଟେ କିନ୍ତୁ ଯାକ ଜମକରେ
ଗୁରୁ ପୂଜା ସିଏ ପାଉଛି
କହିଲେ କହିବ କହୁଛି...
ପିଏମଜୀ ଛକ ଟା ଗୁରୁଜୀଙ୍କ ପାଇଁ
ସବୁବେଳେ ସାକ୍ଷୀ ରହିଛି ।

■ *ଦେବାଶିଷ*

# ଏକାଠି ହୋଇପାରୁନାହାନ୍ତି ବିରୋଧୀ



**ଅଲଗା ସମ୍ବାଦିକ ସମ୍ମିଳନୀ, ଅଲଗା ପ୍ରତିବାଦ**

**ବିଧାନସଭା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ**

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଆଣିଥିବା ଏମଏମଡିଆର ବିଲ୍‌କୁ ଯଦିଓ ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ଜୋରଦାର ବିରୋଧ କରୁଛନ୍ତି, କିନ୍ତୁ ସମାନ ପ୍ରସଙ୍ଗରେ ଏକାଠି ହୋଇପାରୁନାହାନ୍ତି। ପରସ୍ପର ଉପରେ ବିଶ୍ୱାସ ନ ଥିବାରୁ ଉଭୟ କଂଗ୍ରେସ ଓ ବିଜେପି ଭିନ୍ନ ଭିନ୍ନ ସାମ୍ବାଦିକ ସମ୍ମିଳନୀ କରିବା ସହ ଅଲଗା ଅଲଗା ଦିନରେ ପ୍ରତିବାଦ ପାଇଁ ସ୍ଥିର କରିଛନ୍ତି। ବିରୋଧୀଙ୍କ ମଧ୍ୟରେ ଏଭଳି ଫାଟ ଏବେ ଶାସକ ଦଳକୁ ବେଶ୍ ସୁହାଇଛି।

ଚଳିତ ମାସରେ ବିଧାନସଭାର ବର୍ଷାକାଳୀନ ଅଧିବେଶନ ବସୁଥିବାରୁ ଏମଏମଡିଆର ପ୍ରସଙ୍ଗକୁ ହାତଛଡ଼ା କରିବା ପାଇଁ ବିରୋଧୀ ଦଳ ରାଜି ନୁହନ୍ତି। ଏହାଦ୍ୱାରା ରାଜ୍ୟର କ୍ଷତି ହେବ ବୋଲି ସେମାନେ ଲୋକଙ୍କୁ ବୁଝାଇଚାଲିଛନ୍ତି। ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରତିଦିନ ଏହି ପ୍ରସଙ୍ଗରେ ସମ୍ବାଦିକ ସମ୍ମିଳନୀ କରିବା ଜାରି ରଖିଛି। ପ୍ରତିଦିନ ନୂଆ ନୂଆ କଥାକୁ ଲୋକଙ୍କ ଆଗରେ ରଖୁଛି। କଂଗ୍ରେସ ମଧ୍ୟ ଇଣ୍ଡି ମେଣ୍ଟ ବ୍ୟାନର୍ ତଳେ ଏମଏମଡିଆର୍‌କୁ ଜୋରଦାର ବିରୋଧ କରୁଛି। ବିଜେଡି ସହ ପ୍ରତିଯୋଗିତା ଭିତ୍ତିରେ ସାମ୍ବଦିକ ସମ୍ମିଳନୀ କରିବାରେ ଲାଗିଛି। ତେବେ ବିଧାନସଭା ଅଧିବେଶନ ଯେତିକି ପାଖେଇ ଆସୁଛି, ଦୁଇ ଦଳ ଏହି ପ୍ରସଙ୍ଗକୁ ଜୋରଦାର କରିଛନ୍ତି। ସେପ୍ଟେମ୍ବର ୮ ତାରିଖରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡିକ ରାଜଧାନୀରେ ଜୋରଦାର ପ୍ରତିବାଦ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସେହିଭଳି ୯ ତାରିଖରେ ବିଜେଡି ମଧ୍ୟ ସମାନ ପ୍ରସଙ୍ଗରେ ପ୍ରତିବାଦ କରିବ। ଏନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ➪ପୃଷ୍ଠା-୬

### ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

# ଏଣିକି ଅନ୍‌ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା




ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଏଣିକି ଅନ୍‌ଲାଇନ ହେବ ଆଦିବାସୀ ଜମି ହସ୍ତାନ୍ତର ଓ ଦଖଲ ମାମଲା। ରାଜସ୍ୱ ସେବାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମୟୋଚିତ କରିବାକୁ ଏହି ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ୩ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସେବାକୁ ଏଣିକି ଅନଲାଇନ୍ ଜରିଆରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଅନୁସୂଚିତ ଜନଜାତିଙ୍କ ଜମି ହସ୍ତାନ୍ତର, ବେଆଇନ ଜମି ହସ୍ତାନ୍ତର ଓ ଜମିରେ ଅନଧିକୃତ ଦଖଲ ➪ପୃଷ୍ଠା-୬

# ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି ପଲ୍ଲୀଗଡ଼ବାସୀ

## ଯାତାୟତ ପାଇଁ ନାହିଁ ରାସ୍ତା

## ନିଦ୍ରାବିଷ୍ଟ ପ୍ରଶାସନ



ମହାକାଳପଡ଼ା,୭।୯ (ସଂଚାର ବ୍ୟୁରୋ): ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଗାଁ କୁ ରାସ୍ତା ନାହିଁ।କାଦୁଅ ପଚପଚରେ ଯାତାୟତ କରି ଅଭିଶପ୍ତ ଜୀବନ ବଞ୍ଚୁଛନ୍ତି ଗ୍ରାମବାସୀ। ବର୍ଷାଦିନ ଅବସ୍ଥା ନକହିବା ଭଲ। ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀ ମଧ୍ୟ ଏହି ରାସ୍ତାକୁ ଦେଖିଲେ ଭୟ କରନ୍ତି। ଆମ୍ବୁଲାନ୍ସ ବି ପହଞ୍ଚି ପାରେନି ଗ୍ରାମ ପର୍ଯ୍ୟନ୍ତ। ସବୁ ଜାଣି ନେତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଏ ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି। ନିର୍ବାଚନ ସମୟରେ କେବଳ ଦେଖିବାକୁ ମିଳେ ନେତା ମାନଙ୍କର ଲମ୍ବା ଲମ୍ବା ପ୍ରତିଶ୍ରୁତି। ହେଲେ ନିର୍ବାଚନ ପରେ ସବୁ ପ୍ରତିଶ୍ରୁତି ପ୍ରତାରଣାରେ ପାଲଟିଯାଏ। ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପେଟଛେଲେ ପଞ୍ଚାୟତ ର ପଲ୍ଲୀଗଡ ଗ୍ରାମ ଠାରୁ ପିତାପାଟ ଓ ପଲ୍ଲୀଗଡ ଠାରୁ ଗୁପ୍ତଗିରୀ ପର୍ଯ୍ୟନ୍ତ ଥିବା ରାସ୍ତାରେ। ଦୀର୍ଘ ତିନି କିଲୋମିଟର ଏହି ମାଟି ରାସ୍ତା ପାଇଁ ଲୋକଙ୍କ କଷ୍ଟ କହିଲେ ନସରେ। ହେଲେ ଗ୍ରାମ ଉନ୍ନୟନ ବିଭାଗ କିନ୍ତୁ ଏଥିପାଇଁ ନଜର ନଦେଇ ନିଘୋଡ଼ ନିଦରେ ଶୋଇ ପଡିଥିବା ଗ୍ରାମବାସୀ କହିଛନ୍ତି। ୨୦୧୮ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ମହାକାଳପଡ଼ା ତହସିଲଦାରଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଗଣମାଧ୍ୟମକୁ କହିଥିଲେ। ହେଲେ ଜିଲ୍ଲାପାଳଙ୍କ ବଦଳି ହେବାରୁ ଯେଉଁ ଆଶା କିରଣ ସଞ୍ଚାର ହୋଇଥିଲା ସେଥିରେ ବି ଭଙ୍ଗା ପଡ଼ିଗଲା। ଏବେବି ତିନି ହଜାର ଲୋକଙ୍କ ପାଇଁ ଏହି ରାସ୍ତା ଅଭିଶପ୍ତ ପାଲଟିଛି।

ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ଦ୍ରୁତ ପଦକ୍ଷେପ ନେବାକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତେଲେ ପଲ୍ଲୀଗଡବାସୀଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନର ଏତେ ବୈମାତୃକ ମନୋଭାବ କଣ ପାଇଁ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପାଳ ଏହି ଘଟଣାରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ଗ୍ରାମବାସୀଙ୍କ ଦୀର୍ଘ ବର୍ଷର ଥିବା ରାସ୍ତା ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାଜସ୍ୱ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ତହସିଲସ୍ତରରେ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୭।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲସ୍ତରରେ ବିଚାରାଧୀନ ରାଜସ୍ୱ ସମ୍ପର୍କିତ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ଏବଂ ଜନସାଧାରଣଙ୍କୁ ନିଜ ଅଭିଯୋଗ ଉପସ୍ଥାପନ ପାଇଁ ସୁଯୋଗ ପ୍ରଦାନ ନିମନ୍ତେ ପ୍ରତି ମାସରେ ତହସିଲସ୍ତରରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଅଭିଯୋଗ ଶୁଣାଣି କରାଯାଉଛି। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ମାସ ପାଇଁ ଅଭିଯୋଗ ଶୁଣାଣିର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାପାଳ ରଘୁରାମ ଆର. ଆୟର ୧୦ ସେପ୍ଟେମ୍ବରରେ କେନ୍ଦ୍ରାପଡ଼ା ତହସିଲରେ ଅଭିଯୋଗ ଶୁଣାଣି କରିବେ।

ସେହିପରି ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ୧୯ ସେପ୍ଟେମ୍ବରରେ ପଟ୍ଟାମୁଣ୍ଡାଇ ତହସିଲରେ ଏବଂ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା ୯ ସେପ୍ଟେମ୍ବରରେ ରାଜକନିକା ତହସିଲରେ ଓ ୨୩ ସେପ୍ଟେମ୍ବରରେ ରାଜନଗର ତହସିଲରେ ଅଭିଯୋଗ ଶୁଣାଣି କରିବେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ୯ ସେପ୍ଟେମ୍ବରରେ ମାର୍ଶାଘାଇ ତହସିଲରେ ଅଭିଯୋଗ ଶୁଣାଣି କରିବେ। ସମସ୍ତ ଅଭିଯୋଗ ଶୁଣାଣି ପୂର୍ବାହ୍ନ ସାଢେ ୧୦ଟାରେ ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣିରେ ରାଜସ୍ୱ ସମ୍ପର୍କିତ ଅଭିଯୋଗ ଥିବା ଜନସାଧାରଣ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ସାମାଜିକ ସଭାବନା ପକ୍ଷରୁ ଆଧ୍ୟାତ୍ମିକ ସଂଗଠନ ପ୍ରମୁଖ ସମ୍ମିଳନୀ




କେନ୍ଦ୍ରାପଡ଼ା,୭।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସଭାବନା ପକ୍ଷରୁ ଜିଲାସ୍ତରୀୟ ଆଧ୍ୟାତ୍ମିକ ସଂଗଠନ ପ୍ରମୁଖ ସମ୍ମିଳନୀ ଇଚ୍ଛାପୁର ରଥଦାଣ୍ଡ ସ୍ଥିତ ଶ୍ରୀବଳଦେବଜୀଉଙ୍କ ଯାତ୍ରୀନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ରାଷ୍ଟ୍ରବାଦୀ ପ୍ରବକ୍ତା ତଥା ସଂସ୍କୃତ ବିଦ୍ୱାନ ବିଦ୍ୟାଭୂଷଣ ଡ଼ ଗୌତମ ମହାରଣା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୀତିନିଷ୍ଠ ଓ ମୂଲ୍ୟବୋଧଭିକ ସମାଜ ଜାଗରଣରେ ଆଧ୍ୟାତ୍ମିକ ସଂଗଠନ ମାନଙ୍କର ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ପରସ୍ପର ମଧ୍ୟରେ ସଦ୍ଭାବ ଓ ସୌହାର୍ଦ୍ଦ୍ୟ ରକ୍ଷା କରି ଗରୀମାମୟ ଭାରତବର୍ଷର ମୌଳିକ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ସମୟର ଆହ୍ୱାନ ବୋଲି ସେ ସୂଚାଇଥିଲେ। ପରିବାର ପ୍ରବୋଧନ, ସମରସ ସମାଜ, ପର୍ଯ୍ୟାବରଣ ସୁରକ୍ଷା, ନାଗରିକ ଶିଷ୍ଟାଚାର ଓ ସ୍ୱ'ର ଜାଗରଣ ପରି ପ ପରିର୍ବନକୁ ନିଜ ପରିବାରରେ ଆପଣେଇ ନେଲେ ହିଁ ସମାଜରେ ସୁଧାର ଆସିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଜିଲ୍ଲା ସଂଯୋଜକ ନିର୍ମଳ କୁମାର ସ୍ୱାଇଁ ଏଥିରେ ପୌରହିତ୍ୟ କରିଥିଲେ। କଟକ ବିଭାଗ ସହସଂଯୋଜକ ଇଂ ଅକ୍ଷୟ କୁମାର ପାଣି ଅନ୍ୟତମ ବକ୍ତାଭାବେ ଯୋଗଦେଇ ଋଷିନିର୍ମିତ ଭାରତୀୟ ସଂସ୍କୃତି, ପରମ୍ପରା, ଜୀବନ ଜିଇଁବାର କଳା କୌଶଳ ଆଧାରିତ ଶାସ୍ତ୍ର ଓ ବିଜ୍ଞାନ ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ ଦେଇଆସିଛି ବୋଲି ବକ୍ତବ୍ୟରେ କହିଥିଲେ। କେନ୍ଦ୍ରାପଡ଼ା ନଗର ସଂଯୋଜକ ଅଶୋକ କୁମାର ସୁଆର ଅତିଥିବକ୍ତା ତଥା ଆଧ୍ୟତ୍ମିକ ସଂଗଠନ ସଦସ୍ୟମାନଙ୍କର ପରିଚୟ ଦେଇଥିଲେ। ଜିଲ୍ଲା ମାର୍ଗଦର୍ଶକ ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରୀପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲାର ବହୁ ପ୍ରମୁଖ ଆଧ୍ୟାତ୍ମିକ ସଙ୍ଗଠନ ପକ୍ଷରୁ ପ୍ରତିନିଧିମାନେ ଯୋଗଦେଇ ସମାଜ ଜାଗରଣରେ ସେମାନଙ୍କର ସାଂପ୍ରତିକ ଭୂମିକା ଉପରେ ଆଲୋକପାତ କରିଥିଲେ।

# ଚୋରଙ୍କ ଟାର୍ଗେଟ୍‌ରେ ଘରଠୁ ଦୋକାନ

# ରାତି ହେଲେ ପାଟକୁରାରେ ବଢୁଛି ଭୟ



ଗରଦପୁର,୭।୯ (ସଂଚାର ବ୍ୟୁରୋ): ରାତି ହେଲେ ଗାଁରେ ନିରବତା ଛାଇଯାଏ। ଲୋକେ ଘର ଭିତରେ ଶୋଇପଡ଼ନ୍ତି। କିନ୍ତୁ ସେହି ନିରବତା ଭିତରେ ଯଦି ଚୋରଙ୍କ ପାଦଚିହ୍ନ ଘର ଆଡ଼କୁ ପହଞ୍ଚିଯାଏ, ତେବେ ସକାଳ ହେବା ପୂର୍ବରୁ ବଦଳିଯାଏ ଗୋଟିଏ ପରିବାରର ଜୀବନର ଚିତ୍ର। ପାଟକୁରା ଥାନା ଅଞ୍ଚଳରେ ଗତ କିଛିଦିନ ଧରି ସାମ୍ନାକୁ ଆସୁଥିବା ଏକାଧିକ ଚୋରି ଅଭିଯୋଗ ଏବେ ଏହି ଚିନ୍ତାକୁ ଆହୁରି ଗଭୀର କରିଛି। ବ୍ରହ୍ମପୁରଠାରୁ ଗରଦପୁର ବଜାର ଏବଂ ମେଳକ ପର୍ଯ୍ୟନ୍ତ ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି।

ଚୋରଙ୍କ ଟାର୍ଗେଟ୍‌ରେ ବିବାହ ଘର ବ୍ରହ୍ମପୁରରେ ଗଜେନ୍ଦ୍ର ସାହୁଙ୍କ ଘରେ ଚୋରି ଅଭିଯୋଗ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରରେ। ଝିଅ ବିବାହ ପାଇଁ ପରିବାର ପକ୍ଷରୁ ସଞ୍ଚୟ କରି ରଖାଯାଇଥିବା ସୁନା, ରୁପା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ପରିବାରକୁ ଗଭୀର ମାନସିକ ଆଘାତ ଦେଇଛି। ଏହା କେବଳ ଟଙ୍କା କିମ୍ବା ଅଳଙ୍କାର ହରାଇବାର ଘଟଣା ନୁହେଁ। ଏହା ସହ ଜଡ଼ିତ ରହିଛି ଗୋଟିଏ ପରିବାରର ବର୍ଷ ବର୍ଷର ସଞ୍ଚୟ ଓ ଝିଅ ବିବାହର ସ୍ୱପ୍ନ।

ଗରଦପୁର ବଜାରରେ ଏକ ଦୋକାନରେ ଚୋରି ଉଦ୍ୟମ ଏବଂ ସିସିଟିଭି ତାଡ଼ି ଦିଆଯାଇଥିବା ଅଭିଯୋଗ ମଧ୍ୟ ଚିନ୍ତା ବଢ଼ାଇଛି। ଯଦି ଅପରାଧୀମାନେ ସିସିଟିଭି ଭଳି ନଜରଦାରି ବ୍ୟବସ୍ଥାକୁ ମଧ୍ୟ ନଷ୍ଟ କରିବାକୁ ସାହସ କରୁଛନ୍ତି, ତେବେ ଏହା ଅପରାଧୀଙ୍କ ସାହସ ସମ୍ପର୍କରେ ଏକ ଗମ୍ଭୀର ସଙ୍କେତ ବୋଲି ମତ ପ୍ରକାଶ ପାଉଛି।

ସେହିପରି ମେଳକ ଅଞ୍ଚଳରେ ବିବାହ ପାଇଁ ରଖାଯାଇଥିବା ସୁନା ଓ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଏଭଳି ଘଟଣାରେ ଅପରାଧୀଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହେଲେ ଲୋକଙ୍କ ମନରେ ସୁରକ୍ଷାକୁ ନେଇ ଅବିଶ୍ୱାସ ବଢ଼ିବା ସ୍ୱାଭାବିକ। ତେଣୁ ପୂର୍ବରୁ ଘଟିଥିବା ଚୋରି ଘଟଣାଗୁଡ଼ିକର ତଦନ୍ତ କେଉଁ ସ୍ଥିତିରେ ରହିଛି, ଅପରାଧୀଙ୍କ ପର୍ଯ୍ୟନ୍ତ ପୋଲିସ କେତେ ଦୂର ପହଞ୍ଚିଛି ଏହାର ସ୍ପଷ୍ଟତା ମଧ୍ୟ ଅଞ୍ଚଳବାସୀ ଚାହୁଁଛନ୍ତି।

ଗରଦପୁର ବଜାର ଅଞ୍ଚଳରେ ବ୍ରାଉନ୍‌ସୁଗର, ଚୋରା ମଦ ଓ ଗଞ୍ଜେଇ କାରବାର ନେଇ ସ୍ଥାନୀୟସ୍ତରରେ ବିଭିନ୍ନ ଅଭିଯୋଗ ଉଠୁଛି। ତେବେ ଏହି ଅଭିଯୋଗଗୁଡ଼ିକର ସତ୍ୟତା ଓ ଚୋରି ଘଟଣା ସହ ଏହାର କୌଣସି ସମ୍ପର୍କ ଅଛି କି ନାହିଁ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ନିଶାଦ୍ରବ୍ୟ ଓ ଅବୈଧ କାରବାର ଉପରେ କଡ଼ା ନଜରଦାରି ସହ ରାତ୍ରିକାଳୀନ ପାଟ୍ରୋଲିଂକୁ ଆହୁରି ମଜବୁତ କରିବାକୁ ଦାବି ହେଉଛି।

# କଷଣଅଣ୍ଟା ଉପ୍ରା ବିଦ୍ୟାଳୟରେ ଗୁରୁ ଦିବସ ପାଳିତ



ପଟ୍ଟାମୁଣ୍ଡାଇ,୭।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ଉପ୍ରା ସ୍କୁଲରେ ଗୁରୁଦିବସ ସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ବନଜା ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ସୁନାମଧନ୍ୟ ପ୍ରାକ୍ତନ ପ୍ରଧାନଶିକ୍ଷକ କଣ୍ଡୁରି ଚରଣ ସ୍ୱାଇଁ ଓ ସୁରେଶ ଚନ୍ଦ୍ର ଜେନା ଏବଂ ପ୍ରାକ୍ତନ ଆଦର୍ଶ ଶ୍ରୀଧର ରାଉତଙ୍କୁ ଉପଢୌକନ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ଆଳି,୭।୯ (ସଂଚାର ବ୍ୟୁରୋ): ଆଳି ବ୍ଲକ ପରିସରରେ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଶିବିରରେ ମୋଟ ୧୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୧୪୬ଟି ବ୍ୟକ୍ତିଗତ ଏବଂ ୨୫ଟି ସାମୁହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।ପଞ୍ଜିକୃତ ଅଭିଯୋଗ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲାପାଳ, ପୂର୍ବରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ଗୁଡିକ ସମୀକ୍ଷା କରିଥିଲେ।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଏସପି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ଆଳି ବିଡ଼ିଓ,ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଘର ମାଲିକଙ୍କୁ ବାନ୍ଧି ଅଳଙ୍କାର ଲୁଟ୍

ମାର୍ଶାଘାଇ,୭।୯ (ସଂଚାର ବ୍ୟୁରୋ): ମାର୍ଶାଘାଇ ଥାନା ଅନ୍ତର୍ଗତ ଗରଜଙ୍ଗା ଗ୍ରାମରେ ରବିବାର ରାତି ପ୍ରାୟ ୯ ଟା ସମୟରେ ମୁଖା ପିନ୍ଧା ଦୁର୍ବୃତ୍ତ ୪ ଜଣ ଘରେ ପଶି ଘର ମାଲିକଙ୍କୁ ବାନ୍ଧି ସୁନା ରୂପା ଅଳଙ୍କାର ଲୁଟ କରିନେଇଥିବା ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଘର ମାଲିକ କମିଳା ନିଜ ଘରର ସମ୍ମୁଖରେ ବଖରାରେ ଏକ ଅଳଙ୍କାର ମରାମତି ଦୋକାନ କରିଛନ୍ତି। ଘର ମାଲିକ ଦୋକାନ ବନ୍ଦ କରି ଘରେ ବସିଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ବାନ୍ଧି ବନ୍ଧୁକ ଦେଖାଇ ଭୟଭୀତ କରି ଦୋକାନ ଘର ଚାବି ନେଇ ସଟର ଖୋଲି ଦୋକାନରେ ଥିବା ସୁନା ରୂପା ଅଳଙ୍କାର ଲୁଟ କରିନେଇଯାଇଛନ୍ତି। ମାର୍ଶାଘାଇ ପୋଲିସ ତଦନ୍ତ ଜାରି ରଖି ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ରଖିଛି।

## ଛେଳି ଚୋରୀ ଉଦ୍ୟମ, ୪ ଗିରଫ

ହିଞ୍ଜିଳିକାଟୁ,୭।୯ (ସଂଚାର ବ୍ୟୁରୋ): ହିଞ୍ଜିଳି ଥାନା ଖଇରବେଠି ଗ୍ରାମରେ ୪ ଜଣ ଯୁବକଙ୍କୁ ବିଳମ୍ବିତ ରାତିରେ ଛେଳି ଚୋରି କରିବାକୁ ଆସିଥିବା ସନ୍ଦେହରେ ଗ୍ରାମବାସୀ ମାଡ଼ ମାରୁଥିବା ଭିଡ଼ିଓ ଆଜି ସକାଳୁ ସକାଳୁ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣା ଆଜି ଦିନ ତମାମ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁସାରେ, ବ୍ରହ୍ମପୁର ଅଞ୍ଚଳର ୪ ଜଣ ଯୁବକ ହିଞ୍ଜିଳି ଥାନା ଖଇରବେଠି ଗ୍ରାମରେ ପହଞ୍ଚିଥିଲେ। ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଛେଳି ଗୁହାଳରେ ପଶି ଛେଳି ଚୋରୀ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଗାଁ'ର



କିଛି ଯୁବକ ପରିଶ୍ରା କରିବାକୁ ଘର ବାହାରକୁ ଆସିଥିବା ବେଳେ ଯୁବକମାନେ ଗୁହାଳ ଭିତରେ ପଶିଯାଇଥିଲେ। ପରିସ୍ରା ପାଇଁ ବାହାରକୁ ଆସିଥିବା ଯୁବକ ମାନେ ଗାଁରେ ହାଲ୍ଲା କରିଥିଲେ। ଗ୍ରାମବାସୀ ପହଂଚି ଯୁବକମାନଙ୍କୁ କାବୁ କରିବା ସହ ଠେଙ୍ଗା ବାଡ଼ିରେ ଆକ୍ରମଣ କରିଥିଲେ। ଖବର ପାଇଁ ହିଞ୍ଜିଳି ପୋଲିସ ୪ ଯୁବକଙ୍କୁ ଗ୍ରାମବାସୀଙ୍କ ଠାରୁ ଉଦ୍ଧାର କରି ଥାନାକୁ ଆଣି ପଚାରାଉଚୁରା କରି ଗିରଫ କରିଛି। ଗିରଫ ଯୁବକ ମାନେ ହେଲେ ବ୍ରହ୍ମପୁର ଟାଉନ୍ ଥାନା ଅଞ୍ଚଳର ଏସ. କାହ୍ନା ରାଓ(୩୦), ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର କାହ୍ନୁ ଚରଣ ମହାରଣା (୨୪), ନିମଖଣ୍ଡି ଥାନା ଲୋଚାପଡା ଗ୍ରାମର ରାଜେନ୍ଦ୍ର ସାହୁ @ ବବୁଲ (୨୧) ଓ ହିଞ୍ଜିଳି ଥାନା ତହଁର ଗ୍ରାମର ବିଭୁତି ଭୁଷଣ ମହାରଣା (୩୨)। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୬୩୧/୨୬ରେ ଏକ ମାମଲା ରୁଜୁ କରଯାଇ ରବିବାର ଶେରଗଡ କୋର୍ଟ ଚାଲାଣ କରାଯାଇଛି।

# ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦ୍ରାପଡ଼ା,୭।୯ (ସଂଚାର ବ୍ୟୁରୋ): ଆଧୁନିକ ଓଡ଼ିଶା ଗଠନର ଅନ୍ୟତମ ବିନ୍ଧାଣୀ, କର୍ମବୀର ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଅମ୍ଳାନ ସ୍ମୃତିଚାରଣ ସହ ଜନସେବା, ରାଜନୈତିକ ଦୂରଦୃଷ୍ଟି ଏବଂ କେନ୍ଦ୍ରାପଡ଼ା ଓ ଓଡ଼ିଶା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନକୁ ସ୍ମରଣ କରାଯାଇଥିଲା।ସକାଳେ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶନିଘାଟଠାରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବସ୍‌ଷ୍ଟାଣ୍ଡଠାରେ ସ୍ଥାପିତ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରାଯାଇଥିଲା। ଏହାପରେ ଭାଗବତ ପ୍ରସାଦ ମହାନ୍ତିଙ୍କ ବାସସ୍ଥାନଠାରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

ଟ୍ରଷ୍ଟର ସଭାପତି ଶ୍ରୀ ଗୁରୁ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରତିଭା ପୂଜା ସଂସଦର ସଭାପତି ଶ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକାରୀ ସଭାପତି ତଥା ପୌର ସଭାର ବିରୋଧୀ ଦଳ ନେତା ଶରତ କୁମାର ବେହୁରାଙ୍କ ପ୍ରଯୋଜନାରେ ସ୍ୱାଗତ ଭାଷଣ ପ୍ରଦାନ କରି ସ୍ୱର୍ଗତ ବିଶ୍ୱାଳଙ୍କ ଜୀବନାଦର୍ଶ, ଜନସେବା ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ସଭାରେ ସୁଶୀଲ କୁମାର ସାମଲ, ସଦସ୍ୟ ମୁକ୍ତାର ଖାଁ, ଗୁଣନିଧି ଜଗତି, କୃଷ୍ଣ ପ୍ରସାଦ ଦାସ, ପୂର୍ବତନ ପୌରପାଳ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ବସନ୍ତ କୁମାର ସେଠୀ, ବଂଶୀଧର ମହାନ୍ତି, ସମାଜସେବୀ ଗୋଲେଖ ପଢ଼ିହାରୀ, ଡା. ଚୈତନ୍ୟ ଚରଣ ପରିଡ଼ା, ପୀତବାସ ବେହେରା, ବରିଷ୍ଠ ସାମ୍ବାଦିକ ପରେଶ ଦାସ, ସନ୍ତୋଷ କୁମାର ବେହେରା ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା, ଦୃଢ଼ ନେତୃତ୍ୱ, ରାଜନୈତିକ ଦୂରଦୃଷ୍ଟି ଓ ଜନସେବାର ଅନନ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ।

## କାଳୀୟଦଳନ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପୀନାଥ



ସତ୍ୟବାଦୀ,୭।୯ (ସଂଚାର ବ୍ୟୁରୋ): ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥି ଅବସରରେ ସାକ୍ଷୀଗୋପିନାଥ ମନ୍ଦିରରେ ପରମ୍ପରା କ୍ରମେ ଶ୍ରୀ ସାକ୍ଷୀଗୋପିନାଥଙ୍କ କାଳୀୟଦଳନ ପର୍ବ ଓ ଦେବନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଠାକୁର କାଳୀୟଦଳନ ବେଶରେ ସିଂହାସନ ଉପରେ ସପ୍ତଫେଣୀ ନାଗ ଉପରେ ନୃତ୍ୟରତ ଭଙ୍ଗୀରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଠାକୁର ବାମ ହସ୍ତରେ କାଳୀୟ ନାଗର ଲାଞ୍ଜ ଧରିଥିବାବେଳେ ମସ୍ତକରେ କିରିଟ, ହସ୍ତରେ ବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ କୁଣ୍ଡଳ ଓ ପୀତବସ୍ତ୍ର ପରିଧାନ କରିଥିଲେ। ଏହି ମନୋରମ ବେଶ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଗୋଧନ ବାହୁଡ଼ା ଭୋଗ ପରେ ସାକ୍ଷୀଗୋପିନାଥଙ୍କ ବିଜେ ପ୍ରତିମା ମଦନମୋହନ ଦେବ ଓ ଲବଣିଚୋରା ଠାକୁର ବିମାନରେ ରଙ୍ଗଣିସାହି ସ୍ଥିତ ଲବଣିଖିଆ ମଣ୍ଡପକୁ ବିଜେ କରିଥିଲେ। ସେଠାରେ ମହାଭୋଇ କୁଳର କୁଳବଧୂମାନେ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଏହାପରେ ଠାକୁର ବିମାନ ଯୋଗେ ରାଧାକୁଣ୍ଡକୁ ବିଜେ କରିବା ପରେ ସେଠାରେ ପନ୍ତିଭୋଗ, ଆଳତି ଓ ଅନ୍ୟାନ୍ୟ ଉପଚାର ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ଲୀଳାରେ ଜଣେ ସେବାୟତ ଶ୍ରୀକୃଷ୍ଣ ବେଶରେ, ମଣ୍ଡଣି ସୁଆଁସିଆ ସେବକ କାଳୀୟ ନାଗ ବେଶରେ ଏବଂ ବିଶୋଇ ସେବକ ଗରୁଡ଼ ବେଶରେ ଯୋଗଦେଇ ଦେବନୀତି ସମ୍ପନ୍ନ କରିଥିଲେ। ତୀର୍ଥ ପୁଷ୍କରିଣୀ କେତକୀଝର ଠାରେ କାଳୀୟଦଳନ ଦେବନୀତି ଦେଖିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

# ପାଣି ଘେରରେ ଚାରି ପଞ୍ଚାୟତର ଶହଶହ ହେକ୍ଟର ଚାଷ ଜମି

### କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି



ଆଳି,୭।୯ (ସଂଚାର ବ୍ୟୁରୋ): ଦୁଇ ମାସ ହେଲାଣି ପାଣିରେ ବୁଡ଼ି ରହିଛି ଚାରି ପଞ୍ଚାୟତର ଚାଷଜମି। ଶହ ଶହ ହେକ୍ଟର ଧାନତଳି ସବୁ ପଚିଶଢ଼ି ନଷ୍ଟ ହୋଇଗଲାଣି। ଚାଷୀର ସୁନାର ଫସଲ ନଷ୍ଟ ହେବାଦେଖି ଭାଙ୍ଗି ପଡ଼ିଛି ଚାଷୀ।ଆଳି ବ୍ଲକ ୩୪ ପଞ୍ଚାୟତ ଚାଷ ପ୍ରଭାବିତ ହୋଇଥିବା ବେଳେ ଚଣ୍ଡିଆ ଗଡି, ମାଣିକପାଟଣା,ସିଙ୍ଗିରି , ଅରେଇକଣା ପଞ୍ଚାୟତ ଚାଷ ଜମିର ଏବେବି ଶହଶହ ହେକ୍ଟର ଚାଷ ଜମି ବର୍ଷା ଓ ବନ୍ୟା ପାଣିରେ ବୁଡ଼ିକି ରହିଛି। ଏ ନେଇ ଆଜି ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟିଦାବି ପତ୍ର ଦେଇଛନ୍ତି। ପାଣି ଛାଡିଛି ସତ କିନ୍ତୁ ଦୁର୍ଦ୍ଦଶା ଚାଷୀଙ୍କ ବଢ଼ାଇଛି ।ଫଳରେ ଉଜୁଡ଼ା କ୍ଷେତ୍ରକୁ ଦେଖି ଚିନ୍ତାରେ ପଡିଛି ଚାଷୀ।ଚାଷୀ ମାନେ ଚେତାବନୀ ଦେଇଛନ୍ତି ଖୁବ୍ ଶୀଘ୍ର କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ। ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।ଅନ୍ୟପଟେ ଆଳି ବ୍ଲକର ୩୪ଟି ପଞ୍ଚାୟତରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି।ଖୁବଶୀଘ୍ର କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି ହୋଇଛି।

# ହୋଟେଲ୍‌ରେ ନିଶାସେବନ ଓ ଅସାମାଜିକଙ୍କ ଉପରେ ପୁଲିସ ପକ୍ଷରୁ ଚଢ଼ାଉ



ପାରାଦ୍ୱୀପ,୭।୯ (ସଂଚାର ବ୍ୟୁରୋ): ପାରାଦ୍ୱୀପ ସହରରେ ହୋଟେଲ୍‌ରେ ନିଶାସେବନ, ମଦ୍ୟପାନ ଓ ଅସାମାଜିକ ଗତିବିଧିକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଚଢ଼ାଉ ଓ ଯାଞ୍ଚକୁ ଜୋରଦାର କରାଯାଇଛି। ଆଡିସନାଲ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରାଦ୍ୱୀପ ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ବିଭିନ୍ନ ହୋଟେଲ୍ ଓ ସମ୍ବେଦନଶୀଳ ସ୍ଥାନରେ ଅଚାନକ ଚଢ଼ାଉ କରୁଛି।

ବିଶେଷକରି ହୋଟେଲ୍‌ରେ ବସି ମଦ୍ୟପାନ କରିବା, ନିଶାସେବନ କରିବା ଏବଂ ନିଶାକୁ ନେଇ ଅସାମାଜିକ ଗତିବିଧି କରୁଥିବା ବ୍ୟକ୍ତିଙ୍କ ଉପରେ ପୁଲିସର ନଜର ରହିଛି। ପୁଲିସର ଅଚାନକ ଚଢ଼ାଉ ଓ ଯାଞ୍ଚ ଯୋଗୁଁ ମଦୁଆ ଓ ଆଣ୍ଟିସୋସିଆଲଙ୍କ ମଧ୍ୟରେ ଛାନିଆ ପଶିଛି। ସହରରେ ଅପରାଧ ନିୟନ୍ତ୍ରଣ, ନିଶା କାରବାର ରୋକିବା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ଆଡିସନାଲ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏଭଳି ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଉଛି। ଆଦର୍ଶ ଥାନା ଅଧିକାରିଣୀ ବବିତା ଦେହୁରୀଙ୍କ ସକ୍ରିୟତା ଯୋଗୁଁ ପୁଲିସର ଏହି ଅଭିଯାନ ଅଧିକ ପ୍ରଭାବଶାଳୀ ହୋଇଥିବା ଚର୍ଚ୍ଚା ହେଉଛି।

# ଭିଟାମାଟି ଛାଡ଼ିବା ନୋଟିସକୁ ନେଇ ତେଜିଲା ବିବାଦ



କୋରାପୁଟ,୭।୯ (ସଂଚାର ବ୍ୟୁରୋ): ଦୀର୍ଘ ୮୦ ବର୍ଷର ବସତି। ଏହି ମାଟିରେ ପିଢ଼ି ପରେ ପିଢ଼ି ଗଢ଼ିଉଠିଛି ଘର, ପରିବାର ଓ ଜୀବନଜୀବିକା। ହେଲେ ହଠାତ୍ ଘର ଖାଲି କରିବାକୁ ମିଳିଛି ନୋଟିସ। ଏହାକୁ ନେଇ ବାରିଣୀପୁଟ ଅଞ୍ଚଳର ଓଏଚପିସି କଲୋନୀବାସୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ।

ଉପର କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ, ଓଏଚପିସି, ବାରିଣୀପୁଟ ପକ୍ଷରୁ ଜାରି ନୋଟିସରେ ସରକାରୀ ସମ୍ପତ୍ତି ଅନଧିକୃତ ଭାବେ ଦଖଲ କରି ରଖାଯାଇଥିବା ଦର୍ଶାଯାଇଛି। ନୋଟିସ ନମ୍ବର ୨୩୩୯/୨୦୨୬, ତାରିଖ ୧୯ ଅଗଷ୍ଟ ୨୦୨୬ ଅନୁସାରେ, ନୋଟିସ ପାଇବାର ୧୫ ଦିନ ମଧ୍ୟରେ ସମ୍ପତ୍ତି ଖାଲି କରି ପ୍ରକଳ୍ପ କାର୍ଯ୍ୟାଳୟକୁ ଜଣାଇବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟରେ ଜାଗା ଖାଲି ନକଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ତେବେ ନୋଟିସ ପାଇଥିବା ପରିବାରଗୁଡ଼ିକ ଏହାକୁ ସହଜରେ ଗ୍ରହଣ କରିବାକୁ ନାରାଜ।

ସେମାନଙ୍କ କହିବା କଥା, ପ୍ରାୟ ୮୦ ବର୍ଷ ଧରି ସେମାନେ ଏଠାରେ ବସବାସ କରିଆସୁଛନ୍ତି। ଏହି ଭିଟାମାଟି ସହ ସେମାନଙ୍କ ପରିବାର, ସ୍ମୃତି ଓ ଜୀବିକା ଜଡ଼ିତ ରହିଛି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଞ୍ଚଳରେ ସରକାରୀ ଯୋଜନା ଅଧୀନରେ ମଧ୍ୟ ଘର ନିର୍ମାଣ ହୋଇଥିବା କଲୋନୀବାସୀ କହିଛନ୍ତି। ତେଣୁ ଦୀର୍ଘ ବର୍ଷ ଧରି ରହୁଥିବା ପରିବାରଙ୍କୁ ହଠାତ୍ ଘର ଖାଲି କରିବାକୁ କୁହାଯିବାକୁ ନେଇ ଉଠିଛି ପ୍ରଶ୍ନ। ଏହି ପ୍ରଶ୍ନ ଉଠାଇ କଲୋନୀବାସୀ ପ୍ରଥମେ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ସରକାର ଆଲୋଚନା କରୁ ବୋଲି ଦାବି କରିଛନ୍ତି। ପୁନର୍ବାସ ବ୍ୟବସ୍ଥା ନକରି ଘର ଖାଲି କରିବାକୁ ଦିଆଯାଇଥିବା ନୋଟିସକୁ ସେମାନେ ବିରୋଧ କରିଛନ୍ତି।

ଏ ନେଇ କଲୋନୀବାସୀ ଜୟପୁର ତହସିଲଦାର, ଜୟପୁର ଉପଜିଲ୍ଲାପାଳ ଓ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ରାଜ୍ୟସ୍ତରୀୟ ଜଳ ବିଦ୍ୟୁତ ପ୍ରକଳ୍ପର ମାନବ ସମ୍ବଳ ନିର୍ଦ୍ଦେଶକ ଓ ସମ୍ପାଦକଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଇଥିବା ସେମାନେ କହିଛନ୍ତି।

■ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେଲେ ବାଚସ୍ପତି ଓ ବିଧାୟିକା

## ବିଧାୟିକାମାନଙ୍କୁ 'ଜେଣ୍ଡର ରେସ୍ପନ୍ସିଭ୍ ଗଭର୍ଣ୍ଣାନ୍ସ' ତାଲିମ




ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ଆଜି ନୂଆଦିଲ୍ଲୀରେ ଆୟୋଜିତ ସର୍ବଭାରତୀୟ ସ୍ତରରେ କାପାସିଟି ବିଲ୍ଡିଂ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ ଆମେ ବଜେଟ୍ ପ୍ରସ୍ତୁତିଠାରୁ ଆରମ୍ଭ କରି ଆଇନ ପ୍ରଣୟନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମହିଳାମାନଙ୍କୁ ସର୍ବାଗ୍ରେ ଗୁରୁତ୍ୱ ଦେଇଆସୁଅଛୁ। ତୃଣମୂଳ ସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତ ସ୍ତରରେ ସଂରକ୍ଷଣର ସୁବିଧା ପ୍ରଦାନ କରୁଅଛୁ। ମିଶନ ଶକ୍ତି ମାଧ୍ୟମରେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ଆଜି ଉପକୃତ ହୋଇପାରିଛନ୍ତି। ସ୍ୱୟଂ ସହାୟକ ମହିଳା ଗୋଷ୍ଠୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ସରକାର ସବୁ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି। ମାତୃଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଉଦ୍ଦେଶ୍ୟରେ କିଶୋରୀମାନଙ୍କ ପୋଷଣ ବୃଦ୍ଧି ପାଇଁ ଯୋଜନା କାର୍ଯ୍ୟକାରୀ ହେଉଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ଶିକ୍ଷା ପାଇଁ ୭୩୦ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ମହାବିଦ୍ୟାଳୟ ଓ ୧୬ଟି ବିଶ୍ୱବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

ସର୍ବଭାରତୀୟ କାପାସିଟି ବିଲ୍ଡିଂ ସମ୍ମିଳନୀ ସେପ୍ଟେମ୍ବର ୭ ଓ ୮ ଦୁଇଦିନ ଧରି ଦିଲ୍ଲୀଠାରେ ଅନୁଷ୍ଠିତ ହେଉଛି। ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବାବେଳେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା ରାହାତକର୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଏକ ସୁଦୃଢ଼ ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ସହ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ସର୍ବଭାରତୀୟ କାପାସିଟି ବିଲ୍ଡିଂ ସମ୍ମିଳନୀ ଆରମ୍ଭ ହୋଇଛି। ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ତାଲିମ ପ୍ରଦାନ ଦ୍ୱାରା ସେମାନଙ୍କର ଲେଖନୀ ଶୈଳୀ, ଭାବଗତ ଆଦାନପ୍ରଦାନ, ଚିନ୍ତନ ଶୈଳୀରେ ପରିବର୍ତ୍ତନ ମାଧ୍ୟମରେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ବିକାଶ ଘଟିବ। ଏଥି ପାଇଁ ମହିଳା କମିଶନ ପକ୍ଷରୁ ବିଧାୟିକାମାନଙ୍କୁ 'ଜେଣ୍ଡର ରେସ୍‌ପନ୍‌ସିଭ୍ ଗଭର୍ଣ୍ଣାନ୍ସ' ତାଲିମ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ସମ୍ମିଳନୀରେ ପ୍ରଥମ ଥର ପାଇଁ ଦେଶର ସମସ୍ତ ରାଜ୍ୟର ମହିଳା ବିଧାୟିକା ଓ ବିଧାନ ପରିଷଦର ସଦସ୍ୟାମାନେ ଯୋଗଦେଇଛନ୍ତି।

ବିଭିନ୍ନ ପ୍ରମୁଖ ଯୋଜନା ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ମାରାଥନ୍ ସମୀକ୍ଷା

# ଭୂଦାନ ଜମି ଜାଲିଆତିର ହେବ ତଦନ୍ତ

■ ରାଜ୍ୟର ସମସ୍ତ ଭୂଦାନ ଜମିର ହେବ କମ୍ପ୍ୟୁଟରାଇଜେସନ୍

■ କେବଳ ବାସହୀନ ବ୍ୟକ୍ତିଙ୍କ ସପକ୍ଷରେ ରେକର୍ଡ ହେଇପାରିବ ଭୂଦାନ ଜମି



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଭାଗର ବିଭିନ୍ନ ପ୍ରମୁଖ ଯୋଜନା ଓ ନାଗରିକକୈନ୍ଦ୍ରିକ ସେବାଗୁଡ଼ିକର କାର୍ଯ୍ୟକାରିତା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ଜନସାଧାରଣଙ୍କୁ ସ୍ୱଚ୍ଛ, ଦ୍ରୁତ ଓ ସୁଗମ ରାଜସ୍ୱ ସେବା ଯୋଗାଇଦେବା ସହ ଜମିଜମା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍କାରମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। ବୈଠକର ଆଲୋଚନା ଅନୁଯାୟୀ, ରାଜ୍ୟରେ ଥିବା ପ୍ରାୟ ସମସ୍ତ ଭୂଦାନ ଜମିର ପୁରାତନ ରେକର୍ଡଗୁଡ଼ିକର ସ୍କାନିଂ, ଡିଜିଟାଲାଇଜେସନ୍ ଏବଂ 'ଭୂଦାନ-ଏଲ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍' ମାଧ୍ୟମରେ ଭୂଲେଖ ସହ ଯୋଡ଼ାଯିବାର ବ୍ୟବସ୍ଥା କରାଯିବ।

ଡିଜିଟାଲ ରେକର୍ଡ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଭୂଦାନ ଜମିର ଅବୈଧ ହସ୍ତାନ୍ତର ଓ ମ୍ୟୁଟେସନ୍ ଉପରେ କଟକଣା ଲଗାଯିବ। ଭୂଦାନ ଜମି ସମ୍ପର୍କିତ ଜାଲିଆତିର ଦୃଢ଼ ତଦନ୍ତ ହେବା ସହ ବେଆଇନ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ। ଆଚାର୍ଯ୍ୟ ବିନୋବା ଭାବେଙ୍କ ମହତ ଉଦ୍ଦେଶ୍ୟକୁ ଅଗ୍ରାଧିକାର ଦେଇ କେବଳ ପ୍ରକୃତ ବାସହୀନଙ୍କ ସପକ୍ଷରେ ହିଁ ଭୂଦାନ ଜମି ଆବଣ୍ଟନ କରାଯିବ। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷାକୁ ପ୍ରାଥମିକତା ଦେଇ ରାଜ୍ୟର ପ୍ରାଥମିକ ପର୍ଯ୍ୟାୟରେ ୧୭ଟି ଜିଲ୍ଲାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ମୋଟ ୩୧,୯୦୬.୫୨ ଏକର (ଖୋର୍ଦ୍ଧା ଜିଲ୍ଲାରେ ୨୦,୫୦୭.୩୬ ଏକର) ଜମି ହାଲ୍ ରେକର୍ଡ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ଏସ୍‌ଜେଟିଏ ଜମିରୁ ବେଆଇନ ଜବରଦଖଲ ଉଚ୍ଛେଦ (ବିଶେଷକରି ଜାତୀୟ/ରାଜ୍ୟ ରାଜପଥ କଡ଼ରେ) ଏବଂ ରାଜସ୍ୱ ମାମଲାର ଦ୍ରୁତ ସମାଧାନ ପାଇଁ କଡ଼ା ପଦକ୍ଷେପ ନିଆଯାଉଛି।

ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ଓ ପୁନରୁଦ୍ଧାରକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟ ରାଜ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ଚିଠି ଲେଖାଯାଇ ସେସବୁ ରାଜ୍ୟରେ ଥିବା ମହାପ୍ରଭୁଙ୍କ ଭୂସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ ସହ ସେସବୁର ପୁନରୁଦ୍ଧାର କରାଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ, ମାର୍ଫତ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସପକ୍ଷରେ ସମ୍ପୂର୍ଣ୍ଣ ପଞ୍ଜୀକରଣ ନିମନ୍ତେ ପଦକ୍ଷେପ ନିଆଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏଥିସହ ବସୁନ୍ଧରା ଯୋଜନାରେ ସର୍ଭେ କରାଯାଇ ଗତ ଦୁଇ ବର୍ଷରେ ୩୪,୨୫୧ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଘରଡ଼ିହ ଆବଣ୍ଟନ କରାଯାଇଥିବା ବେଳେ ଯୋଜନାର ସଫଳ ରୂପାୟନ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରାଥମିକତା ଦେଇ ବିଭିନ୍ନ ସମସ୍ୟାର ସୁବ୍ୟବସ୍ଥିତ ସମାଧାନ ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ରାଜ୍ୟର ମୋଟ ୫୨,୦୫୬ଟି ଶିକ୍ଷାନୁଷ୍ଠାନ (ଡିଗ୍ରୀ କଲେଜ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ) ମଧ୍ୟରୁ ୨୭,୫୫୬ଟି ଅନୁଷ୍ଠାନ ସପକ୍ଷରେ ଜମିପଟ୍ଟା (ଆର୍‌ଓଆର୍) ସଂଶୋଧନ ସରିଛି। ଲିଜ୍ ଯୋଗ୍ୟ ଜମିରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସମ୍ପୂର୍ଣ୍ଣ ଆର୍‌ଓଆର୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ରାଜସ୍ୱ ପର୍ଷଦର ସଚିବ, ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ବି.କମ୍ ପରୀକ୍ଷାରେ ଶୁଭମ ଶେଖର ଟପ୍ପର୍



ଚୌଦ୍ୱାର,୭।୯(ସଂଚାର ବ୍ୟୁରୋ): ଉତ୍କଳ ବିଶ୍ୱବିବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୬ ବି.କମ (ଅନର୍ସ) ପରୀକ୍ଷାରେ କଟକ ଜିଲ୍ଲା, ଚୌଦ୍ୱାର ଥାନା, ସାଲଗାଁର ଶୁଭମ ଶେଖର ଦାସ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି। ସେ ହେଉଛନ୍ତି ସନ୍ତୋଷୀ ପଟ୍ଟନାୟକ ଓ ସଂଗ୍ରାମ ଦାସଙ୍କ ସୁପୁତ୍ର ତଥା ମନୋରମା ଦାସ ଓ ସ୍ୱର୍ଗତଃ ବିଜୟ ଦାସଙ୍କ ନାତି। ଶୁଭମ ଭୁବନେଶ୍ୱରସ୍ଥିତ ଡିଏଭି ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟରୁ ଏହି ସଫଳତାପୂର୍ବକ ବି.କମ ପାସ୍ କରିଛନ୍ତି। ତାଙ୍କର ଏହି ଗୌରବମୟ ସଫଳତା ପାଇଁ ସମସ୍ତ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆପତ୍ତିଜନକ ଦୃଶ୍ୟ ପରିବେଷଣ କରି ଚେୟାର ମାଡ଼ ଖାଇଲେ ନିଶା



ଆଠଗଡ଼,୭।୯(ସଂଚାର ବ୍ୟୁରୋ): ଷ୍ଟେଜରେ ନିଶାଙ୍କୁ ଚେୟାର ମଡ଼େ ହୋଇଛି। ଆପତ୍ତିଜନକ ଦୃଶ୍ୟ ପରିବେଷଣ କରିବା ଅଭିଯୋଗରେ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଆଠଗଡ଼ କଇଥ ଛକଠାରେ ଯାତ୍ରା ପରିବେଷଣ ଚାଲିଥିବା ବେଳେ ଉତ୍ତ୍ୟକ୍ତ ଦର୍ଶକ ମଞ୍ଚ ଉପରକୁ ଚେୟାର ଓ ପାଣି ବୋତଲ ମାଡ଼ କରିଥିଲେ। ସୂଚନାନୁଯାୟୀ, ନୂଆ କରି ଗଢ଼ି ଉଠିଥିବା ତାରିଣୀ ଗଣନାଟ୍ୟ ପକ୍ଷରୁ ରବିବାର ଆଠଗଡ଼ କଇଥ ଛକଠାରେ ଯାତ୍ରା ପରିବେଷଣ କରାଯାଉଥିଲା। ଏହି ନାଟକର ଶୀର୍ଷକ ଥିଲା 'ନିଶା ନିଶା ରାତି'। ଏହି ନାଟକରେ ଅଭିନେତ୍ରୀ ନିଶା ମହାରଣା ଅଭିନୟ କରୁଥିଲେ। ମଞ୍ଚ ଉପରେ ସେ ନିଜର କଳା ପ୍ରଦର୍ଶନ କରୁଥିବା ବେଳେ ଏକ ଆପତ୍ତିଜନକ ଦୃଶ୍ୟ ପରିବେଷଣ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ଦେଖି ଦର୍ଶକମାନେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଅଶ୍ଳୀଳ ତଥା ଆପତ୍ତିଜନକ ଦୃଶ୍ୟକୁ ସହ୍ୟ କରି ନ ପାରି ଦର୍ଶକମାନେ ସିଧାସଳଖ ଷ୍ଟେଜ ଉପରକୁ ଆକ୍ରମଣ କରିଥିଲେ। ଦର୍ଶକଙ୍କ ଦ୍ୱାରା ମଞ୍ଚ ଉପରକୁ ଚେୟାର ଓ ପାଣି ବୋତଲ ମାଡ଼ କରାଯାଇଥିଲା। ଏହି ଘଟଣା ଯୋଗୁଁ ଯାତ୍ରା ପେଣ୍ଡାଲରେ କିଛି ସମୟ ପାଇଁ ତୀବ୍ର ଉତ୍ତେଜନା ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

■ ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ

## ବାଣିଜ୍ୟ ଓ ପରିବହନ ବିଭାଗ–ଆଇଓସିଏଲ୍ ବୁଝାମଣା



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ରାଜପଥରେ ଅବୈଧ ପାର୍କିଂ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ପ୍ରାଣହାନିକୁ ରୋକିବା ସହ ଭାରୀଯାନ ଚାଳକମାନଙ୍କୁ ଉନ୍ନତ ସୁବିଧା-ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜପଥ ପାର୍ଶ୍ୱରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ସୁଚାରୁ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଭାରତ ସରକାରଙ୍କ ଅଗ୍ରଣୀ ଉଦ୍ୟୋଗ 'ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍' (ଆଇଓସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଆଇଓସିଏଲ୍‌ର ରାଜ୍ୟ ମୁଖ୍ୟ କମଲ ସିଲ୍ ଓ ଡିଜିଏମ୍ ସଚିନ୍ଦ୍ର ଗୁନୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପରିବହନ ବିଭାଗ ପକ୍ଷରୁ ଅତିରିକ୍ତ ପରିବହନ କମିସନର (ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର ଓ ଆଇଓସିଏଲ୍ ପକ୍ଷରୁ ରାଜ୍ୟ ରିଟେଲ ମୁଖ୍ୟ ଚିରଞ୍ଜୀବ ପୋଦ୍ଦାର ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି।

ରାସ୍ତାରେ ଅସୁରକ୍ଷିତ ଭାବେ ଛିଡ଼ା ହୋଇ ରହୁଥିବା ଗାଡ଼ି ସହ ଧକ୍କା ହେବା କାରଣରୁ ଓଡ଼ିଶାରେ ପ୍ରତିବର୍ଷ ୩୦୦ରୁ ଅଧିକ ଜଣ ଲୋକ ପ୍ରାଣ ହରାଉଛନ୍ତି। ବିଭିନ୍ନ ରାଜ୍ୟରୁ ଆସୁଥିବା ଦୂରଗାମୀ ଟ୍ରକ୍ ଚାଳକମାନେ ଅନେକ ସମୟରେ ରାଜପଥରେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ସହ ଅସୁରକ୍ଷିତ ପରିବେଶରେ ରାନ୍ଧିବା ଓ ବିଶ୍ରାମ ନେବା ଭଳି କାର୍ଯ୍ୟକଳାପ କରୁଛନ୍ତି। ଫଳରେ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ଏହି ସମସ୍ୟା ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାତୀୟ ରାଜପଥ ନିକଟରେ ୩୦ଟି ଟ୍ରକ୍ ଟର୍ମିନାଲ୍ ନିର୍ମାଣ ପାଇଁ ଲକ୍ଷ୍ୟ ରହିଛି। ଏଥିମଧ୍ୟରୁ ୧୫ଟି ଟର୍ମିନାଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଟର୍ମିନାଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ଗାଡ଼ି ପାର୍କିଂ ବ୍ୟବସ୍ଥା ସହ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର, କ୍ୟାଣ୍ଟିନ୍, ପାନୀୟ ଜଳ, ଗାଡ଼ି ମରାମତି ଗ୍ୟାରେଜ୍, ଇଭି ଚା' ଷ୍ଟେସନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଉପଲବ୍ଧ କରାଯାଇଛି। ଆଜି ସ୍ୱାକ୍ଷରିତ ଏମ୍‌ଓୟୁ ଅନୁଯାୟୀ, ଆଇଓସିଏଲ୍ ଏହି ଟ୍ରକ୍ ଟର୍ମିନାଲ୍‌ଗୁଡ଼ିକର ପରିଚାଳନା, କାର୍ଯ୍ୟକ୍ଷମତା ଓ ଦୈନନ୍ଦିନ ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବ। ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ପାର୍କିଂ କରୁଥିବା ଚାଳକମାନଙ୍କୁ ଏହି ସୁରକ୍ଷିତ ଟର୍ମିନାଲ୍‌ଗୁଡ଼ିକ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରାଯିବ। ଏହି ପଦକ୍ଷେପ ଦ୍ୱାରା ଦୂରଗାମୀ ଡ୍ରାଇଭରମାନଙ୍କ ରହିବା ଓ କାର୍ଯ୍ୟକ୍ଷେତ୍ରର ପରିବେଶରେ ବ୍ୟାପକ ସୁଧାର ଆସିବା ସହ ରାଜ୍ୟରେ ବେଆଇନ ପାର୍କିଂଜନିତ ସଡ଼କ ଦୁର୍ଘଟଣା ଓ ତଜ୍ଜନିତ ପ୍ରାଣହାନି ହ୍ରାସ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୭।୯ (ସଂଚାର ବ୍ୟୁରୋ): କହ୍ନେଇପୁର ଗ୍ରାମ ପଞ୍ଚାୟତସ୍ଥିତ ଭଗତପୁର କଲ୍ୟାଣ ମଣ୍ଡପଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୩୪୮ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୩୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା।ଏହି ଅଭିଯୋଗ ଶୁଣାଣି ସ୍ଥଳରେ, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ୍ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।



■ ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

## ପ୍ରଶିକ୍ଷଣ ନେବେ ଇତିହାସର ୧୨୦ ଜଣ



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତି ଇମେଜ୍‌ଠାରେ ଇତିହାସର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉଦଘାଟନୀ ରେ ୟୁନିସେଫର ଫିଲ୍ଡ ଅଫିସ୍ ଚିଫ ପ୍ରଶାନ୍ତ କୁମାର ଦାସ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ ମାର୍ଗଦର୍ଶନ ଦେବା ଶିକ୍ଷକଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଶ୍ରୀମତୀ ପଟ୍ଟନାୟକ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି।

## ଅଙ୍କୁରଃ ଶାସନ ବ୍ୟବସ୍ଥାର ଏକ ପ୍ରଭାବୀ ପଦକ୍ଷେପ

### ସହରୀ ସମସ୍ୟାର ସମାଧାନ ସହ ନାଗରିକ ସେବାରେ ଆସୁଛି ଉନ୍ନତି



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଓଡ଼ିଶା ସରକାର 'ଅଟଳ ନେଟୱର୍କ ଫର ନଲେଜ, ଅର୍ବାନାଇଜେସନ ଆଣ୍ଡ ରିଫର୍ମ' (ଅଙ୍କୁର) ମାଧ୍ୟମରେ ପୌର ସଂସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରୁଛନ୍ତି। ଏହା ଏପରି ଏକ ସହଯୋଗୀ ବ୍ୟବସ୍ଥା, ଯାହା ପୌର ସଂସ୍ଥାଗୁଡ଼ିକୁ ଜ୍ଞାନକୌଶଳ ପ୍ରତିଷ୍ଠାନ, ବିଶେଷଜ୍ଞ, ବିକାଶମୂଳକ ସଂଗଠନ ଓ ଉଦ୍ଭାବନ ଭାଗିଦାରୀମାନଙ୍କ ସହ ଯୋଡ଼ି ସହରୀ ସମସ୍ୟାର ସମାଧାନ ଏବଂ ନାଗରିକ ସେବାରେ ଉନ୍ନତି ଆଣୁଛି। ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିନ୍ତାଧାରାରୁ ଅନୁପ୍ରାଣିତ ହୋଇ ଗତବର୍ଷ ମେ' ୨୮ରେ ଆରମ୍ଭ ହୋଇଥିବା 'ଅଙ୍କୁର' ସହରୀ ସମସ୍ୟା ଓ ସମାଧାନ ମଧ୍ୟରେ ଏକ ସେତୁ ଭାବେ କାମ କରୁଛି। ଏହା ପୌର ସଂସ୍ଥାଗୁଡ଼ିକୁ ସମସ୍ୟା ଚିହ୍ନଟ କରିବା, ସଠିକ୍ ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପାଇବା, ନୂଆ ପଦ୍ଧତି ଆପଣାଇବା, ପ୍ରତିଷ୍ଠାନଗତ କ୍ଷମତା ବୃଦ୍ଧି କରିବା ଓ ସଫଳ ସମାଧାନଗୁଡ଼ିକୁ ବିଭିନ୍ନ ସହରରେ ପ୍ରସାରିତ କରିବାରେ ସକ୍ଷମ କରୁଛି। ଏହା ଏକ ସ୍ୱତନ୍ତ୍ର ଯୋଜନା ଭାବେ କାର୍ଯ୍ୟ କରିବା ବଦଳରେ ଜ୍ଞାନକୌଶଳ ଓ ଉଦ୍ଭାବନକୁ କାର୍ଯ୍ୟକାରିତା ମଧ୍ୟକୁ ଆଣି ସରକାରଙ୍କ ବିଦ୍ୟମାନ ସହରୀ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ସୁଦୃଢ଼ କରୁଛି।

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଅଙ୍କୁର ହେଉଛି ଆମର ସହରଗୁଡ଼ିକର ଆବଶ୍ୟକତାକୁ ସଠିକ୍ ଜ୍ଞାନ, ବିଶେଷଜ୍ଞତା ଓ ସମାଧାନ ସହ ସଂଯୋଗ କରିବା। ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର କ୍ଷମତାକୁ ମଜବୁତ କରିବା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଦ୍ୱାରା, ସହରୀ ସେବାଗୁଡ଼ିକୁ ସରଳ, ଦ୍ରୁତ ଓ ନାଗରିକମାନଙ୍କ ପାଇଁ ଅଧିକ ଉତ୍ତରଦାୟୀ କରିବା ଆମର ଲକ୍ଷ୍ୟ। ଏହାର ମୂଳରେ ରହିଛି ସହଯୋଗୀ ଶାସନ ବ୍ୟବସ୍ଥାର ଏକ ମଡେଲ।

ଏହି ପ୍ଲାଟଫର୍ମ ସରକାର, ଜ୍ଞାନକୌଶଳ ପ୍ରତିଷ୍ଠାନ, ବୈଷୟିକ ବିଶେଷଜ୍ଞ, ବିକାଶମୂଳକ ସଂଗଠନ ଓ ଉଦ୍ଭାବନ ଭାଗିଦାରୀମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରିଥାଏ, ଯାହା ଫଳରେ ସହରୀ ପ୍ଲାନିଂ ଓ ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକୀୟ ବିଶେଷଜ୍ଞତା। ଯେପରିକି ପୌରପାଳିକା ଅର୍ଥନୀତି ଓ ଭୂମି ପରିଚାଳନାଠାରୁ ଆରମ୍ଭ କରି ପରିବେଶ ଇଞ୍ଜିନିୟରିଂ ଓ ଡିଜିଟାଲ୍ ସିଷ୍ଟମ୍ ପର୍ଯ୍ୟନ୍ତ ପୌର ସଂସ୍ଥାଗୁଡ଼ିକୁ ସହଜରେ ଉପଲବ୍ଧ ହୋଇଥାଏ। ପ୍ରତ୍ୟେକ ସହରକୁ ସ୍ୱାଧୀନ ଭାବେ ଏହିପରି ଜ୍ଞାନ ଆହରଣ କରିବାକୁ ପଡ଼ିବ ନାହିଁ, ବରଂ 'ଅଙ୍କୁର' ଏହାକୁ ଗୋଟିଏ ସ୍ଥାନରେ ଏକତ୍ରିତ କରିଥାଏ, ଯାହାଦ୍ୱାରା ପୌରାଞ୍ଚଳ ଗୁଡ଼ିକୁ ସଠିକ୍ ସମୟରେ ସଠିକ୍ ବିଶେଷଜ୍ଞତା ମିଳିପାରିଥାଏ।

କଟକ ମହାନଗର ନିଗମର 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ

## ସର୍ବୋଦୟ ନେତା ବୈଷ୍ଣବ ଦାସଙ୍କୁ ସାକ୍ଷାତ କଲେ ମେୟର



କଟକ, ୭।୯ (ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ମେୟର ସୁବାସ ସିଂହ ସର୍ବୋଦୟ ନେତା ବୈଷ୍ଣବ ଦାସଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନଙ୍କ ମଧ୍ୟରେ ସମାଜସେବା, ସର୍ବୋଦୟ ଚିନ୍ତାଧାରା ଓ ଯୁବପିଢ଼ିଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧର ପ୍ରସାର ଭଳି ବିଭିନ୍ନ ବିଷୟ ଉପରେ ମତ ବିନିମୟ ହୋଇଛି। ମେୟର ଶ୍ରୀ ସିଂହ ସର୍ବୋଦୟ ନେତାଙ୍କ ସାମାଜସେବା, ଗାନ୍ଧୀବାଦ ପ୍ରତି ତାଙ୍କର ଅଙ୍ଗୀକାର ଏବଂ ଖଦୀ ଓ ସ୍ୱଦେଶୀ ଆନ୍ଦୋଳନକୁ ଆଗେଇ ନେବାରେ ତାଙ୍କର ଭୂମିକାକୁ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜନସେବା ପ୍ରତି ଆକୃଷ୍ଟ ହୋଇ ସମାଜବାଦୀ ଆନ୍ଦୋଳନ ସହ ଜଡ଼ିତ ହୋଇଥିବା ଶ୍ରୀ ଦାସ ପରବର୍ତ୍ତୀ ସମୟରେ ସର୍ବୋଦୟ ଚିନ୍ତାଧାରାର ପ୍ରମୁଖ ବ୍ୟକ୍ତିତ୍ୱ ମନମୋହନ ଚୌଧୁରୀଙ୍କ ସଂସ୍ପର୍ଶରେ ଆସି ଉତ୍କଳ ସର୍ବୋଦୟ ମଣ୍ଡଳରେ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ଖଦୀ ଓ ସ୍ୱଦେଶୀ ଆନ୍ଦୋଳନ କ୍ଷେତ୍ରରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। କଟକର ଥୋରିଆ ସାହିରେ ତାଙ୍କ ପ୍ରୟାସରେ ସ୍ଥାପିତ ବିଶାଳ ଖଦୀ ଭଣ୍ଡାର ସ୍ୱଦେଶୀ ସାମଗ୍ରୀର ପ୍ରଚାର-ପ୍ରସାର ଓ ଗ୍ରାମୀଣ କାରିଗର ଏବଂ ଉତ୍ପାଦକମାନଙ୍କୁ ବଜାର ସହ ଯୋଡ଼ିବାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରୁଛି। ସେବା ଓ ମାନବିକତାକୁ ଆଗକୁ ନେବା ପାଇଁ ବୈଷ୍ଣବ ଦାସଙ୍କ ଭଳି ସମାଜସେବୀଙ୍କ ଅନୁଭବ ଓ ଅବଦାନ ଯୁବପିଢ଼ି ପାଇଁ ପ୍ରେରଣାଦାୟକ ବୋଲି ମେୟର ସୁବାସ ସିଂହ କହିଛନ୍ତି।

ବସନ୍ତ ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ

## ଦ୍ୱିତୀୟ ବାଇମୁଣ୍ଡିଙ୍କୁ ଶ୍ରଦ୍ଧାଞ୍ଜଳି



କଟକ,୭।୯(ସଂଚାର ବ୍ୟୁରୋ): ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ଆଧୁନିକ ଓଡ଼ିଶାର ନିର୍ମାତା ତଥା ସମୟର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଛି। ଏହି ଉପଲକ୍ଷେ କଟକ ବାରବାଟୀ ନିକଟସ୍ଥ ଦୟାଶ୍ରମ ରୋଡ୍‌ରେ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତଃ ବିଶ୍ୱାଳ ଥିଲେ ଆଧୁନିକ କଟକର ଅନ୍ୟତମ ନିର୍ମାତା, ରିଙ୍ଗବନ୍ଧ ବାନ୍ଧି କଟକ ସହରକୁ ବନ୍ୟା ଦାଉରୁ ରକ୍ଷା କରିଥିଲେ। ଲୋକେ ତାଙ୍କୁ ଦ୍ୱିତୀୟ ବାଇମୁଣ୍ଡି ବୋଲି କହୁଥିଲେ। ସେ ସିନା ନାହାନ୍ତି ହେଲେ କଟକବାସୀ ତାଙ୍କ ବାଇମୁଣ୍ଡିଙ୍କୁ ଝୁରୁଛନ୍ତି ବୋଲି ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ କଟକ ମ୍ୟୁନିସିପାଲ କର୍ପୋରେସନ୍‌ର ମେୟର ସୁବାଷ ସିଂ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଓଡ଼ିଶା ଜନତା କଂଗ୍ରେସ ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକିମ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ଦୈନିକ ଖବରକାଗଜ 'ସମୟ'ର ନିର୍ଦ୍ଦେଶିକା ତଥା ସାନବୋହୂ ଅନିତା ମହାନ୍ତି, କଟକ ସଦର ବିଧାୟକ ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂ, ପୂର୍ବତନ ଡେପୁଟି ମେୟର ମଧୁ ସାହୁ, କଟକ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଜେପି ନେତା ଲଲାଟେନ୍ଦୁ ବଡୁ, ହୃଷୀକେଶ ଜେନା, ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଓଜେସି କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା, ସ୍ୱପ୍ନ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଧାଂଶୁ ପାତ୍ର, ଆଶୀର୍ବାଦ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ, କର୍ପୋରେଟର ବିକାଶ ରଞ୍ଜନ ବେହେରା, ଇଂ. ସୁବ୍ରତ ଘଡ଼େଇ, ସନ୍ତୋଷ ଭୋଳ, ଅରବିନ୍ଦ ଜେନା, ସୌଭାଗିନୀ ଜେନା, ସୁଭାସିତ ପଟ୍ଟନାୟକ, ଲିଜାରାଣୀ ରାଉତ, ମୀନା ସାହୁ, ଏମଡିଏ ସଭାପତି ସଞ୍ଜୟ ଜେନା, ମାନବେଶ ରାୟ, ସତ୍ୟବ୍ରତ ପଟ୍ଟନାୟକ, ସୁଶାନ୍ତ ପାତ୍ର, ଯୁଗଳ ନାୟକ, ସରୋଜ ରାଉତଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ବିଶିଷ୍ଟ ବ୍ୟକ୍ତି ଓ ନେତୃମଣ୍ଡଳୀଙ୍କ ସମେତ ବହୁ ସଂଖ୍ୟାରେ କଟକବାସୀ ଯୋଗଦେଇ ସ୍ୱର୍ଗତଃ ବିଶ୍ୱାଳଙ୍କ ଗୁଣ କୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସମୀର କର ପରିଚାଳନା କରିଥିଲେ।

## ଏ ବର୍ଷ ଗଣେଶ ପୂଜାରେ ସିଜୁଆରେ 'ପାଞ୍ଚାଳ ମହାପ୍ରାସାଦ'

ଭୁବନେଶ୍ୱର,୭।୯ (ସଂଚାର ବ୍ୟୁରୋ): ଏ ବର୍ଷ ଗଣେଶ ପୂଜା ଅବସର ରେ ସିଜୁଆ ସ୍ଥିତ ଯୁଗ ଜ୍ୟୋତି ଯୁବକ ସଂଘ ପକ୍ଷରୁ ମହାଭାରତର ପାଞ୍ଚାଳ ମହାପ୍ରାସାଦକୁ ଥିମ୍ କରି ଏକ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ଏଥର ପୂଜାର ମୁଖ୍ୟ ଆକର୍ଷଣ ହେଉଛି ଗଣପତି ବାବାଙ୍କ ରୂପାର ଦାନ୍ତ ସହ ଭବ୍ୟ ମୂର୍ତ୍ତି ଏବଂ ପାଞ୍ଚାଳ ମହାପ୍ରାସାଦ। ଭକ୍ତ ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନା ବଜାର ଓ ମାଗଣା ଯାତ୍ରା ପରିବେଷଣ କରାଯିବ। ଭକ୍ତ ଓ ଦର୍ଶକଙ୍କ ସୁରକ୍ଷାକୁ ସଂଘ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ପାଇଁ ପୂଜାସ୍ଥଳୀରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ମହିଳାଙ୍କ ସୁରକ୍ଷା ପାଇଁ ମହିଳା ଭଲ୍ୟୁଣ୍ଟିୟର ନିୟୋଜିତ ରହିବେ। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ହ୍ୱିଲ୍‌ଚେୟାର ବ୍ୟବସ୍ଥା ହୋଇଛି। ପୂଜାର ପ୍ରଥମ ଦିନ ୨୦ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଆମର ପାରମ୍ପରିକ ଓ ଜାତୀୟ ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିବା ବେଳେ ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ହେଉଛି ଯୁଗ ଜ୍ୟୋତି ଯୁବକ ସଂଘର ମୁଖ୍ୟ ଲକ୍ଷ୍ୟ। ମହାଭାରତର ପୌରାଣିକ କାହାଣୀ ଓ ଭାରତୀୟ ସଂସ୍କୃତିକୁ ଆଧାର କରି ଏଭଳି ତୋରଣ ନିର୍ମାଣ କରି ସମାଜକୁ ଏକ ସୁନ୍ଦର ସାଂସ୍କୃତିକ ବାର୍ତ୍ତା ଦେବା ପାଇଁ ସଂଘ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ୨୦ ତାରିଖରେ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳରେ ଗଣେଶ ମୂର୍ତ୍ତିର ବିସର୍ଜନ କରାଯିବ।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live




# ମାନବିକତା ନା ବିରୋଧୀଙ୍କ କଣ୍ଠରୋଧ

ଇରାନର ଇସ୍ଫାହାନ ସହରରେ ଜାନୁଆରୀ ୨୦୨୬ରେ ସରକାର ବିରୋଧୀ ବିଶାଳ ପ୍ରତିବାଦରେ ଅଂଶଗ୍ରହଣ କରିଥିବା ଦୁଇ ଯାଆଁଳା ଭଉଣୀ ତାରାନେହ ଏବଂ ରୋମିନା ରହିମୀଙ୍କ ଉପରେ ଦିଆଯାଇଥିବା କଠୋର ଦଣ୍ଡ ବିଶ୍ୱବାସୀଙ୍କୁ ଆଘାତ ଦେଇଛି। ସେତେବେଳେ ମାତ୍ର ୧୯ ବର୍ଷ ବୟସ୍କା ଏବଂ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଥିବା ଏହି ଦୁଇ ଭଉଣୀଙ୍କୁ ରାତିରେ ମୁଖାପିନ୍ଧା ଲୋକମାନେ ଘରୁ ଧରିନେଇଥିଲେ। ପରେ ଜଣାପଡ଼ିଲା ଯେ ଏମାନେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍‌ର ସଦସ୍ୟ। ଚାରି ମାସ ପର୍ଯ୍ୟନ୍ତ ମା' ମାରଜିଏ ନୁରମୋହାମ୍ମଦୀ ତାଙ୍କ ଝିଅମାନଙ୍କୁ ଖୋଜି ଖୋଜି ହସ୍ପିଟାଲ ଓ ସରକାରୀ କାର୍ଯ୍ୟାଳୟ ଘୁରି ବୁଲିଥିଲେ। ଶେଷରେ ଦୋଓ୍ୱଲାତାବାଦ ଜେଲରେ ଦେଖିବାକୁ ପାଇଲେ ତ ଚିହ୍ନି ପାରିଲେ ନାହିଁ। ମୁହଁ ଫୁଲି ଯାଇଥିଲା, ଶରୀରରେ ଆଘାତ, କହୁଣୀ, ଆଙ୍ଗୁଳି ଓ ଗୋଡ଼ ଭଙ୍ଗା, ଚୁଳ ଟାଣି ଟାଣି ନେଇଯିବାରୁ ମୁଣ୍ଡ କଳା କଳା ହୋଇଯାଇଥିଲା। ଆଉ ସବୁଠୁ ଭୟଙ୍କର-ଜେଲ ଗାର୍ଡମାନେ ତାରାନେହଙ୍କୁ ଧମକ ଦେଇଥିଲେ ଯେ ଯଦି ସେ ଅପରାଧ ସ୍ୱୀକାର ନ କରେ ତେବେ ତାଙ୍କ ଭଉଣୀ ରୋମିନାଙ୍କୁ ତାଙ୍କ ସାମନାରେ ଯୌନ ନିର୍ଯ୍ୟାତନା କରାଯିବ।



ଏବେ ଇସ୍ଫାହାନ ବିପ୍ଳବୀ ଅଦାଲତ ତାରାନେହଙ୍କୁ ମୃତ୍ୟୁଦଣ୍ଡ ଏବଂ ରୋମିନାଙ୍କୁ ୨୫ ବର୍ଷ କାରାଦଣ୍ଡ ଦେଇଛି। ପରିବାର ପକ୍ଷରୁ କୁହାଯାଉଛି ଯେ ହିଂସାରେ ସେମାନେ ଜଡ଼ିତ ଥିବାର କୌଣସି ପ୍ରମାଣ ଦିଆଯାଇନାହିଁ। ସ୍ୱୀକାରୋକ୍ତି ଯନ୍ତ୍ରଣା ମାଧ୍ୟମରେ ଆଦାୟ କରାଯାଇଥିଲା। ଏହି ଦୁଇ ଭଉଣୀ କେବଳ ରାସ୍ତାରେ ନାରାବାଜି କରିଥିଲେ ସ୍ୱାଧୀନତା ଓ ମାନବିକ ଅଧିକାର ଦାବି କରିବା ପାଇଁ। ତଥାପି ସେମାନଙ୍କ ଭବିଷ୍ୟତ ଏପରି ଭାବେ ନଷ୍ଟ କରିଦିଆଗଲା।

ଏହା କ'ଣ ମାନବିକତା? ନା ସରକାର ବିରୋଧରେ କେହି ମୁହଁ ଖୋଲିବାକୁ ସାହସ ନ କରନ୍ତୁ ବୋଲି ପ୍ରତିବାଦକାରୀଙ୍କ କଣ୍ଠରୋଧ? ଇରାନର ଶାସକ ଗୋଷ୍ଠୀ ବର୍ଷ ବର୍ଷ ଧରି ଏହି ନୀତି ଅନୁସରଣ କରିଆସୁଛନ୍ତି। ଯେଉଁମାନେ ସରକାରର ନୀତି, ମହିଳାଙ୍କ ଉପରେ ଲାଗୁ ଥିବା କଠୋର ନିୟମ କିମ୍ବା ଅର୍ଥନୈତିକ ଅସନ୍ତୋଷ ବିରୋଧରେ ସ୍ୱର ଉଠାନ୍ତି, ସେମାନଙ୍କୁ ନିଷ୍ଠୁର ଭାବେ ଦବାଇ ଦିଆଯାଏ। ଯନ୍ତ୍ରଣା, ବଳାତ୍କାରର ଧମକ, ଏକାନ୍ତ କାରାବାସ ଏବଂ ମୃତ୍ୟୁଦଣ୍ଡ-ଏସବୁ ହେଉଛି ଭୟ ସୃଷ୍ଟି କରିବାର ହତିଆର। ଏହା କେବଳ ଦୁଇ ଜଣ ଯୁବତୀଙ୍କ ବିରୋଧରେ ନୁହେଁ, ସମଗ୍ର ସମାଜକୁ ସତର୍କ କରିବାର ବାର୍ତ୍ତା। ମାନବାଧିକାର ଘୋଷଣାପତ୍ର ଓ ଆନ୍ତର୍ଜାତିକ ଆଇନ ଅନୁସାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର। କିନ୍ତୁ ଇରାନରେ ଏହି ଅଧିକାରକୁ ମନା କରିଦିଆଯାଇଛି। ଯେଉଁ ସରକାର ନିଜ ନାଗରିକଙ୍କ ସ୍ୱରକୁ ଏପରି ଭାବେ ଦବାଇ ଦିଏ, ସେ ଆସଲରେ ମାନବିକତାର ମୂଲ୍ୟବୋଧକୁ ପଦଦଳିତ କରେ। ଏହି ଘଟଣା ଦେଖାଏ ଯେ କିପରି ଏକ ଶାସନ ବ୍ୟବସ୍ଥା ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଯୁବପିଢ଼ିର ଭବିଷ୍ୟତକୁ ବଳି ଦେଇ ଦିଏ।

ବିଶ୍ୱ ସମାଜ ଏହି ଘଟଣାକୁ ଚୁପ୍ ରହି ଦେଖିବା ଉଚିତ ନୁହେଁ। ମାନବାଧିକାର ସଂଗଠନ, ଜାତିସଂଘ ଓ ଗଣତାନ୍ତ୍ରିକ ଦେଶମାନେ ଏହି ପ୍ରକାର ନିଷ୍ଠୁରତା ବିରୋଧରେ ସ୍ୱର ଉଠାଇବା ଉଚିତ। ତାରାନେହ ଓ ରୋମିନାଙ୍କ ପରି ଅନେକ ଯୁବତୀ ଏବଂ ଯୁବକ କେବଳ ସ୍ୱାଧୀନ ଭାବରେ ବାସ କରିବାକୁ ଚାହାନ୍ତି। ସେମାନଙ୍କ ସ୍ୱପ୍ନକୁ ଭଙ୍ଗି ଦେବା କୌଣସି ସରକାରର ଅଧିକାର ନୁହେଁ।

ଏହି ଦଣ୍ଡ କେବଳ ଦୁଇ ଜଣଙ୍କ ଉପରେ ନୁହେଁ, ସମଗ୍ର ମାନବଜାତି ଉପରେ ଏକ କଳଙ୍କ। ଯଦି ଆମେ ଏହାକୁ ନିଃଶବ୍ଦରେ ଗ୍ରହଣ କରିନେଉ, ତେବେ ଆମେ ମଧ୍ୟ ସେହି କଣ୍ଠରୋଧର ସହଯୋଗୀ ହେବୁ। ମାନବିକତାର ପକ୍ଷରେ ଠିଆ ହେବା ଆଜିର ଆବଶ୍ୟକତା। ତାରାନେହ ଓ ରୋମିନାଙ୍କ ପାଇଁ ନ୍ୟାୟ ଦାବି କରିବା, ସେମାନଙ୍କ ମୁକ୍ତି ପାଇଁ ସ୍ୱର ଉଠାଇବା ଏବଂ ଏପରି ନିଷ୍ଠୁର ଶାସନ ବିରୋଧରେ ଆନ୍ତର୍ଜାତିକ ଚାପ ସୃଷ୍ଟି କରିବା-ଏହା ହିଁ ପ୍ରକୃତ ମାନବିକତା। ନଚେତ୍ ଏହି ଘଟଣା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ଭାବେ ରହିଯିବ, ଯେଉଁଠାରେ ଶକ୍ତି ସତ୍ୟକୁ ଦବାଇ ଦେଇଥିଲା।

# ପଞ୍ଚ ପରିବର୍ତ୍ତନର ପରିଭାଷା


ଇଂ ସତ୍ୟନାରାୟଣ ମାଝୀ




ଆର୍ଯ୍ୟବର୍ତ୍ତ ଭାରତ ଭୂମି ହେଉଛି ଏକ ସୁସମୃଦ୍ଧ ପ୍ରାଚୀନ ସଭ୍ୟ ରାଷ୍ଟ୍ର।ବହୁଭାଷା, ବହୁଜାତି, ବହୁଧର୍ମ ଓ ବହୁ ସମ୍ପ୍ରଦାୟର ଏହା ହେଉଛି ଏକ ବିଚିତ୍ର ମିଳନ ସ୍ଥଳ।ସର୍ବପ୍ରାଚୀନ ସନାତନ ଧର୍ମର ଉଦ୍ଭବ ଏହିଠାରେ ହୋଇଥିଲା।ବେଦ ଉପନିଷଦ ଠାରୁ ଆରମ୍ଭ କରି ଗୀତା, ଭାଗବତ, ରାମାୟଣ ଓ ମହାଭାରତ ଆଦି ବିଭିନ୍ନ ଶାସ୍ତ୍ର ପୁରାଣ ଏବଂ ଧର୍ମଗ୍ରନ୍ଥ ଗୁଡିକ ଏହିଠାରେ ରଚିତ ହୋଇଛି।ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ସମାଜସେବା ଏବଂ ଚେତନା ବିକାଶର ଶତବର୍ଷ ପୂର୍ତ୍ତିର ଏକ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିବା ଅବସରରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ରୁଦ୍ଧିମନ୍ତ କରିଛିକରିଛି। ଏହାକୁ ସମାଜରେ ଉଜ୍ଜୀବିତ ରଖିବା ପାଇଁ 'ପଞ୍ଚ ପରିବର୍ତ୍ତନ' ପ୍ରୟାସ ଓ ପରିକଳ୍ପନା।ଏଥିପାଇଁ ବ୍ୟାପକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି।ଗୋଟିଏ ଶତାବ୍ଦୀର ସାଂଗଠନିକ ଯାତ୍ରାର ଦୀର୍ଘାୟୁ ଉତ୍ସବ ପାଳନ ଏହା ଲକ୍ଷ୍ୟ ଏବଂ ସମକାଳୀନ ସାମାଜିକ ଆହ୍ୱାନକୁ ମୂଲ୍ୟାୟନ କରିବା ଏହାର ଆଭିମୁଖ୍ୟ।ସେହିପରି ବିକାଶର ଦିଗକୁ ପୁନଃ ନିର୍ଦ୍ଧାରଣ କରିବାର ଏହାର ପ୍ରକୃଷ୍ଟ ସମୟ।

ଆଜି ମାତ୍ରାଧିକ ବ୍ୟକ୍ତିବାଦ, ଡିଜିଟାଲର ଦ୍ରୁତ ଗତି, ପରିବେଶଜନିତ ଚାପ ଏବଂ ସାଂସ୍କୃତିକ ମୂଳକେନ୍ଦ୍ରରୁ ବିଚ୍ଛିନ୍ନତା ଦ୍ୱାରା ପରିଭାଷିତ ଏହି ଆଧୁନିକ ସମୟରେ ନିଶ୍ଚିତଭାବରେ ପଞ୍ଚ ପରିବର୍ତ୍ତନର ଢାଞ୍ଚା ସମୟୋପଯୋଗୀ ବୌଦ୍ଧିକ ମାର୍ଗଦର୍ଶିକା ଭାବେ ଦଣ୍ଡାୟମାନ ଏହି ଢାଞ୍ଚାଟି କୌଣସି କଠୋର ଏବଂ ରକ୍ଷଣଶୀଳ ସାରଣୀ ନୁହେଁ।ଏହା ପ୍ରାଚୀନ ସଭ୍ୟତାର ଆଦର୍ଶ ସହିତ ଆଧୁନିକ ବ୍ୟବହାରିକ ଆବଶ୍ୟକତାର ଏକ ଅପୂର୍ବ ସଂଯୋଗ। ପଞ୍ଚ ପରିବର୍ତ୍ତନର ପାଞ୍ଚଟି ମୌଳିକ ଧାରା- ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପରିବେଶ ସଂରକ୍ଷଣ, ସ୍ୱ-ଆଧାରିତ ଜୀବନ ଶୈଳୀ ଓ ନାଗରିକ କର୍ତ୍ତବ୍ୟ ଉପରେ ଏହା ପର୍ଯ୍ୟବେଶିତ।ସମାଜକୁ ସକାରାତ୍ମକ, ସ୍ଥାୟୀ ଓ ଭାରତୀୟ ସଂସ୍କୃତିର ଚିର ଶ୍ୱାଶତ ଆଦର୍ଶ ସମ୍ବଳିତ ବାର୍ତ୍ତା ପ୍ରଦାନ ଏହା ଧ୍ୟାନ କେନ୍ଦ୍ର।ବିଭାଜନର ସମଗ୍ରତା ଆଡକୁ ବାଟ କଢାଇବାର ବ୍ୟବସ୍ଥା ଏଥିରେ ନିହିତ।ତେଣୁ ବାର୍ତ୍ତାଟି ହେଉଛି ସାମୂହିକ ଉପଚାର ଏବଂ ସକ୍ରିୟ ଅଂଶଗ୍ରହଣର ଆଧାର।ଶତାବ୍ଦୀର ଏହି ବାର୍ତ୍ତା ନୈରାଶ୍ୟ ଏବଂ ନିଷ୍କ୍ରିୟତାକୁ ପ୍ରତ୍ୟାଖ୍ୟାନ କରି ତୃଣମୂଳ ସ୍ତରରେ ବ୍ୟକ୍ତିଗତ ଏବଂ ସାମୂହିକ କାର୍ଯ୍ୟାନୁଷ୍ଠାନ ଏହା ଏକ ଆହ୍ୱାନ ସୃଷ୍ଟିକରୁଛି।ଫଳରେ ଭାରତୀୟ ସାମାଜିକ, ସାକୃତିକ ମେରୁକରଣ ଏବଂ ନାଗରିକ ଅଧିକାର, ଦାୟିତ୍ୱ ମଧ୍ୟରେ ବୃଦ୍ଧି ପାଉଥିବା ବ୍ୟବଧାନର ପୂର୍ଣ୍ଣଚ୍ଛେଦ ପଡିଛି। ଆଜିର ସାମାଜିକ ସ୍ତରୀକରଣ ଓ ଜଟିଳ ରାଜନୈତିକ ବ୍ୟବଧାନ ଦୂର କରିବା ହିଁ ସାମାଜିକ ସମରସତା।ଏକ ସମାଜର ଯେଉଁ ଆହ୍ୱାନ ରହିଛି,ଯେଉଁଠି ଜାତି ଧର୍ମ ଭାଷା ଏକ ଅଂଚଳର ଐତିହାସିକ ପ୍ରାଚୀର ଭାଙ୍ଗିଯାଏ।ମନ୍ଦିର, ଜଳାଶୟ ଏବଂ ଶ୍ମଶାନ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକ ସମସ୍ତଙ୍କ ପାଇଁ ଉପଲବ୍ଧି ହେବାକୁ ଏହା ଗୁରୁତ୍ୱ ଦେଇଥାଏ। ଏହି ବ୍ୟବସ୍ଥା ସମାନତା, ପାରସ୍ପରିକ ସମ୍ମାନ ଏବଂ ଭ୍ରାତୃଭାବର ଏକ ଶକ୍ତିଶାଳୀ ଶୁଭସଙ୍କେତ ଏହା ପ୍ରଦାନ କରିଥାଏ।କୁଟୁମ୍ବ ପ୍ରବୋଧନ ହେଉଛି ସମାଜର ଧର୍ମ।ପରିବାରର ଧର୍ମ ପାଳନରେ ମୂଳ ସହାୟତା ବ୍ୟବସ୍ଥାର ପୁନଃର୍ନିର୍ମାଣ

ନ୍ୟୁକ୍ଲିୟର ପରିବାର ଏବଂ ଡିଜିଟାଲ୍ ବିଚ୍ଛିନ୍ନତା ମାନବିକ ସମ୍ପର୍କକୁ ଭାଙ୍ଗି ଦେଉଛି। ପରିବାର ଚେତନା ମାନସିକ ଆଶ୍ରୟସ୍ଥଳୀ ଭାବରେ କାର୍ଯ୍ୟ କରିଥାଏ। ଏଠାରେ ସକାରାତ୍ମକ ଦିଗଟି ହେଉଛି ପୁରୁଣା ସାମାଜିକ ନିୟନ୍ତ୍ରଣ ଲଦିବା ନୁହେଁ ବରଂ ପରିବାରକୁ ଭାବନାତ୍ମକ ସୁରକ୍ଷା, ନୈତିକ ଭିତ୍ତିଭୂମି ଏବଂ ଅନ୍ତରଙ୍ଗ ସମର୍ଥନର ପ୍ରଥମ ବିଦ୍ୟାଳୟ ଭାବରେ ପ୍ରତିଷ୍ଠା କରିବା ଏକାନ୍ତ ବାଂଛନିୟ। ଏହା ହିଁ କୁଟୁମ୍ବ ପ୍ରବୋଧନର ପରାକାଷ୍ଠା। ଆଜି ପ୍ରାକୃତିକ ପରିବେଶ ଦ୍ରୁତତର ଆବକ୍ଷୟ ମୁଖୀ ଫଳରେ ପ୍ରକୃତିର ଭାରସାମ୍ୟ ନଷ୍ଟ ହେଉଛି ତେଣୁ ପରିବେଶର ସଂରକ୍ଷଣ ଗୁରୁତ୍ୱ ତତୋଧିକ।ପରିବେଶ ସଂରକ୍ଷଣ କହିଲେ ସବୁଜ ଜୀବନଯାପନ ଓ ସାଂସ୍କୃତିକ କର୍ତ୍ତବ୍ୟର ପରିପନ୍ଥୀ ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ବିଶ୍ୱର ଯୁବପିଢ଼ିଙ୍କ ପାଇଁ ସଙ୍କଟ ଉଭା ହୋଇଛି। ଏହି ପଞ୍ଚ ପରିବର୍ତ୍ତନରେ ପରିବେଶ ସୁରକ୍ଷାକୁ ଅନ୍ତର୍ଗତ କରି ପ୍ରକୃତିକୁ ପୂଜନୀୟ, ବନ୍ଦନୀୟ ଓ ସ୍ମରଣୀୟ କରିବାର ପ୍ରାଚୀନ ଭାରତୀୟ ବିଶ୍ୱଦୃଷ୍ଟିକୁ ଏଥିରେ ସଂଯୋଗ କରାଯାଇଛି। ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା, ଜଳ ସଂରକ୍ଷଣ କରିବା ଏବଂ ବୃକ୍ଷରୋପଣ କରିବା ଭଳି ସରଳ ଜୀବନଶୈଳୀ ପରିବର୍ତ୍ତନକୁ ରାଷ୍ଟ୍ରପ୍ରେମ, ଦେଶଭକ୍ତି ଏବଂ ସାର୍ବଜନୀନ ଦାୟିତ୍ୱର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି। 'ଆତ୍ମନିର୍ଭର' ପରିଚୟର ଉତ୍ଥାନ ହିଁ ସ୍ୱ-ଆଧାରିତ ଜୀବନ ଶୈଳୀ।ଉପନିବେଶବାଦର ପ୍ରଭାବରେ ବର୍ଷ ବର୍ଷ ଧରି ସମାଜିକ ବ୍ୟବସ୍ଥା ପରିଚୟ ସଙ୍କଟର ସମ୍ମୁଖୀନ ହୋଇଥିଲେ। 'ସ୍ୱ' (ଆତ୍ମପ୍ରତ୍ୟୟ) ଯାହାକି ସ୍ୱାବଲମ୍ବୀ ନାଗରିକମାନଙ୍କ ଭିତରେ ଥିବା ଔପନିବେଶିକ ମାନସିକତାକୁ ତ୍ୟାଗ କରିବାକୁ ପଥ ଉନ୍ମୋଚିତ କରେ।ଯାହାକି 'ଭୋକାଲ୍ ଫର ଲୋକାଲ୍', ସ୍ୱଦେଶୀ ଅର୍ଥନୈତିକ ମଡେଲ୍ ଏବଂ ନିଜର ଭାଷା, ପୋଷାକ ପରିଚ୍ଛଦ ଏବଂ ପ୍ରଥାପରମ୍ପରା ପ୍ରତି ଅସୀମ ଗର୍ବକୁ ପ୍ରୋତ୍ସାହିତ କରେ।ସମାଜର ସଂସ୍କାର ଧାରାକୁ ତରାନ୍ୱିତ କରେ।

ନାଗରିକ କର୍ତ୍ତବ୍ୟ ଓ ଅଧିକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।ସାମ୍ପ୍ରତିକ ଗଣତାନ୍ତ୍ରିକରେ ନାଗରିକମାନେ ସେମାନଙ୍କର ମୌଳିକ ଅଧିକାର ବିଷୟରେ ଯେତିକି ସଚେତନ, ମୌଳିକ କର୍ତ୍ତବ୍ୟ ପ୍ରତି ସେତେ ତତ୍ପର ନୁହଁନ୍ତି। କିନ୍ତୁ ପଞ୍ଚ ପରିବର୍ତ୍ତନ ଏହି ଅସନ୍ତୁଳନକୁ ସୁଧାରିବା ଭାରସାମ୍ୟ ଆଣିବାକୁ ପ୍ରୟାସ କରେ।ଟ୍ରାଫିକ ନିୟମ ପାଳନ କରିବା, ସାଧାରଣ ସ୍ଥାନଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ସ୍ୱଚ୍ଛତା ପ୍ରତି ଦୃଷ୍ଟିଦେବା ଏବଂ ସାମାଜିକ କଲ୍ୟାଣରେ ଭାଗ ନେବା ମାଧ୍ୟମରେ ନାଗରିକତାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପ୍ରତିଫଳିତ କରିବା ପରିଭାଷିତ କରାଯାଇଛି।ବର୍ତ୍ତମାନ ଏକବିଂଶ ଶତାବ୍ଦୀରେ ଭାରତୀୟ ସଂସ୍କୃତିକୁ ବୁଝିବାକୁ ନିହାତି ଆବଶ୍ୟକ। ଭାରତୀୟ ସଂସ୍କୃତି ପାଇଁ ଏହି ଢାଞ୍ଚାଟି କେତେ ମୂଲ୍ୟବାନ, ତାହା ବୁଝିବାକୁ ହେଲେ ଚିରନ୍ତନ ଦାର୍ଶନିକ ସତ୍ୟକୁ ଆଧୁନିକ ବ୍ୟବହାରିକ ସମାଧାନରେ ପରିଣତ କରିବା ଏକାନ୍ତ ଜରୁରୀ। ପରମ୍ପରା ଏବଂ ବୈଷୟିକ ପ୍ରଗତିର ସନ୍ତୁଳନ ପ୍ରାଚୀନ ସାମାଜିକ-ସାଂସ୍କୃତିକ ଆନ୍ଦୋଳନଗୁଡ଼ିକ ଆଧୁନିକ ଜୀବନଶୈଳୀ ସହିତ ଅସଙ୍ଗତ ବୋଲି ପ୍ରାୟତଃ ସମାଲୋଚନା କରାଯାଏ।କିନ୍ତୁ ପଞ୍ଚ ପରିବର୍ତ୍ତନ ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରେ। ଏହା ଦର୍ଶାଏ ଯେ ଜଣେ ବ୍ୟକ୍ତି ଟେକ୍-ସାଭି ଷ୍ଟାର୍ଟଅପ୍ ଉଦ୍ୟମୀ, ଏଆଇ ଇଞ୍ଜିନିୟର କିମ୍ବା କର୍ପୋରେଟ୍ ନେତା ହୋଇ ମଧ୍ୟ ନିଜ ମାତୃଭାଷା, ପାରିବାରିକ ମୂଲ୍ୟବୋଧ ଏବଂ ପରିବେଶ ସଚେତନତାକୁ ବଜାୟ ରଖିପାରିବ। ଭାରତୀୟ ସଂସ୍କୃତି ସର୍ବଦା ଗତିଶୀଳ ଏବଂ ପରିବର୍ତ୍ତନଶୀଳ ହୋଇଆସିଛି।ସାଂସ୍କୃତିକ ଆତ୍ମନିର୍ଭରଶୀଳତାର ଉପରେ ଗୁରୁତ୍ୱ ଦେବା ଯୁବପିଢ଼ିଙ୍କୁ ସାଂସ୍କୃତିକ ବିଚ୍ଛିନ୍ନତାରୁ ରକ୍ଷା କରେ। ଯେତେବେଳେ ଯୁବକମାନେ ଖଦି ପିନ୍ଧନ୍ତି, ଯୋଗ ଏବଂ ଆୟୁର୍ବେଦକୁ ଆପଣାନ୍ତି ଏବଂ 'ବସୁଧୈବ କୁଟୁମ୍ବକମ୍' ଭାବନା ସହିତ ବିଶ୍ୱ ସମସ୍ୟାକୁ ଦେଖନ୍ତି, ସେତେବେଳେ ସେମାନେ ବିଶ୍ୱ ଦରବାରରେ ଅନନ୍ୟ ମୂଲ୍ୟ ଯୋଡ଼ିଥାଆନ୍ତି।

ପ୍ରାଚୀନ ଭାରତୀୟ ଦର୍ଶନ ପରସ୍ପର ସହ ସଂଯୁକ୍ତ ହେବାର ନୀତି ଉପରେ କାର୍ଯ୍ୟ କରେ: 'ଯତ୍ ପିଣ୍ଡେ ତତ୍ ବ୍ରହ୍ମାଣ୍ଡେ' (ଯାହା ବ୍ୟକ୍ତିଠାରେ ଅଛି, ତାହା ବ୍ରହ୍ମାଣ୍ଡରେ ମଧ୍ୟ ଅଛି)। ବ୍ୟକ୍ତିଗତ ପରିବର୍ତ୍ତନ ପରିବାରର ପରିବର୍ତ୍ତନ ଆଣିଥାଏ, ଯାହା କ୍ରମଶଃ ସମାଜ, ରାଷ୍ଟ୍ର ଏବଂ ବିଶ୍ୱ କଲ୍ୟାଣ ଦିଗକୁ ଆଗେଇଥାଏ। ପଞ୍ଚ ପରିବର୍ତ୍ତନ ଠିକ୍ ଏହି ବହୁ-ଆୟାମୀ ସ୍ଥାପତ୍ୟକୁ ପ୍ରତିଫଳିତ କରେ। ଆରଏସ୍ଏସ୍‌ର ଏକ ଶହବର୍ଷ ପୂର୍ତ୍ତି ଏବଂ 'ପଞ୍ଚ ପରିବର୍ତ୍ତନ' ଢାଞ୍ଚାର ପ୍ରବର୍ତ୍ତନ ଜାତୀୟ ନବଜାଗରଣ ପାଇଁ ଯେତିକି ସମୀଚୀନ ସେତିକି ସ୍ୱାଗତଯୋଗ୍ୟ। ଅମୂଲ୍ୟ ସାଂସ୍କୃତିକ ମୂଲ୍ୟବୋଧକୁ ପାଞ୍ଚୋଟି କାର୍ଯ୍ୟକ୍ଷମ, ଦୈନନ୍ଦିନ ଅଙ୍ଗୀକାରବଦ୍ଧତାରେ ପରିଣତ କରି ଏହି ପଦକ୍ଷେପ ପରମ୍ପରା ଏବଂ ଆକାଂକ୍ଷା ମଧ୍ୟରେ ଥିବା ବ୍ୟବଧାନକୁ ଦୂରୀଭୂତ କରିଥାଏ। ଏଥିରୁ ସତଃ ସିଦ୍ଧ ଯେ ଭାରତର ଶ୍ୱାଶତ ସାଂସ୍କୃତିକ ମୂଳଦୁଆରେ କେବଳ ନିଜ ନାଗରିକଙ୍କୁ ନୁହେଁ, ବରଂ ଶାନ୍ତି, ମୈତ୍ରୀ ଓ ପ୍ରଗତିର ଅନ୍ୱେଷଣ ବିଶ୍ୱ ବାତାୟନକୁ ଉନ୍ମୁକ୍ତ କରିବାର ଅପେକ୍ଷା ରଖେ।


ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋବାଇଲ୍: ୯୪୩୮୫୩୭୦୧୩


# ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ




ଚିତ୍ତରଞ୍ଜନ ପୃଷ୍ଟି


ପ୍ରକୃତି ସହିତ ମଣିଷର ଅତି ନିବିଡ଼ ସମ୍ପର୍କ କେଉଁ ଆଦିମ କାଳରୁ ରହିଆସିଛି।ପ୍ରକୃତି ଆମ ଅସ୍ତିତ୍ୱର ଅବିଚ୍ଛେଦ୍ୟ ଅଙ୍ଗ।ପ୍ରକୃତି ଆମର ରକ୍ଷା କବଚ ଏବଂ ଆମର ଜୀବନ ରକ୍ଷାକାରୀ।ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ। ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ୍ୟ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ।ନିଜକୁ ଶ୍ରେଷ୍ଠ ବୋଲାଉଥିବା ଆଜିର ମଣିଷ ସ୍ୱାର୍ଥ ହାସଲ ନିମନ୍ତେ ଜଳ, ସ୍ଥଳ, ଆକାଶଠାରୁ ଆରମ୍ଭ କରି ମାଟି, ପାଣି, ପବନ ଏବଂ ପାହାଡ଼ ପର୍ଯ୍ୟନ୍ତ ଯେତେସବୁ ପ୍ରାକୃତିକ ସମ୍ପଦ ରହିଛି ତା ଉପରେ ଅହରହ ଅତ୍ୟାଚାର କରିଚାଲିଛି।ପ୍ରକୃତିକୁ କରାୟତ୍ତ କରିବା ପାଇଁ ମଣିଷ ନିରନ୍ତର ପ୍ରୟାସ କରୁଛି ,ଯାହାଫଳରେ ପାରିପାର୍ଶ୍ୱିକ ଭାରସାମ୍ୟ ଓ ସନ୍ତୁଳିତ ପରିବେଶରେ ଅସ୍ଥିରତା ସୃଷ୍ଟି ହେଉଛି।କାଳକ୍ରମେ ପ୍ରକୃତିର ସରସ ସୁନ୍ଦର ରୂପକୁ ନଷ୍ଟ କରୁଛି ଏ ମାନବ ସମାଜ।

ପ୍ରକୃତି ଓ ପରିବେଶ ଧ୍ୱଂସ କରି ଆମେ ମହାବିନାଶକୁ ଡାକି ଆଣୁଛେ। ଗତ କିଛି ଦଶକରେ ଜଳବାୟୁ ପରିବର୍ତ୍ତନ ଏହାର ସତ୍ୟତା ପ୍ରମାଣ କରିଛି। ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳିଛି। ବିଶେଷକରି ହିମାଳୟ ଠାରୁ ଆଣ୍ଟାର୍କଟିକା ପର୍ଯ୍ୟନ୍ତ ଏହାର ପ୍ରଭାବ ଯୋଗୁଁ ବିଶାଳ ବରଫ ଖଣ୍ଡ ତରଳିବାରେ ଲାଗିଛି। ସମୁଦ୍ରର ଜଳପତ୍ତନ ବୃଦ୍ଧି ଯୋଗୁଁ ଆଗାମୀ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ସହର ଗୁଡିକ ଜଳମଗ୍ନ ହେବା ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।ନିକଟରେ ଏମିତି ଏକ ଘଟଣା ନେପାଳରେ ଘଟିଛି।ଭୟାବହ ଭୂସ୍ଖଳନ ଘଟି ହଠାତ ଏକ ଭୟଙ୍କର ବନ୍ୟା ମାଡ଼ି ଆସିଲା। ଅନେକଙ୍କ ଜୀବନ ଅକାଳରେ ଚାଲିଯାଇଛି।ହିମାଳୟ ଅଞ୍ଚଳର ଗ୍ଲାସିୟର ଭାଙ୍ଗିବା ଏବଂ ପରବର୍ତ୍ତୀ ସମୟରେ ବରଫ ପଥର ସ୍ଖଳନ ଯୋଗୁଁ ହିଁ ଏହି ବନ୍ୟା ଆସିଛି। ଏଭଳି ଘଟଣା ଗୁଡ଼ିକୁ ପ୍ରାୟତଃ ଗ୍ଲାସିୟଲ ହ୍ରଦ ବିସ୍ଫୋରଣ ଜନିତ ବନ୍ୟା ଭାବରେ ଶ୍ରେଣୀଭୁକ୍ତ କରାଯାଏ। ଯେଉଁଠାରେ ଭୂସ୍ଖଳନ ଜନିତ ଆବର୍ଜନା ଦ୍ୱାରା ଅବରୋଧ ହୋଇଥିବା ହ୍ରଦଗୁଡ଼ିକ ଫାଟିଯାଏ।ଜଳବାୟୁ ପରିବର୍ତ୍ତନ ହିନ୍ଦୁ କୁଶ ହିମାଳୟ ଅଞ୍ଚଳରେ ଗ୍ଲାସିୟର ତରଳିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ହିମାଳୟ ଯେଉଁଠାରେ ଆର୍କାଟିକ ଏବଂ ଆଣ୍ଟାର୍କଟିକା ବାହାରେ ବିଶ୍ୱର ସବୁଠାରୁ ବଡ଼ ବରଫ ଏବଂ ହିମ ଭଣ୍ଡାର ରହିଛି। ଏହାକୁ ବିଶ୍ୱର ତୃତୀୟ ମେରୁ କୁହାଯାଏ। ତାପମାତ୍ରା ବୃଦ୍ଧି ପାଇବା ସହିତ ଖସଡ଼ା ପାହାଡ଼ିଆ ଢାଲୁଗୁଡ଼ିକରେ ଥିବା ଶହ ଶହ ବର୍ଷ ଧରି ପୁରୁଣା ବରଫାବୃତ ପଥର, ମାଟି ଏବଂ ବରଫର ସ୍ତର ତରଳିବାରେ ଲାଗିଛି।

ତାପମାତ୍ରା ବୃଦ୍ଧି ଯୋଗୁଁ ହିମାଳୟର ଗ୍ଲେସିୟରଗୁଡ଼ିକ ତରଳି ବଡ଼ ବଡ଼ ହ୍ରଦ ସୃଷ୍ଟି କରୁଛନ୍ତି। ଏହି ହ୍ରଦଗୁଡ଼ିକର ପ୍ରାକୃତିକ ବନ୍ଧ ଦୁର୍ବଳ ଥିବାରୁ, ହିମ ସ୍ଖଳନ କିମ୍ବା ଅତ୍ୟଧିକ ଜଳଚାପ ଯୋଗୁଁ ତାହା ହଠାତ୍ ଫାଟିଯାଏ ଏବଂ ତଳ ଅଞ୍ଚଳକୁ କିଛି ମିନିଟ୍ ମଧ୍ୟରେ ବୁଡ଼ାଇ ଦିଏ।ନେପାଳ ଜଳବାୟୁ ପରିବର୍ତ୍ତନ କାରଣରୁ ବିଶ୍ୱର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହାର ଭୌଗୋଳିକ ସ୍ଥିତି (ହିମାଳୟ ପାର୍ବତ୍ୟ ଅଞ୍ଚଳ) ହେତୁ ଏଠାରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ଏବଂ ତୀବ୍ରତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।ବିଶ୍ୱ ତାପନ, ଅସ୍ଥିର ବରଫ ସ୍ତର ଏବଂ ଭୂକମ୍ପ ଭଳି ପ୍ରାକୃତିକ ତଥା ମାନବୀୟ କାରଣରୁ ଏହି ସମସ୍ୟା ଉପୁଜିଥାଏ।

କେବଳ ନେପାଳ ନୁହେଁ ସମଗ୍ର ବିଶ୍ୱ ଆଜି ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ବହୁବିଧ ପ୍ରଦୂଷଣ, ଜଙ୍ଗଲ ଅବକ୍ଷୟ ଏବଂ ଜୈବ ବିବିଧତାର ହ୍ରାସ ପରି ଗମ୍ଭୀର ପରିବେଶଜନିତ ସମସ୍ୟାର ସମ୍ମୁଖୀନ ହେଉଛି।ପ୍ରାକୃତିକ ସମ୍ପଦର ଅସହନୀୟ ଶୋଷଣ ଏବଂ ପରିବେଶର ଗୁଣାତ୍ମକ ମାନର ଅବକ୍ଷୟ ବଢି ଚାଲିଛି।ବିବେକହୀନ ମଣିଷ ପାଇଁ ଆଜି ଧ୍ୱଂସ ହେଉଛି ପୃଥିବୀ। ପରିବେଶର ମାନର ହ୍ରାସ ଘଟୁଛି।ଭବିଷ୍ୟତରେ କେତେ ଯେ ବିପତ୍ତି ଘଟିବ ତାହା ଆକଳନ କରିବା କଷ୍ଟକର। ପ୍ରାକୃତିକ ସମ୍ପଦର ସନ୍ତୁଳନ ଓ ମିତବ୍ୟୟିତା ରକ୍ଷା ନ କଲେ ଏ ମାନବ ସଭ୍ୟତା ଧରାପୃଷ୍ଠରୁ ଲୋପ ପାଇଯିବ।ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଆମ ପାଇଁ ସତର୍କ ଘଣ୍ଟି। ଆମେ ନିଜେ ହିଁ ନିଜର ଧ୍ୱଂସ କରୁଛୁ।ସହରୀକରଣ ନାମରେ ସବୁଜ ବଳୟକୁ ନଷ୍ଟ କଲେ ତା'ର କୁପ୍ରଭାଓ୍ୱ ମାନବ ସମାଜ ଉପରେହିଁ ପଡିବ।ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।ସମୟ ଆସିବ ସାରାବିଶ୍ୱ ଦିନେ ପରିବେଶ ପ୍ରଦୂଷଣରେ ଅତିଷ୍ଠ ହେବାକୁ ଲାଗିବ।ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ।

ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରଚ୍ଛନ୍ନ ହାତ ରହିଛି।ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁଁ ବାୟୁମଣ୍ଡଳକୁ ବହୁ ପରିମାଣର ସବୁଜଘର ଗ୍ୟାସ ନିର୍ଗତ ହେଉଛି। ସବୁଜଘର ଗ୍ୟାସ୍ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।ବାୟୁ, ଜଳ, ମୃତ୍ତିକା ପ୍ରଦୂଷଣର ହାର ଦ୍ରୁତ ବେଗରେ ବଢିଚାଲିଛି। ଏହାର କୁପ୍ରଭାବ ମଣିଷ ସମାଜ ଉପରେ ପଡୁଛି।ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଧୀରେ ଧୀରେ ଜୀବଜନ୍ତୁଙ୍କ ଉପରେ ମଧ୍ୟ ପଡ଼ିବା ଆରମ୍ଭ ହୋଇଛି। ଏହି ବିପଦ ଆଗକୁ ଆହୁରି ବଢ଼ିଯିବ। ଫଳରେ ପୃଥିବୀ ପୃଷ୍ଠରୁ ଅନେକ ଜୀବଜନ୍ତୁ ଲୋପ ପାଇଯିବେ। ୨୦୫୦ ବେଳକୁ ବରଫରେ ବାସ କରୁଥିବା ଜୀବ ଜନ୍ତୁଙ୍କୁ ଦେଖିବା ଏକ ପ୍ରକାର ସ୍ୱପ୍ନ ହୋଇଯିବ। ସେହିପରି ଜଙ୍ଗଲୀ ଜୀବଜନ୍ତୁଙ୍କ ବଂଶ ବି ଆଗକୁ ସମ୍ପୂର୍ଣ୍ଣ ଶୂନ ହୋଇଯିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି।ଜଳବାୟୁ ପରିବର୍ତ୍ତନ ସାରା ବିଶ୍ୱପାଇଁ ଏକ ପ୍ରକାର କାଳ ହୋଇଛି।

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱସ୍ତରରେ ଅତିରିକ୍ତ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।ଜଳବାୟୁ ପରିବର୍ତ୍ତନ ମନୁଷ୍ୟ ଜୀବନର ଅନେକ ପ୍ରଭାବ ପକାଇଛି, ଯାହା ସ୍ୱାସ୍ଥ୍ୟ, ଜୀବିକା, ଓ ବାସସ୍ଥଳୀ ସହିତ ସମ୍ପୃକ୍ତ। ଏହାକୁ ରୋକିବା ପାଇଁ ସମସ୍ତଙ୍କର ସହଯୋଗ ଓ ପରିବେଶ ପ୍ରତି ସଚେତନତା ଆବଶ୍ୟକ।ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ମଧ୍ୟରେ ଜୀବନଧାରଣ ପାଇଁ ମଣିଷ ଆଜି ଅଣନିଃଶ୍ୱାସୀ।ବିଶୁଦ୍ଧ ପରିବେଶ ଭିତରେ ବଞ୍ଚିବା ଆଜିର ପରିସ୍ଥିତିରେ ଏକ ଆହ୍ୱାନରେ ପରିଣତ ହୋଇଛି।ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ।ପ୍ରାକୃତିକ ପରିବେଶକୁ ସୁନ୍ଦର ରଖିବା ସହିତ ସୁରକ୍ଷିତ ରଖିପାରିଲେ ଆମେ ସମସ୍ତେ ସୁଖକର ଜୀବନଯାପନ କରିପାରିବା।ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।ସମୟ ଆସିବ ସାରାବିଶ୍ୱ ଦିନେ ପରିବର୍ତ୍ତିତ ଜଳବାୟୁ ଓ ଅସନ୍ତୁଳିତ ପରିବେଶ ପ୍ରଭାବରେ ଅତିଷ୍ଠ ହେବାକୁ ଲାଗିବ।ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ।ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଡିବ।ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ପ୍ରତି ସଚେତନ ହେବା ଯାହା ଫଳରେ ଉଭୟ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ।ତା ନହେଲେ ଏହି ମାନବ ସଭ୍ୟତା, ସୁନ୍ଦର ଜୀବଜଗତ ଅକାଳରେ ଧ୍ୱଂସପ୍ରାପ୍ତ ହେବ।


ନିମାପଡା, ପୁରୀ, ମୋବାଇଲ୍: ୯୭୭୮୧୭୭୫୦୧


# ସାକ୍ଷରତାର ଆଲୋକରେ ଓଡ଼ିଶାର ନୂଆ ସକାଳ

## ଜ୍ଞାନ ହିଁ ଶକ୍ତି, ଶିକ୍ଷା ହିଁ ସମାଜର ସତ୍ୟ ସ୍ୱାଧୀନତା




ସୌଭାଗ୍ୟ ରଞ୍ଜନ ମହାନ୍ତି


ବିଶ୍ୱ ସାକ୍ଷରତା ଦିବସ କେବଳ ଏକ ଦିନର ସ୍ମରଣୀୟ ଅବସର ନୁହେଁ, ଏହା ମାନବ ସମାଜକୁ ଏକ ଗଭୀର ପ୍ରଶ୍ନ ପଚାରିବାର ଦିନ-ଆମେ କେତେ ଲୋକଙ୍କୁ ଅକ୍ଷର ଚିହ୍ନାଇଛୁ ତାହାଠାରୁ ବଡ଼ ପ୍ରଶ୍ନ ହେଉଛି, ଆମେ କେତେ ଲୋକଙ୍କୁ ନିଜ ଜୀବନ ବିଷୟରେ ସଚେତନ ନିଷ୍ପତ୍ତି ନେବାର ଶକ୍ତି ଦେଇପାରିଛୁ? ସାକ୍ଷରତା ଅର୍ଥ କେବଳ ନିଜ ନାମ ଲେଖିବା, ଏକ ବାକ୍ୟ ପଢ଼ିବା କିମ୍ବା ସଂଖ୍ୟା ଗଣିବା ନୁହେଁ; ସାକ୍ଷରତା ହେଉଛି ଅଧିକାର ବୁଝିବା, କର୍ତ୍ତବ୍ୟ ଚିହ୍ନିବା, ଠିକ୍ ଓ ଭୁଲ ମଧ୍ୟରେ ପାର୍ଥକ୍ୟ କରିବା, ସୂଚନାକୁ ପରୀକ୍ଷା କରିବା, ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ନିଜ ପରିବାର ଓ ସମାଜ ପାଇଁ ସଚେତନ ନିଷ୍ପତ୍ତି ନେବାର କ୍ଷମତା। ସେଥିପାଇଁ ସାକ୍ଷରତା ହେଉଛି ଗଣତନ୍ତ୍ରର ଭିତ୍ତି, ଅର୍ଥନୈତିକ ଉନ୍ନତିର ଚାବି ଓ ସାମାଜିକ ନ୍ୟାୟର ଦ୍ୱାର। ଆଜିର ଦୁନିଆରେ ଯେଉଁଠି ସୂଚନାର ବନ୍ୟା, ସେଠାରେ ପଢ଼ିବାର କ୍ଷମତା ସହିତ ବୁଝିବାର କ୍ଷମତା ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଏହି ପରିପ୍ରେକ୍ଷିତରେ ଓଡ଼ିଶାର ଭୂମିକା ବିଶେଷ ଗୁରୁତ୍ୱ ରଖେ। ଓଡ଼ିଶାର ଶିକ୍ଷା ଯାତ୍ରା କେବଳ ବିଦ୍ୟାଳୟର ଦ୍ୱାର ଖୋଲିବାର ଇତିହାସ ନୁହେଁ, ଏହା ସମାଜର ଅନ୍ଧକାର ମଧ୍ୟରେ ଜ୍ଞାନର ଦୀପ ଜଳାଇବାର ଦୀର୍ଘ ସଂଗ୍ରାମ। ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ରାଧାନାଥ ରାୟଙ୍କ ଭଳି ଅନେକ ମହାନ ବ୍ୟକ୍ତିତ୍ୱ ଓଡ଼ିଆ ଭାଷା, ଜ୍ଞାନ ଓ ଶିକ୍ଷାର ବିକାଶ ପାଇଁ ଅମୂଲ୍ୟ ଅବଦାନ ରଖିଛନ୍ତି। ମଧୁସୂଦନ ଦାସଙ୍କ ଭଳି ମହାନ ଚିନ୍ତକମାନେ ମଧ୍ୟ ଶିକ୍ଷିତ ଓ ସଚେତନ ସମାଜ ବିନା ଏକ ସୁଦୃଢ଼ ଓଡ଼ିଶା ଗଢ଼ିବା ଅସମ୍ଭବ ବୋଲି ବୁଝିଥିଲେ। ଆଜି ସେହି ଐତିହ୍ୟକୁ ଆଧୁନିକ ଆବଶ୍ୟକତା ସହ ଯୋଡ଼ିବାର ସମୟ। ରାଜ୍ୟର ଗ୍ରାମାଞ୍ଚଳ, ପାହାଡ଼ିଆ ଅଞ୍ଚଳ, ଜନଜାତି ଅଞ୍ଚଳ ଓ ଦୂରଦୂରାନ୍ତର ଗାଁଗୁଡ଼ିକରେ ଶିକ୍ଷାର ପ୍ରସାର ଏକ ବଡ଼ ପରିବର୍ତ୍ତନ ଆଣିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଭର୍ତ୍ତି ବଢ଼ିଛି, ଝିଅମାନଙ୍କ ଶିକ୍ଷା ପ୍ରତି ପରିବାରର ଆଗ୍ରହ ବଢ଼ିଛି, ଉଚ୍ଚଶିକ୍ଷାର ସୁଯୋଗ ବିସ୍ତାରିତ ହୋଇଛି ଏବଂ ଶିକ୍ଷାକୁ ଜୀବନ ପରିବର୍ତ୍ତନର ମାଧ୍ୟମ ଭାବେ ଗ୍ରହଣ କରିବାର ମନୋଭାବ ଦୃଢ଼ ହୋଇଛି। ତଥାପି ଆମର ଆତ୍ମସନ୍ତୋଷର ସ୍ଥାନ ନାହିଁ। ବିଦ୍ୟାଳୟରେ ଉପସ୍ଥିତି ଓ ପ୍ରକୃତ ଶିକ୍ଷାଲାଭ ଏକ କଥା ନୁହେଁ। ଶିଶୁ ପୁସ୍ତକ ପଢ଼ୁଛି କି ନାହିଁ, ପଢ଼ିଥିବା



କଥା ବୁଝୁଛି କି ନାହିଁ, ସରଳ ଗଣିତ କରିପାରୁଛି କି ନାହିଁ, ନିଜ ଚିନ୍ତାକୁ ସ୍ପଷ୍ଟ ଭାବେ କହିପାରୁଛି କି ନାହିଁ— ଏହି ପ୍ରଶ୍ନଗୁଡ଼ିକ ଆମ ଶିକ୍ଷା ବ୍ୟବସ୍ଥାର ମୂଳ ପରୀକ୍ଷା। ଆଜିର ଛାତ୍ର ଆସନ୍ତାକାଲିର ନାଗରିକ। ତେଣୁ କେବଳ ପରୀକ୍ଷାରେ ଅଧିକ ଅଙ୍କ ନୁହେଁ, ତାଙ୍କ ମନରେ ପ୍ରଶ୍ନ କରିବାର ସାହସ, ତର୍କ କରିବାର କ୍ଷମତା, ନୂଆ କଥା ଶିଖିବାର ଆଗ୍ରହ ଓ ସତ୍ୟ ଖୋଜିବାର ଅଭ୍ୟାସ ଗଢ଼ିବା ଆବଶ୍ୟକ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢ଼ୁଥିବା ଯୁବପିଢ଼ି ପାଇଁ ଏହି ସନ୍ଦେଶ ଆହୁରି ଗୁରୁତ୍ୱପୂର୍ଣ୍ଣ। ଜ୍ଞାନକୁ କେବଳ ଚାକିରି ପାଇବାର ଉପକରଣ ଭାବେ ଦେଖିଲେ ଶିକ୍ଷାର ମହତ୍ତ୍ୱ ସୀମିତ ହୋଇଯାଏ। ଜ୍ଞାନ ହେଉଛି ନିଜକୁ ଗଢ଼ିବାର ଅସ୍ତ୍ର, ସମାଜକୁ ବୁଝିବାର ଦୃଷ୍ଟି ଓ ଦେଶକୁ ଆଗକୁ ନେବାର ଶକ୍ତି। ଜଣେ ପ୍ରଶାସନିକ ଅଧିକାରୀ ଯଦି ଆଇନ ପଢ଼ିଥାନ୍ତି କିନ୍ତୁ ଲୋକଙ୍କ ଦୁଃଖ ବୁଝିପାରନ୍ତି ନାହିଁ, ତେବେ ତାଙ୍କ ଶିକ୍ଷା ଅସମ୍ପୂର୍ଣ୍ଣ; ଜଣେ ଶିକ୍ଷକ ଯଦି ପାଠ ପଢ଼ାନ୍ତି କିନ୍ତୁ ଶିଶୁର ଜିଜ୍ଞାସା ଜାଗ୍ରତ କରିପାରନ୍ତି ନାହିଁ, ତେବେ ଶିକ୍ଷା ତାହାର ଲକ୍ଷ୍ୟ ହରାଇଥାଏ। ଓଡ଼ିଶା ପାଇଁ ଆଜିର ଚ୍ୟାଲେଞ୍ଜ ହେଉଛି ସାକ୍ଷରତାକୁ ଜୀବନମୁଖୀ କରିବା। ବୟସ୍କମାନଙ୍କ ମଧ୍ୟରେ ଯେଉଁମାନେ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ପଢ଼ିବା, ଲେଖିବା ସହିତ ଦୈନନ୍ଦିନ ଜୀବନର ଆବଶ୍ୟକ ଜ୍ଞାନ ଦେବାକୁ ହେବ। ବ୍ୟାଙ୍କ, ଚିକିତ୍ସା, କୃଷି, ଆଇନ, ସରକାରୀ ଯୋଜନା, ଅର୍ଥ ପରିଚାଳନା ଓ ନିଜ ଅଧିକାର ସମ୍ପର୍କରେ ମୌଳିକ ବୁଝାମଣା ସୃଷ୍ଟି କରିବା ଆବଶ୍ୟକ। ଏହା ସହିତ ଡିଜିଟାଲ ଯୁଗରେ ନୂଆ ପ୍ରକାରର ସାକ୍ଷରତା ଦରକାର। ମୋବାଇଲ ଚଳାଇ ପାରିବା ମାତ୍ର ଡିଜିଟାଲ ସାକ୍ଷରତା ନୁହେଁ; ଭୁଲ ସୂଚନା ଚିହ୍ନଟ କରିବା, ଠକେଇରୁ ସାବଧାନ ରହିବା, ନିଜସ୍ୱ ତଥ୍ୟ ସୁରକ୍ଷିତ ରଖିବା ଓ ଦାୟିତ୍ୱଶୀଳ ଭାବେ ପ୍ରଯୁକ୍ତି ବ୍ୟବହାର କରିବା ମଧ୍ୟ ଏହାର ଅଂଶ। ଓଡ଼ିଶାର ଗାଁର ଜଣେ ମାଆ ଯଦି ନିଜ ସନ୍ତାନର ପାଠପଢ଼ା ବୁଝିପାରନ୍ତି, ଜଣେ କୃଷକ ଯଦି ନିଜ ଉତ୍ପାଦନର ମୂଲ୍ୟ ଓ ସରକାରୀ ସୁଯୋଗ ବିଷୟରେ ସୂଚନା ନେଇପାରନ୍ତି, ଜଣେ ଶ୍ରମିକ ଯଦି ନିଜ ଅଧିକାର ବୁଝିପାରନ୍ତି ଏବଂ ଜଣେ ଯୁବକ ଯଦି ନିଜ ସ୍ୱପ୍ନ ପାଇଁ ସଠିକ୍ ଜ୍ଞାନ ଅର୍ଜନ କରିପାରନ୍ତି, ତେବେ ସାକ୍ଷରତାର ପ୍ରକୃତ ଅର୍ଥ ସାର୍ଥକ ହେବ। ଏଠାରେ ପରିବାରର ଭୂମିକା ମଧ୍ୟ ବଡ଼। ଶିଶୁକୁ ବିଦ୍ୟାଳୟକୁ ପଠାଇଦେଇ ଦାୟିତ୍ୱ ସମାପ୍ତ ହୁଏ ନାହିଁ। ଘରେ ପଢ଼ିବାର ପରିବେଶ, ପୁସ୍ତକ ପ୍ରତି ଆଗ୍ରହ, ଆଲୋଚନାର ସୁଯୋଗ ଓ ପ୍ରଶ୍ନ କରିବାର ସ୍ୱାଧୀନତା ଦେବାକୁ ହେବ। ଶିକ୍ଷକମାନେ ହେଉଛନ୍ତି ଏହି ଅଭିଯାନର ସବୁଠାରୁ ଶକ୍ତିଶାଳୀ ସୈନିକ। ତେଣୁ ସେମାନଙ୍କୁ ଆବଶ୍ୟକ ସମ୍ମାନ, ପ୍ରଶିକ୍ଷଣ, ସମ୍ବଳ ଓ ଶିକ୍ଷାଦାନର ସ୍ୱାଧୀନତା ଦେବା ଦରକାର। ସରକାରଙ୍କ ଦାୟିତ୍ୱ ହେଉଛି ଭିତ୍ତିଭୂମି, ଶିକ୍ଷକ, ପୁସ୍ତକ, ପ୍ରଯୁକ୍ତି ଓ ସମାନ ସୁଯୋଗ ସୁନିଶ୍ଚିତ କରିବା; ସମାଜର ଦାୟିତ୍ୱ ହେଉଛି ଶିକ୍ଷାକୁ ଆନ୍ଦୋଳନରେ ପରିଣତ କରିବା। ଓଡ଼ିଶାର ପ୍ରତ୍ୟେକ ଗାଁରେ ପାଠାଗାର, ପ୍ରତ୍ୟେକ ବିଦ୍ୟାଳୟରେ ପଢ଼ା ଅଭ୍ୟାସ, ପ୍ରତ୍ୟେକ ଘରେ ପୁସ୍ତକ ପାଇଁ ସ୍ଥାନ ଓ ପ୍ରତ୍ୟେକ ଯୁବକଙ୍କ ମନରେ ଜ୍ଞାନ ପାଇଁ ତୃଷ୍ଣା ସୃଷ୍ଟି କରିପାରିଲେ ଏହି ରାଜ୍ୟର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ। ସାକ୍ଷରତା ହେଉଛି ଦାରିଦ୍ର୍ୟ ବିରୋଧରେ ଦୀର୍ଘମିଆଦୀ ଅସ୍ତ୍ର, ଅନ୍ଧବିଶ୍ୱାସ ବିରୋଧରେ ଯୁକ୍ତିର ଆଲୋକ, ବେକାରି ବିରୋଧରେ କୌଶଳର ଦ୍ୱାର ଓ ଅସମାନତା ବିରୋଧରେ ସୁଯୋଗର ସେତୁ। ତେଣୁ ବିଶ୍ୱ ସାକ୍ଷରତା ଦିବସରେ ଓଡ଼ିଶା ଏକ ନୂଆ ସଂକଳ୍ପ ନେଉ-କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ହେବ ନାହିଁ, କୌଣସି ବୟସ୍କ ଅଜ୍ଞତାର ଅନ୍ଧକାରରେ ରହିବେ ନାହିଁ, କୌଣସି ଯୁବକ ଭୁଲ ସୂଚନାର ଶିକାର ହେବେ ନାହିଁ ଏବଂ କୌଣସି ପରିବାର ଶିକ୍ଷାକୁ ଭାର ଭାବିବ ନାହିଁ। ଆମେ ମନେରଖିବା ଦରକାର— ସାକ୍ଷର ଓଡ଼ିଶା କେବଳ ଅଧିକ ଲୋକ ପଢ଼ିପାରୁଥିବା ଓଡ଼ିଶା ନୁହେଁ; ସାକ୍ଷର ଓଡ଼ିଶା ହେଉଛି ଏମିତି ଏକ ଓଡ଼ିଶା, ଯେଉଁଠି ନାଗରିକ ନିଜ ଅଧିକାର ଜାଣନ୍ତି, ନିଜ କର୍ତ୍ତବ୍ୟ ପାଳନ କରନ୍ତି, ତଥ୍ୟକୁ ପ୍ରଶ୍ନ କରନ୍ତି, ଜ୍ଞାନକୁ ସମ୍ମାନ କରନ୍ତି ଓ ନିଜ ପରବର୍ତ୍ତୀ ପିଢ଼ି ପାଇଁ ଆହୁରି ଭଲ ସମାଜ ଗଢ଼ନ୍ତି। ଆଜି ଜଣେ ଶିଶୁର ହାତରେ ପୁସ୍ତକ ଦେବା ଅର୍ଥ ଆସନ୍ତାକାଲି ତାହାର ହାତରେ ସୁଯୋଗ ଦେବା। ଜଣେ ଯୁବକଙ୍କ ମନରେ ଜ୍ଞାନର ଦୀପ ଜଳାଇବା ଅର୍ଥ ରାଜ୍ୟର ଭବିଷ୍ୟତକୁ ଆଲୋକିତ କରିବା। ତେଣୁ ଆସନ୍ତୁ, ସାକ୍ଷରତାକୁ ଉତ୍ସବରେ ସୀମିତ ନରଖି ଜୀବନର ଅଭ୍ୟାସ କରିବା; ପ୍ରତ୍ୟେକ ଘରକୁ ଜ୍ଞାନର ଘର, ପ୍ରତ୍ୟେକ ବିଦ୍ୟାଳୟକୁ ସ୍ୱପ୍ନର କାରଖାନା ଓ ପ୍ରତ୍ୟେକ ଯୁବକଙ୍କୁ ପରିବର୍ତ୍ତନର ଦୂତ କରିବା। କାରଣ ଯେଉଁ ସମାଜରେ ଜ୍ଞାନର ଆଲୋକ ଅଛି, ସେଠାରେ ଅନ୍ଧକାରର ଶାସନ ଦୀର୍ଘ ହୋଇପାରେ ନାହିଁ; ଏବଂ ଯେଉଁ ଓଡ଼ିଶାର ପ୍ରତ୍ୟେକ ମଣିଷ ଶିକ୍ଷିତ, ସଚେତନ ଓ ଜ୍ଞାନମୁଖୀ, ସେହି ଓଡ଼ିଶା ହିଁ ଭବିଷ୍ୟତ ଭାରତର ଶକ୍ତିଶାଳୀ ଭିତ୍ତି ହେବ।


ମୋବାଇଲ୍: ୯୪୩୭୯୯୪୩୭୯

# ହର୍ମୁଜରେ ପ୍ରତିବନ୍ଧିତ ଅଞ୍ଚଳ ପ୍ରତିଷ୍ଠା କରିବ ଇରାନ



ତେହରାନ,୭।୯: ଉପସାଗରରେ ହର୍ମୁଜ୍ ପ୍ରଣାଳୀକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଇରାନ କହିଛି ଯେ, ଆମେ ହର୍ମୁଜ୍ ପ୍ରଣାଳୀ ନିକଟରେ ଅଞ୍ଚଳକୁ ଏକ ନୂତନ ପ୍ରତିବନ୍ଧିତ ଅଞ୍ଚଳ ଘୋଷଣା କରିବା ଯୋଜନା ଉପରେ କାମ କରୁଛୁ। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ (ଏସଏନସସି)ର ନୂତନ ମୁଖ୍ୟ କହିଛନ୍ତି, ତେହେରାନର ଯୋଜନାର ଲକ୍ଷ୍ୟ ହେଉଛି ପ୍ରଣାଳୀ ଦେଇ ପରିବହନ କରିବାକୁ ଚେଷ୍ଟା କରୁଥିବା ଜାହାଜଗୁଡ଼ିକର ଚଳାଚଳକୁ ବନ୍ଦ କରିବା। ତେବେ ଇରାନର ସରକାରୀ ପ୍ରସାରଣକାରୀ ସଂସ୍ଥା ସହିତ ଏକ ସାକ୍ଷାତକାରରେ, ନୂତନ ମୁଖ୍ୟ ମୋହସେନ ରେଜାଇ ବହୁତ କମ୍ ସୂଚନା ପ୍ରଦାନ କରିଥିଲେ। ତେହରାନ ଦ୍ୱାରା ଆମେରିକୀୟ ଯୁଦ୍ଧଜାହାଜ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରାଯିବାର ଜବାବରେ ଆମେରିକା ତିନୋଟି ଇରାନୀ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିବାର ଗୋଟିଏ ଦିନ ପରେ ରେଜାଇଙ୍କର ଏହି ମନ୍ତବ୍ୟ ଆସିଛି।

ରେଜାଇ କହିଛନ୍ତି, ଏହି ନୂତନ ପ୍ରତିବନ୍ଧିତ ଅଞ୍ଚଳ ଆଗାମୀ କିଛି ଦିନ କିମ୍ବା ସପ୍ତାହକ ମଧ୍ୟରେ ଘୋଷଣା କରାଯିବ।

ଏହି ଅଞ୍ଚଳ ଆମେରିକା ନୌସେନା ଅବରୋଧ ରେଖାରୁ ଆରମ୍ଭ ହୋଇ ହର୍ମୁଜ୍ ପ୍ରଣାଳୀ ଆଡକୁ ଏବଂ ସେଠାରୁ ପାରସ୍ୟ ଉପସାଗର ପର୍ଯ୍ୟନ୍ତ ବିସ୍ତାରିତ ହେବ। ଯେକୌଣସି ଜାହାଜ ହର୍ମୁଜ୍ ଦେଇ ପରିବହନ କରିବା ଉଦ୍ଦେଶ୍ୟରେ ଏହି ଅଞ୍ଚଳରେ ପ୍ରବେଶ କଲେ ଚିହ୍ନଟ କରାଯାଇ ତାହାକୁ ଆମର ପ୍ରତିବନ୍ଧିତ ତାଲିକାରେ ରଖାଯିବ।

## 'ଶିକ୍ଷିତ ଅଞ୍ଚଳ ନୁହେଁ, ଅପରାଧିକ ଅଞ୍ଚଳରୁ ଭୋଟ୍ ପାଇଛି'



ନାଗପୁର,୭।୯: ପ୍ରାୟତଃ ନିଜର ସ୍ପଷ୍ଟବାଦୀତା ପାଇଁ ଶିରୋନାମା ପାଲଟିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବେ ପୁଣି ଚର୍ଚ୍ଚାରେ ଅଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ସମୟରେ ତାଙ୍କୁ ଧନୀ କିମ୍ବା ଶିକ୍ଷିତ ଲୋକଙ୍କ ପ୍ରାଧାନ୍ୟ ଥିବା ଅଞ୍ଚଳ ଅପେକ୍ଷା ଅପରାଧିକ କାର୍ଯ୍ୟକଳାପ, ଅଣ୍ଡରୱାର୍ଲ୍ଡ ସହ ଜଡ଼ିତ ଓ ରେଡଲାଇଟ୍ ଏରିଆ ପାଇଁ ଜଣାଶୁଣା ଅଞ୍ଚଳରୁ ଅଧିକ ଭୋଟ୍ ମିଳିଛି। ମୁଁ ଶିକ୍ଷିତ କ୍ଷେତ୍ରରୁ ୭୦ ରୁ ୭୫ ପ୍ରତିଶତ ଭୋଟ୍ ପାଇଛି। ଯେତେବେଳେ ଅପରାଧୀ ଏବଂ ଅଣ୍ଡରୱାର୍ଲ୍ଡ ସହ ଜଡ଼ିତ ଅଞ୍ଚଳରୁ ୯୨ ପ୍ରତିଶତ ଭୋଟ ପାଇଛି। ଗଡ଼କରୀ ବ୍ୟାଖ୍ୟା କରିଛନ୍ତି ଯେ, ସେ ଏହି ଅଞ୍ଚଳଗୁଡ଼ିକରେ ରାସ୍ତା ନିର୍ମାଣ କରିଛନ୍ତି, ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରିଛନ୍ତି ଓ ଅନେକ ସାମାଜିକ କାର୍ଯ୍ୟ କରିଛନ୍ତି। ଏହି ବିକାଶମୂଳକ ପଦକ୍ଷେପଗୁଡ଼ିକ ହିଁ ସେଠାକାର ଲୋକମାନଙ୍କୁ ତାଙ୍କୁ ଭୋଟ୍ ଦେବାକୁ ପ୍ରେରଣା ଦେଇଥିଲା। ଅଞ୍ଚଳର ପୃଷ୍ଠଭୂମି ଅପେକ୍ଷା, ପ୍ରକୃତରେ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ସେଠାରେ କରାଯାଇଥିବା ବିକାଶ କାର୍ଯ୍ୟ ଓ ଏହା ଦ୍ୱାରା ସୃଷ୍ଟି ହୋଇଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ। ମୁଁ ବିଶ୍ୱାସ କରେ ଯେ ଗଣତନ୍ତ୍ରରେ ବିଶ୍ୱସନୀୟତା ଜିତିଥାଏ, ତାହା ବ୍ୟବସାୟ, ରାଜନୀତି, ଗ୍ରାହକ ଉତ୍ପାଦ କିମ୍ବା ଶିଳ୍ପ ଉତ୍ପାଦ ହେଉ।

## ଆମେରିକା ପକ୍ଷ ନେଲେ ପରିଣାମ ଗମ୍ଭୀର ହେବ

**ଦକ୍ଷିଣ କୋରିଆକୁ ଚେତାବନୀ ଦେଲା ଇରାନ**

ଇରାନ ଓ କୋରିଆ ଗଣରାଜ୍ୟ ମଧ୍ୟରେ ସମ୍ପର୍କ ୬୪ ବର୍ଷରୁ ଅଧିକ ପୁରୁଣା। ଦୁଇ ଦେଶ ମଧ୍ୟରେ ସମ୍ପର୍କ ସର୍ବଦା ପାରସ୍ପରିକ ସମ୍ମାନ ଆଧାରରେ ବିକଶିତ ହୋଇଛି। ଇରାନ କୋରିଆ ଗଣରାଜ୍ୟ ସହିତ ନିଜର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ସମ୍ମାନ ଦିଏ। ତଥାପି ଇରାନୀ ଲୋକମାନେ ବର୍ତ୍ତମାନ ଆମେରିକୀୟ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି। ଏପରି ପରିସ୍ଥିତିରେ ଆମେ ମହିଳା ଏବଂ ଶିଶୁଙ୍କ ବିରୋଧରେ ଆମେରିକୀୟ ଯୁଦ୍ଧ ଅପରାଧର ଦୃଢ଼ ଜବାବ ଦେଉଛୁ। ଏପରି ସମୟରେ ପାରସ୍ୟ ଉପସାଗର ଓ ହର୍ମୁଜ୍ ପ୍ରଣାଳୀରେ ଅନ୍ୟ କୌଣସି ଦେଶର ସାମରିକ ଉପସ୍ଥିତି କିମ୍ବା ଅପରେସନରେ ଅଂଶଗ୍ରହଣ ଆକ୍ରମଣକାରୀ ଆମେରିକା ପ୍ରତି ସିଧାସଳଖ ସମର୍ଥନ ବୋଲି ବିବେଚନା କରାଯିବ ଓ ଏହାର ଗମ୍ଭୀର ପରିଣାମ ଭୋଗିବାକୁ ହେବ।

## ଇରାନ ମାନଚିତ୍ରରେ ଟ୍ରମ୍ପଙ୍କ ଚେହେରା




ୱାଶିଂଟନ, ୭।୯: ପଶ୍ଚିମ ଏସିଆର ଏକ ମାନଚିତ୍ର ସେୟାର କରି ଡୋନାଲ୍ଡ ଟ୍ରମ୍ପ ଇରାନର ମାନଚିତ୍ରକୁ ତାଙ୍କ ଚେହେରା ଆକାରରେ ଚିତ୍ରଣ କରିଛନ୍ତି। ପ୍ରକୃତରେ ସେ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଡୋନାଲ୍ଡ ଟ୍ରମ୍ପ ଗତ କିଛି ଦିନ ମଧ୍ୟରେ ବାରମ୍ବାର ଏପରି ମନ୍ତବ୍ୟ ଦେଇଛନ୍ତି ଯାହା ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣର ଇସାରା ଦେଉଛି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ପୋଷ୍ଟରେ ଇରାନର ମାନଚିତ୍ରରେ 'ପୂର୍ବ' ଏବଂ 'ପରେ' ଲେଖାଯାଇଛି। ଏହାର ଅର୍ଥ ହେଉଛି ଯେ ଆମେରିକା ଆକ୍ରମଣ ପରେ ଇରାନର ବର୍ତ୍ତମାନର ମାନଚିତ୍ର ସମ୍ପୂର୍ଣ୍ଣ ଭାବରେ ଟ୍ରମ୍ପଙ୍କ ଚେହେରା ପରି ହୋଇଯିବ।

## ସନ୍ଦିଗ୍ଧ ସ୍ୱାଇନ୍ ଫ୍ଲୁ ସଂକ୍ରମିତଙ୍କ ମୃତ୍ୟୁ



ଚଣ୍ଡୀଗଡ଼, ୭।୯: ପଞ୍ଜାବରେ ଚଳିତ ବର୍ଷ ସ୍ୱାଇନ୍ ଫ୍ଲୁରେ ପ୍ରଥମ ସନ୍ଦିଗ୍ଧ ମୃତ୍ୟୁ ଘଟିଛି। ଜଳନ୍ଧରର ୮୫ ବର୍ଷୀୟ ମୂଳ ରାଜ ଏଚ୍-୧ଏନ୍-୧ ପଜିଟିଭ୍ ଚିହ୍ନଟ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପ୍ରାଣ ହରାଇଛନ୍ତି। ଏଥିସହ ଚଳିତ ବର୍ଷ ରାଜ୍ୟରେ ଏଚ୍୧ଏନ୍୧ ଆକ୍ରାନ୍ତଙ୍କ ସଂଖ୍ୟା ୨୨୦ରେ ପହଞ୍ଚିଛି। ତେବେ ମୂଳ ରାଜଙ୍କ ମୃତ୍ୟୁର ପ୍ରତ୍ୟକ୍ଷ କାରଣ ସ୍ୱାଇନ୍ ଫ୍ଲୁ ବୋଲି ସ୍ୱାସ୍ଥ୍ୟ ବିଭାଗ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ। ଔପଚାରିକ ସ୍ୱାସ୍ଥ୍ୟ ଯାଞ୍ଚ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଜଲନ୍ଧରର ବାସିନ୍ଦା ମୂଳ ରାଜ ଶ୍ୱାସକଷ୍ଟ ଯୋଗୁଁ ଜଲନ୍ଧର ସିଭିଲ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ଦୀର୍ଘଦିନରୁ କ୍ରନିକ୍ ଅବ୍ସ୍ଟ୍ରକ୍ଟିଭ୍ ପଲ୍ମୋନାରି ଡିଜିଜ୍ ବା ସିଓପିଡି ଥିଲା। ସେପ୍ଟେମ୍ବର ୨ରେ ଅମୃତସରସ୍ଥିତ ସରକାରୀ ମେଡିକାଲ୍ କଲେଜରେ କରାଯାଇଥିବା ପରୀକ୍ଷାରେ ସେ ଏଚ୍୧ଏନ୍୧ ପଜିଟିଭ୍ ଚିହ୍ନଟ ହୋଇଥିଲେ।

## ଯୁଦ୍ଧ ଶୀତଋତୁ ଯାଏ ଚାଲିବ



କିଭ୍,୭।୯: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ, ରୁଷ ସହିତ ଯୁଦ୍ଧ ଶୀତଋତୁ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ଅଛି। ସେ କିଭ୍‌ରେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫ୍ ଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନରଙ୍କ ସହ ଆଲୋଚନା ପରେ ଏହି ବିବୃତି ଦେଇଛନ୍ତି। ତେବେ ଏହି ବୈଠକ ଯୁଦ୍ଧ ସମାପ୍ତ କରିବାରେ କୌଣସି ବଡ଼ ସଫଳତା ଦେଇନାହିଁ। ଯଦି ଯୁଦ୍ଧ ଶୀତଋତୁ ପର୍ଯ୍ୟନ୍ତ ଜାରି ରହେ, ତେବେ ଏହାକୁ ୟୁରୋପୀୟ ଦେଶଗୁଡ଼ିକର ସମର୍ଥନର ମଧ୍ୟ ଆବଶ୍ୟକତା ହେବ। ସେ କହିଛନ୍ତି, ୟୁକ୍ରେନ୍ ଆମେରିକା, ଫ୍ରାନ୍ସ ଓ ଜର୍ମାନୀ ସହିତ ଆଲୋଚନା କରିବ। ଜେଲେନସ୍କି ଦୋହରାଇଛନ୍ତି, ଭୂମି ଓ ସୀମା ବିବାଦ କେବଳ ମୋର ଏବଂ ପୁଟିନଙ୍କ ମଧ୍ୟରେ ସିଧାସଳଖ ବୈଠକ ମାଧ୍ୟମରେ ସମାଧାନ ହୋଇପାରିବ।

## ବିମାନବନ୍ଦରରେ ସନ୍ଦେହଜନକ ଡ୍ରୋନ୍



ଚଣ୍ଡିଗଡ଼, ୭।୯: ପଞ୍ଜାବରେ ଅମୃତସରର ଗୁରୁ ରାମଦାସଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଡ୍ରୋନ୍ ଦେଖାଯିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୁରକ୍ଷା ଏଜେନ୍ସିଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନେକ ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଛି। ବିମାନବନ୍ଦରର ରନୱେ ଅଞ୍ଚଳରେ ଦୁଇରୁ ଚାରୋଟି ସନ୍ଦିଗ୍ଧ ଡ୍ରୋନ୍ ଦେଖାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରନୱେ ପାଖରେ ସନ୍ଦେହଜନକ କାର୍ଯ୍ୟକଳାପ ଦେଖାଯିବା ମାତ୍ରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଏକ ସତର୍କ ସୂଚନା ଜାରି କରିଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି, ଅମୃତସର ଆସୁଥିବା ସାତୋଟି ବିମାନର ଗତିପଥକୁ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ପରିବର୍ତ୍ତନ କରାଯାଇଥିଲା।

## ଭାରତର ଚନ୍ଦ୍ର ଅଭିଯାନରେ ସାଥୀ ହେବ ଆମେରିକା



ବେଙ୍ଗାଲୁରୁ, ୭।୯: ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉଭୟ ଦେଶର ମହାକାଶ କାର୍ଯ୍ୟକ୍ରମର ଭବିଷ୍ୟତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ଚନ୍ଦ୍ରକୁ ପୁଣି ଯିବ ଏବଂ ଆମେ ଚାହୁଁଛୁ ଯେ ଯେତେବେଳେ ଏହା ଘଟିବ ସେତେବେଳେ ଭାରତ ଆମ ସହିତ ଥିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ନାସା ଇସ୍ରୋକୁ ଏହାର ଚନ୍ଦ୍ର ବେସ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରିଛି। ବେଙ୍ଗାଲୁରୁ ସ୍ପେସ୍ ଏକ୍ସପୋ ୨୦୨୬ରେ ଭାଷଣ ଦେଇ ଗୋର୍ କହିଛନ୍ତି, ଭାରତ ଆର୍ଟେମିସ୍ ଚୁକ୍ତିନାମାର ଏକ ଗର୍ବିତ ସ୍ୱାକ୍ଷରକାରୀ ଦେଶ। ଆମେ ଚନ୍ଦ୍ରକୁ ପୁଣି ଯିବୁ। ଆମେ ଚାହୁଁଛୁ ଯେ ଭାରତ ଚନ୍ଦ୍ର ପୃଷ୍ଠରେ ଆମ ସହିତ ରହୁ।

**ବିଧାନସଭା ନିର୍ବାଚନ ୨୦୨୭**

## ୫ ରାଜ୍ୟରେ ଅବଗଣନା ଆରମ୍ଭ



ନୂଆଦିଲ୍ଲୀ,୭।୯: ଆସନ୍ତା ବର୍ଷ ୨୦୨୭ରେ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଫଳସ୍ୱରୂପ, ନିର୍ବାଚନ ହେବାକୁ ଥିବା ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ୪ ରାଜ୍ୟ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଗୋଆରେ ଜନଗଣନା ପ୍ରକ୍ରିୟା ଦ୍ରୁତ ଗତିରେ ଆଗକୁ ବଢ଼ିଛି। ଏହି ସମୟରେ, ପଞ୍ଚମ ରାଜ୍ୟ ମଣିପୁରରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସ୍ଥଗିତ ରଖାଯାଇଛି। ତେଣୁ, ଏହି ପାଞ୍ଚଟି ରାଜ୍ୟର ପରବର୍ତ୍ତୀ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ପ୍ରାୟତଃ ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ସମେତ ଏହି ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ଫେବ୍ରୁଆରି-ମାର୍ଚ୍ଚରେ ହୋଇପାରେ।ଯେଉଁ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି, ସେମାନଙ୍କ ମଧ୍ୟରୁ ମଣିପୁର ବିଧାନସଭାର କାର୍ଯ୍ୟକାଳ ୧୩ ମାର୍ଚ୍ଚ, ୨୦୨୭ରେ ଶେଷ ହେବ। ଗୋଆ ବିଧାନସଭାର କାର୍ଯ୍ୟକାଳ ୧୪ ମାର୍ଚ୍ଚ, ୨୦୨୭ରେ ଶେଷ ହେବ। ପଞ୍ଜାବ ବିଧାନସଭାର କାର୍ଯ୍ୟକାଳ ୧୬ ମାର୍ଚ୍ଚ, ଉତ୍ତରାଖଣ୍ଡର କାର୍ଯ୍ୟକାଳ ୨୮ ମାର୍ଚ୍ଚ। ସେହିପରି ଉତ୍ତର ପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ମେ' ୨୨ରେ ସରିବ।

**ପ୍ୟାରିସ୍‌ରେ ସ୍ୱାମୀନାରାୟଣ ମନ୍ଦିର ଉଦ୍‌ଘାଟିତ**

## ସମାରୋହକୁ ଭର୍ଚୁଆଲ୍‌ରେ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ



ପ୍ୟାରିସ,୭।୯: ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ବିଏପିଏସ ସ୍ୱାମୀନାରାୟଣ ମନ୍ଦିର ଉଦଘାଟନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଏହାକୁ ଭାରତ ଓ ଫ୍ରାନ୍ସ ମଧ୍ୟରେ ସାଂସ୍କୃତିକ ସମ୍ପର୍କର ଏକ ନୂତନ ଯୁଗର ସ୍ତମ୍ଭ ଭାବରେ ବର୍ଣ୍ଣନା କରି କହିଛନ୍ତି, ଏହି ମନ୍ଦିର କେବଳ ବିଶ୍ୱାସର କେନ୍ଦ୍ର ନୁହେଁ, ବରଂ ଉଭୟ ଦେଶର ସହଭାଗୀ ସାଂସ୍କୃତିକ ମୂଲ୍ୟବୋଧ, ସହଯୋଗ ଏବଂ 'ବସୁଧୈବ କୁଟୁମ୍ବକମ୍' ଭାବନାର ପ୍ରତୀକ। ଉଦ୍‌ଘାଟନୀ ସମାରୋହକୁ ଭର୍ଚୁଆଲ୍ ଭାବରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ପ୍ୟାରିସରେ ଉପସ୍ଥିତ ନଥିଲେ ମଧ୍ୟ ତାଙ୍କ ହୃଦୟ ଓ ମନରେ ସେଠାରେ ଉପସ୍ଥିତ ଥିବା ଅନୁଭବ କରୁଛନ୍ତି। ସେ ଏହି ଐତିହାସିକ ଅବସରରେ ପୂଜ୍ୟ ମହନ୍ତ ସ୍ୱାମୀ, ସନ୍ଥ ଓ ବିଏପିଏସ ସ୍ୱାମୀନାରାୟଣ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀ ମହାରାଜ ଭାରତର ପ୍ରାଚୀନ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଗୌରବକୁ ପୁନର୍ବାର ଜାଗ୍ରତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲେ। ଏହାର ଆଲୋକ ଏବେ ୟୁରୋପ ସମେତ ସାରା ବିଶ୍ୱରେ ବ୍ୟାପିବାରେ ଲାଗିଛି। ସେ ସ୍ମରଣ କରାଇଥିଲେ ଯେ ଆବୁଧାବିର ଭବ୍ୟ ମନ୍ଦିର ୨୦୨୪ମସିହାରେ ଉଦ୍‌ଘାଟନ ହୋଇଥିଲା ଓ ପ୍ୟାରିସରେ ମନ୍ଦିର ନିର୍ମାଣ ସେହି ସଂକଳ୍ପର ଏକ ନିରନ୍ତରତା।

## ଭାରତୀୟ ଇଞ୍ଜିନିୟର ରୁଷ୍ ସେନାରେ ଭର୍ତ୍ତି

**ମୁକ୍ତ କରିବାକୁ ପତ୍ନୀଙ୍କ ଆବେଦନ**



ନୂଆଦିଲ୍ଲୀ/ମସ୍କୋ, ୭।୯: ଭାରତରୁ କାର୍ଯ୍ୟ ଭିସାରେ ରୁଷ ଯାଇଥିବା ଜଣେ ଇଞ୍ଜିନିୟର ଚନ୍ଦନ ଗୁପ୍ତାଙ୍କ ପତ୍ନୀ ସ୍ନେହା ଗୁପ୍ତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ରୁଷ ପ୍ରଶାସନ ତାଙ୍କ ସ୍ୱାମୀଙ୍କୁ କୌଣସି କାରଣ ବିନା ଗିରଫ କରିଛି।

ସ୍ନେହା ଅଭିଯୋଗ କରିଛନ୍ତି, ପୁଲିସ ତାଙ୍କ ସ୍ୱାମୀଙ୍କୁ ରାତି ପ୍ରାୟ ସାଢ଼େ ୧୨ଟା ସମୟରେ କୌଣସି କାରଣ ବିନା ଉଠାଇ ନେଇଯାଇଥିଲା। ସେବେଠାରୁ ତାଙ୍କୁ ଅଟକ ରଖିଛି। ସ୍ନେହା ତାଙ୍କ ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସେ ତାଙ୍କ ୧୦ ବର୍ଷର ପୁଅ ସହିତ ମସ୍କୋରେ ରୁହନ୍ତି। ସେ ରୁଷିଆନ୍ ଭାଷା ଜାଣି ନାହାନ୍ତି, ଯାହା ତାଙ୍କ ଅସୁବିଧାକୁ ଆହୁରି ବଢ଼ାଇ ଦେଇଛି। ସେ ନିବେଦନ କରିଛନ୍ତି, ଦୟାକରି ମୋ ସ୍ୱାମୀଙ୍କୁ ସାହାଯ୍ୟ କରନ୍ତୁ ଏବଂ ତାଙ୍କୁ ବାହାର କରନ୍ତୁ କାରଣ ଏଠାକାର ଲୋକଙ୍କୁ ବଳପୂର୍ବକ ରୁଷ ସେନାକୁ ପଠାଯାଉଛି।

## ମହିଳାଙ୍କ ଅପମାନ ସହିବିନି: ବିଜୟ

ଚେନ୍ନାଇ, ୭।୯: ତାମିଲନାଡୁ ବିଧାନସଭା ଅଧିବେଶନ ସମୟରେ ସୋମବାର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ବିରୋଧୀ ଦଳଗୁଡ଼ିକ ଉପରେ ବର୍ଷିଛନ୍ତି। ବିଜୟ ବିଧାନସଭାରେ କହିଛନ୍ତି, ଲୋକମାନେ ଆମ୍ମା, ଏମଜିଆର, ଏନଟିଆର ଓ ବର୍ତ୍ତମାନ ବିଜୟଙ୍କ ଭଳି ନେତାଙ୍କୁ ଜନାଦେଶ ଦେଇଛନ୍ତି। ମହିଳାମାନେ ମୋ ବିଜୟର ମୁଖ୍ୟ କାରଣ। ଆଉ ମୁଁ ସେମାନଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ। ରାଜନୈତିକ ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ମହିଳାଙ୍କ ବିରୋଧରେ କୌଣସି ଅପମାନଜନକ



ମନ୍ତବ୍ୟ ଦେବା ଉଚିତ ନୁହେଁ। ସେ ଡିଏମକେ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ପୂର୍ବତନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଓ ତାଙ୍କ ସହଯୋଗୀମାନେ ତାମିଲନାଡୁ ରାଜ୍ୟ ମାର୍କେଟିଂ ନିଗମ(ଟାସମାକ୍)ର ପ୍ରତ୍ୟେକ ଦୋକାନରୁ ୧୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବଟି ଆଦାୟ କରୁଥିଲେ। ସେମାନେ କରୁର ଗ୍ୟାଙ୍ଗ ଭାବରେ ଜଣାଶୁଣା ଥିଲେ। ସେମାନେ ଯୋଜନାବଦ୍ଧ ଭାବରେ ଦୁର୍ନୀତି କରୁଥିଲେ। ଡିଏମକେ ଯେଉଁଠାରେ ରହିବ ସେଠାରେ ଖରାପ ହେବା ନିଶ୍ଚିତ। ଡିଏମକେ ମୋତେ ୩ଟି ବିଭାଗର ଫାଇଲ ଖୋଲିବାକୁ ଚ୍ୟାଲେଞ୍ଜ କରିଛି। ମୁଁ ଏ ବିଷୟରେ କହିଥିଲି ଯେ ଡିଏମକେ ସରକାର ସମୟରେ ଏଥିରେ ଦୁର୍ନୀତି ହୋଇଥିଲା।

## ଭୂମିକମ୍ପରେ ଥରିଲା ଆଫଗାନିସ୍ତାନ

ନୂଆଦିଲ୍ଲୀ,୭।୯: ଥରିଲା ଆଫଗାନିସ୍ତାନ। ଭୂମିକମ୍ପରେ ଥରିଲା ଭାରତର ଏହି ପଡୋଶୀ ଦେଶ। ସୋମବାର ସକାଳେ ଆଫଗାନିସ୍ତାନରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ରେକର୍ଡ ହୋଇଛି। ରିପୋର୍ଟ ଅନୁସାରେ, ଭାରତୀୟ ସମୟ ୫ଟା ୩୬ରେ ଆଫଗାନିସ୍ତାନରେ ଭୂମିକମ୍ପ ହୋଇଛି। ଏହାର କେନ୍ଦ୍ରସ୍ଥଳୀ ଭୂପୃଷ୍ଠରୁ ୧୩୦ କିମି



ଗଭୀରରେ ଥିଲା। ଗଭୀରତା ଅଧିକ ହେବା କାରଣରୁ ଭୂମିକମ୍ପ ବାବଦରେ ଅଧିକ ତଥ୍ୟ ମିଳିପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଭୂମିକମ୍ପ ବେଳେ ଅନେକ ଶୋଇଥିଲେ। ଝଟକା ଲାଗିବା ପରେ ସେମାନେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ତେବେ କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନି। କମ୍ ତୀବ୍ରତା କାରଣରୁ କେହି ମୃତାହତ ହୋଇ ନାହାନ୍ତି। ହେଲେ କିଛି ଘର କାନ୍ଥରେ ସାମାନ୍ୟ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

**ବିଶ୍ୱ ମାନଚିତ୍ର ପରିବର୍ତ୍ତନ ପ୍ରସଙ୍ଗ**

## ନୂଆଦିଲ୍ଲୀର ଦାବିକୁ ଭିତ୍ତିହୀନ କହିଲା ପାକିସ୍ତାନ



ଇସଲାମାବାଦ, ୭।୯: ଜାତିସଂଘର ଜମ୍ମୁ-କାଶ୍ମୀର ମାନଚିତ୍ର ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତିରେ କ୍ରୋଧିତ ହୋଇ ପାକିସ୍ତାନ ସୋମବାର ପୁଣି ଏକ ଉତ୍ତେଜନାମୂଳକ କାର୍ଯ୍ୟ କରି ନୂଆଦିଲ୍ଲୀର ଦାବିକୁ ଭିତ୍ତିହୀନ ବୋଲି କହିଛି। ବିଶ୍ୱ ମାନଚିତ୍ରକୁ ସନ୍ତୁଳିତ କରିବା ପାଇଁ ଆଫ୍ରିକୀୟ ୟୁନିଅନର ପ୍ରସ୍ତାବକୁ ସମର୍ଥନ କରିବା ପରେ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଏବଂ ଲଦାଖ ସମ୍ପର୍କରେ ସ୍ପଷ୍ଟୀକରଣ ଜାରି କରିବାର ଗୋଟିଏ ଦିନ ପରେ ଏହି ବିବୃତି ଆସିଛି। ମହାଦେଶୀୟ ଭୂଖଣ୍ଡକୁ ଅଧିକ ସଠିକ୍ ଭାବରେ ପ୍ରତିଫଳିତ କରିବା ପାଇଁ ବିଶ୍ୱ ମାନଚିତ୍ରକୁ ସଂଶୋଧନ କରିବା ପାଇଁ ଏକ ପ୍ରସ୍ତାବ ସପକ୍ଷରେ ଜାତିସଂଘ ସାଧାରଣ ସଭାରେ ଭୋଟ୍ ଦେବାର ଦୁଇ ଦିନ ପରେ ନୂଆଦିଲ୍ଲୀ ପକ୍ଷରୁ ବିବୃତି ଜାରି କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ ଯେ, ଭାରତ ମାନଚିତ୍ର ସପକ୍ଷରେ ଭୋଟ୍ ଦେଇଛି। ଏହା ସମାନ କ୍ଷେତ୍ର ସହିତ ମାନଚିତ୍ର ଚିତ୍ରଣ କରିବାର ମୌଳିକ ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ରବିବାର ଦିନ କହିଥିଲା, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର, ପ୍ରକ୍ଷେପଣ କିମ୍ବା ଜାତୀୟ ସୀମାର ସୀମା ନିର୍ଦ୍ଧାରଣକୁ ଅନୁମୋଦନ କରେ ନାହିଁ।

## ମିଶିଯିବେ ମହାଦେଶ, ଶୁଖିଯିବ ମହାସାଗର




ନୂଆଦିଲ୍ଲୀ,୭।୯: ପୃଥିବୀରେ ଥିବା ସମସ୍ତ ମହାଦେଶ ଦିନେ ପୁଣି ଥରେ ଏକାଠି ହୋଇ ଗୋଟିଏ ଭୂଖଣ୍ଡ ହେବ। ଏଥିରୁ ସୃଷ୍ଟି ହେବ ନୂତନ ସୁପରକଣ୍ଟିନେଣ୍ଟ। ଯେଉଁ ପ୍ରାଚୀନ ସୁପରକଣ୍ଟିନେଣ୍ଟ ପାନଜିଆରୁ ମହାଦେଶଗୁଡ଼ିକ ଅଲଗା ହୋଇଥିଲା ଆଗକୁ ମହାଦେଶଗୁଡ଼ିକ ସେହି ପାନଜିଆ ଅବସ୍ଥାକୁ ଫେରିବେ। ଏହାଦ୍ୱାରା ଜଳବାୟୁରେ ବିରାଟ ପରିବର୍ତ୍ତନ ଆସିବ। ଅତ୍ୟଧିକ ତାତି ଯୋଗୁଁ ମଣିଷ ସମେତ ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କ ବିନାଶ ହେବ ବୋଲି ଅଧ୍ୟୟନରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି।

'ଜିଓଲୋଜିକାଲ ମାଗାଜିନ୍'ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ଏପରି ହେବାର ୪ଟି ଉପାୟ ଉପରେ ଆଲୋକପାତ ହୋଇଛି। ପ୍ରଥମଟି ହେଲା ନୋଭୋପାଞ୍ଜିଆ। ଏହି ପ୍ରକ୍ରିୟାରେ ପ୍ରଶାନ୍ତ ମହାସାଗର ବନ୍ଦ ହୋଇଯିବ ଏବଂ ଆଟଲାଣ୍ଟିକ ମହାସାଗର ପ୍ରସାରିତ ହେବ। ପୂର୍ବ ଏସିଆ ଏବଂ ଆଣ୍ଟାର୍କଟିକା ସହ ଆମେରିକା ଧକ୍କା ହେବ। ଫଳରେ ଏକ ଭୂଭାଗ ସୃଷ୍ଟି ହେବ, ଯାହା କି ମୁଖ୍ୟତଃ ଉତ୍ତର ଗୋଲାର୍ଦ୍ଧରେ କେନ୍ଦ୍ରୀଭୂତ ହେବ। ବିଷୁବରେଖା ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଗରମ ଏବଂ ଶୁଷ୍କ ରହିବ।

ଦ୍ୱିତୀୟଟି ହେଉଛି ଅରିକା। ଏଥିରେ ପ୍ରଶାନ୍ତ ମହାସାଗର ଏବଂ ଆଟଲାଣ୍ଟିକ୍ ମହାସାଗରର ଅସ୍ତିତ୍ୱ ରହିବନି। ଫଳରେ 'ଅରିକା' ସୁପରକଣ୍ଟିନେଣ୍ଟ ସୃଷ୍ଟି ହେବ। ସବୁ ମହାଦେଶ ମିଶି ବିଷୁବରେଖା ଚାରିପାଖରେ ଏକ ବଳୟ ଆକାରରେ ପୃଥିବୀର ଭୂଭାଗଗୁଡ଼ିକୁ ପୁନଃ ସଙ୍ଗଠିତ କରିବେ। ମହାଦେଶଟି ବିଷୁବରେଖା ନିକଟରେ ହେବାକୁ ଥିବାରୁ ଏହା ଆଜିର ପୃଥିବୀ ଅପେକ୍ଷା ଅଧିକ ଗରମ ଏବଂ ଶୁଷ୍କ ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି।

ତୃତୀୟଟି ଆମସିଆ। ଏହି ପରିସ୍ଥିତିରେ ଆର୍କଟିକ୍ ମହାସାଗର ବନ୍ଦ ହୋଇଯିବ ଏବଂ ଆଣ୍ଟାର୍କଟିକା ବ୍ୟତୀତ ସମସ୍ତ ମହାଦେଶ ଉତ୍ତର ମେରୁ ଆଡ଼କୁ ଗତି କରିବେ। ଉତ୍ତର ଦିଗରେ ପ୍ରତ୍ୟେକ ଭୂଭାଗ ରହିବ ଏବଂ ଆଣ୍ଟାର୍କଟିକାକୁ ବାଦ୍ ଦେଲେ ଦକ୍ଷିଣ ଗୋଲାର୍ଦ୍ଧ କେବଳ ଏକ ବିସ୍ତୃତ ମହାସାଗର ପାଲଟିବ। ମଧ୍ୟଭାଗରେ କୌଣ ଭୂଭାଗ ନ ଥିବାରୁ ମହାସାଗରୀୟ କନଭୟର ବେଲ୍ଟ, ଯାହା କି ବିଷୁବ ମେରୁକୁ ତାପ ସ୍ଥାନାନ୍ତର କରେ, ତାହା ବାଧାପ୍ରାପ୍ତ ହେବ। ମେରୁଗୁଡ଼ିକ ଅଧିକ ଥଣ୍ଡା ହୋଇଯିବ ଏବଂ ବର୍ଷସାରା ବରଫରେ ଆଚ୍ଛାଦିତ ରହିବ।

ଚତୁର୍ଥ ସମ୍ଭାବନା ହେଉଛି ପାନଜିଆ ଅଲ୍ଟିମା ବା ପ୍ରୋକ୍ସିମା। ଏହି ସ୍ଥିତିରେ ଆଟଲାଣ୍ଟିକ ଏବଂ ଭାରତ ମହାସାଗର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବେ। ଏସିଆ ସହ ଆମେରିକା ଧକ୍କା ହେବ। ସବୁ ମହାଦେଶ ପୃଥିବୀର ମଝିରେ ଏକାଠି ହୋଇ 'ପାଞ୍ଜିଆ ଅଲ୍ଟିମା ଗଠନ କରିବେ। ଏହା ଏହା ବିଷୁବରେଖା ଚାରିପାଖରେ ଏକ ବଡ଼ କ୍ଷେତ୍ର ନିର୍ମାଣ କରିବ।

## ଫୁଟିଲା ନୀଳକୁରିଞ୍ଜି, ନୀଳ ହେଲା ପର୍ବତ

ତିରୁଅନନ୍ତପୁରମ୍,୭।୯: କେରଳର ମୁନ୍ନାରରେ ପୁଣି ଥରେ ଏକ ବିରଳ ପ୍ରାକୃତିକ ଘଟଣା ଦେଖିବାକୁ ମିଳିଛି। ମୁନ୍ନାରର ମାଟୁପେଟି ନିକଟସ୍ଥ କୋରାଣ୍ଡାକାଡୁ ପାହାଡ଼ରେ ବିରଳ ନୀଳ ନୀଳକୁରିଞ୍ଜି ଫୁଲ ପୁଣି ଫୁଟିଛି। ଭାରତର ପୂର୍ବ ଏବଂ ପଶ୍ଚିମ ଘାଟରେ ପ୍ରତି ୧୨ ବର୍ଷରେ ଫୁଟୁଥିବା ଏହି ଫୁଲଗୁଡ଼ିକ ବିଶ୍ୱର ଅନ୍ୟ ଅଂଶ ପାଇଁ ଅନନ୍ୟ ଏବଂ ସ୍ଥାନୀୟ ଜୈବ ବିବିଧତା, ସଂସ୍କୃତି ଏବଂ ପରିବେଶ ସଂରକ୍ଷଣ ପାଇଁ ବିଶେଷ ଗୁରୁତ୍ୱ



ବହନ କରିଥାଏ। ପାଲିଆନ୍ ଜନଜାତି ଓ ନୀଳଗିରି ପର୍ବତମାଳାର ଅସ୍ତିତ୍ୱ ପାଇଁ ଏହି ଫୁଲର ବିଶେଷ ଗୁରୁତ୍ୱ ଅଛି। ନୀଳକୁରିଞ୍ଜି ଫୁଲ ଫୁଟିବା ବିଶ୍ୱର ଏକ ବିରଳ ପ୍ରାକୃତିକ ଘଟଣା। ଯାହା ପ୍ରତି ୧୨ ବର୍ଷରେ ଫୁଟେ। ଦକ୍ଷିଣ-ପଶ୍ଚିମ ଭାରତର ଉଚ୍ଚ ପର୍ବତମୟ ଅଞ୍ଚଳଗୁଡ଼ିକ ନୀଳ ଦେଖାଯାଏ। ଫୁଲ ଫୁଟିବା ଯୋଗୁଁ ସମଗ୍ର ପର୍ବତ ନୀଳ ଦେଖାଯାଇଥାଏ। ଏହି କାରଣରୁ ନୀଳଗିରି ପର୍ବତମାଳାର ନାମକରଣ କରାଯାଇଛି। ପାଲିଆନ୍ ଜନଜାତିଙ୍କ ମଧ୍ୟରେ ନୀଳକୁରିଞ୍ଜିର ବିଶେଷ ଗୁରୁତ୍ୱ ଅଛି। ଫୁଲ ଫୁଟିବା ବର୍ଷ ଉପରେ ଆଧାର କରି ସେମାନେ ପାରମ୍ପରିକ ଭାବରେ ସେମାନଙ୍କର ବୟସ ଗଣନା କରିଆସୁଛନ୍ତି। ନୀଳକୁରିଞ୍ଜି ଫୁଲର ନାମକରଣ କୁନ୍ତୀ ନଦୀ ନାମରେ କରାଯାଇଛି।

ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ୨୦୨୬

# ବିଏମ୍‌ସିର ଦୁଇ ୱାର୍ଡକୁ ମିଳିଲା ପୁରସ୍କାର



ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସେପ୍ଟେମ୍ବର ୭ ତାରିଖ ଅର୍ଥାତ ସୋମବାର ପାଳନ ହୋଇଛି ସ୍ୱଚ୍ଛ ବାୟୁ ଦିବସ ୨୦୨୬ । ଏହି ଅବସରରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଭୁବନେଶ୍ୱର ମହାନଗର ନିଗମର ଦୁଇଟି ୱାର୍ଡକୁ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରରେ ସଫଳତା ପାଇଥିବା ଏହି ଦୁଇ ୱାର୍ଡ ହେଉଛି ୩୦ ଓ ୩୬ । ସେହିଭଳି ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଭୁବନେଶ୍ୱର ୪ ନମ୍ବର ରାଙ୍କ ହାସଲ କରିଛି। ସୂଚନାଯୋଗ୍ୟ, ୱାର୍ଡ କାଟାଗୋରୀରେ ୩୦ ନମ୍ବର ୱାର୍ଡକୁ ସର୍ବଭାରତୀୟ ସ୍ତରରେ ରାଙ୍କ ୧ ମିଳିଛି ଏବଂ ୱାର୍ଡ ନଂ ୩୬କୁ ରାଙ୍କ ୨ ମିଳିଛି। ତେବେ ଶତ ପ୍ରତିଶତ ଘରକୁ ଘର ବର୍ଜ୍ୟବସ୍ତୁ ସଂଗ୍ରହ, ଇଭି (EV) ଚାର୍ଜିଂ ସୁବିଧା, ସବୁଜ ବଳୟର ବିକାଶ, ରାସ୍ତା ସଫେଇ, ରାସ୍ତା ମଝିରେ ବୃକ୍ଷରୋପଣ, ବ୍ୟାପକ ସଚେତନତା ଏବଂ ଜନସାଧାରଣଙ୍କ ସହଯୋଗ ଆଦି ଏହି ପୁରସ୍କାର ପାଇଁ ମୁଖ୍ୟ ମାପକାଠି ଭାବରେ ବିବେଚନା କରାଯାଇଛି। ଉଲ୍ଲେଖଯୋଗ୍ୟ, ବାୟୁ ଗୁଣବତ୍ତାରେ ଉନ୍ନତି ଆଣିବା, ସମସ୍ତଙ୍କ ପାଇଁ ସ୍ୱଚ୍ଛ ବାୟୁ ସହ ନାଗରିକମାନଙ୍କ ମଧ୍ୟରେ ବାୟୁ ପ୍ରଦୂଷଣ ରୋକିବା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ଏହି ସର୍ବେକ୍ଷଣ ଆୟୋଜନ କରାଯାଇଆସୁଛି।

# ପଶ୍ଚିମବଙ୍ଗରେ ମହାଷ୍ଟମୀ ଦିନ ମଦ ବନ୍ଦ

## ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ବାଜିବନି ଡିଜେ

କୋଲକାତା,୭।୯: ଚଳିତ ବର୍ଷ ଦୁର୍ଗାପୂଜାରେ ପଶ୍ଚିମବଙ୍ଗରେ ମହାଷ୍ଟମୀ ଦିନ ମଦ ନିଷିଦ୍ଧ ହେବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମହାଷ୍ଟମୀ ଦିନ ମଦ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ ହେବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁର୍ଗା ପୂଜା ଦିନ ଶ୍ରଦ୍ଧାଳୁମାନେ ମା' ଦୁର୍ଗାଙ୍କୁ ପୁଷ୍ପାଞ୍ଜଳି ଦେଉଥିବାବେଳେ ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ରହିବା ଉଚିତ। ଅଷ୍ଟମୀ ଦିନ ମଦ ବିକ୍ରି ହେବନାହିଁ। ଉଲ୍ଲେଖଯୋଗ୍ୟ ପଶ୍ଚିମବଙ୍ଗରେ ନୂଆ ସରକାର ଆଗାମୀ ଦୁର୍ଗା ପୂଜା ଉତ୍ସବ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଘୋଷଣା କରିଥିବାବେଳେ ଆଜି ପୁଣି ମହାଷ୍ଟମୀରେ ମଦ ବନ୍ଦ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ଡିଜେ ବାଜିବନି ବୋଲି ନିର୍ଦ୍ଦେଶ ଦେଇଛନ୍ତି।

## ଉଚ୍ଚତାରେ ବୁର୍ଜ ଖଲିଫାକୁ ପଛରେ ପକାଇବ ଜେଦ୍ଦା ଟାୱାର

ନୂଆଦିଲ୍ଲୀ,୭।୯: ସାଉଦି ଆରବର ଜେଦା ସହରରେ ନିର୍ମାଣାଧୀନ ଜେଦ୍ଦା ଟାୱାର ଏବେ ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା ହେବା ଗୌରବ ହାସଲ କରିବାକୁ ବଢ଼ୁଛି। ଏହାର ଉଚ୍ଚତା ୧ କିଲୋମିଟରରୁ ଅଧିକ ରଖାଯାଇଛି। ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଏହା ବର୍ତ୍ତମାନର ବିଶ୍ୱର ସର୍ବୋଚ୍ଚ ଅଟ୍ଟାଳିକା ଦୁବାଇର ବୁର୍ଜ ଖଲିଫାକୁ ପଛରେ ପକାଇଦେବ। ଜେଦ୍ଦା ଟାୱାରର ଡିଜାଇନ୍ ଆମେରିକୀୟ ସ୍ଥପତି ଆଡ୍ରିଆନ୍ ସ୍ମିଥଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇଛି। ସେ ବୁର୍ଜ ଖଲିଫାର ଡିଜାଇନ୍ ସହ ମଧ୍ୟ ଜଡ଼ିତ ଥିଲେ। ଟାୱାରର ଆକୃତି ଓ ଗଠନକୁ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ ଅତ୍ୟଧିକ ଉଚ୍ଚତା ସତ୍ତ୍ୱ ପ୍ରବଳ ପବନର ଚାପକୁ ମଧ୍ୟ ସମ୍ଭାଳିପାରିବ।

## ମହୁଆଙ୍କୁ ଆଶ୍ୱସ୍ତି ଦେଲେ ହାଇକୋର୍ଟ



କୋଲକାତା, ୭।୯(ସଂଚାର ବ୍ୟୁରୋ): କୃଷ୍ଣନଗର ସାଂସଦ ମହୁଆ ମୈତ୍ରଙ୍କୁ ହାଇକୋର୍ଟରୁ ଅସ୍ଥାୟୀ ଆଶ୍ୱସ୍ତି ମିଳିଛି। କୋଲକାତା ହାଇକୋର୍ଟ କୃଷ୍ଣନଗର କୋର୍ଟ ଦ୍ୱାରା ତାଙ୍କ ବିରୁଦ୍ଧରେ ଜାରି ହୋଇଥିବା ଗିରଫଦାରୀ ୱାରେଣ୍ଟ ସମେତ ସମସ୍ତ ଆଦେଶକୁ ରଦ୍ଦ କରିଛନ୍ତି। ମାମଲାକୁ ବିଧାନନଗରର ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ସୋମବାର ବିଚାରପତି ଦେବାଂଶୁ ବାସକ ଓ ବିଚାରପତି ଆର୍ଯ୍ୟାକ ଦତ୍ତଙ୍କୁ ନେଇ ଗଠିତ ଏକ ଡିଭିଜନ ବେଞ୍ଚ ଏହି ମାମଲାର ଶୁଣାଣି କରି କୃଷ୍ଣନଗର କୋର୍ଟ ଦ୍ୱାରା ପୂର୍ବରୁ ଜାରି କରାଯାଇଥିବା ସମସ୍ତ ଆଦେଶକୁ ଖାରଜ କରିଦେଇଛି। ମହୁଆ ମୈତ୍ର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦେବା ଏବଂ ହିନ୍ଦୁ ଓ ମୁସଲିମ ମହିଳାଙ୍କ ପୋଷାକ ସଂହିତା ବିଶେଷକରି ତୁଳସୀ ମାଳ ଓ ବୁର୍ଖା-ହିଜାବ ପିନ୍ଧିବା ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗର ସମ୍ମୁଖୀନ ହୋଇଥିଲେ। କୃଷ୍ଣନଗରର ଜଣେ ବାସିନ୍ଦାଙ୍କ ଦ୍ୱାରା ଦାୟର ଅଭିଯୋଗ ପରେ ସାଂସଦଙ୍କ ବିରୁଦ୍ଧରେ କୃଷ୍ଣନଗର କୋର୍ଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ହାଜର ହେବା ପାଇଁ ବାରମ୍ବାର ସମନ ଜାରି ହୋଇଥିଲେ ମଧ୍ୟ ମହୁଆ ମୈତ୍ର ସେଗୁଡ଼ିକୁ ଏଡାଇ ଯାଇଥିଲେ ଏବଂ ହାଜର ହୋଇନଥିଲେ। ଫଳସ୍ୱରୂପ, କାଳିଘାଟ ଶିବିରର ନିକଟତର ବୋଲି ପରିଚିତ ସାଂସଦଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଥିଲା।

## ଖବରକାଗଜ କାର୍ଯ୍ୟାଳୟରେ ଇଡି ଚଢ଼ାଉ

କୋଲକାତା, ୭।୯ (ସଂଚାର ବ୍ୟୁରୋ): ସୋମବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୋଲକାତାରେ ତୃଣମୂଳ ରାଜ୍ୟସଭା ସାଂସଦ ନଦୀମୁଲ ହକଙ୍କ ଖବରକାଗଜ କାର୍ଯ୍ୟାଳୟରେ ଚଢାଉ କରିଛି। ପାର୍କ ସର୍କସରେ ଥିବା ଉର୍ଦ୍ଦୁ ଖବରକାଗଜ 'ଆଖବର-ଏ-ମଶ୍ରିକ୍' କାର୍ଯ୍ୟାଳୟରେ ଇଡି ଅଧିକାରୀମାନେ ତଲାସ କରିଥିଲେ। ତୃଣମୂଳ ସାଂସଦ ନଦୀମୁଲ ହକ ଏହି ଖବରକାଗଜର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରନ୍ତି। କେନ୍ଦ୍ରୀୟ ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିଥିଲେ। ଏପରିକି କେହି ପ୍ରବେଶ କିମ୍ବା ବାହାରକୁ ନଯିବା ପାଇଁ ଇଡି ଅଧିକାରୀମାନେ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ଇଡି ସୂତ୍ରରୁ ମିଳିଥିବା ପ୍ରାଥମିକ ସୂଚନା ଅନୁଯାୟୀ ସନ୍ଦେହଜନକ ଆର୍ଥିକ କାରବାର ନେଇ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି।

## ଡ୍ରେନରୁ ମୃତଦେହ ଉଦ୍ଧାର

କୋଲକାତା, ୭।୯ (ସଂଚାର ବ୍ୟୁରୋ): ସୋମବାର ସକାଳେ ସ୍ଥାନୀୟ ଲୋକେ ରାସ୍ତାକଡ଼ରେ ଥିବା ଡ୍ରେନରେ ଜଣେ ବ୍ୟକ୍ତି ପଡ଼ିଥିବାର ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ମୃତକଙ୍କୁ ମାଖନ ମଣ୍ଡଳ ବୋଲି ଚିହ୍ନଟ କରିଛନ୍ତି। ଡ୍ରେନ୍‌ରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ

କୋଲକାତା, ୭।୯(ସଂଚାର ବ୍ୟୁରୋ): ବିଧାନନଗରର ଦୁଇ ଜଣ ବିଜେପି ନେତାଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ଗିରଫ କରାଯାଇଛି। ସେମାନେ ହେଉଛନ୍ତି ବଷ୍ଟି ଓ ପ୍ରଶାନ୍ତ ଦେବନାଥ। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ସୁକାନ୍ତ ନଗର ଅଞ୍ଚଳର ୩୫ ଏବଂ ୩୬ ନମ୍ବର ୱାର୍ଡରେ ଏହି ଦୁଇ ଜଣ ଦୀର୍ଘ ଦିନ ଧରି ଦାଦାବଟି ଆଦାୟ କରୁଥିଲେ। ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ଅନେକ ଅଭିଯୋଗ ହୋଇଥିଲା। ବିଧାନନଗର ଦକ୍ଷିଣ ଥାନାର ପୁଲିସ ରବିବାର ରାତିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଗୃହିଣୀଙ୍କୁ ବଳାତ୍କାର ଅଭିଯୋଗ

କୋଲକାତା,୭।୯(ସଂଚାର ବ୍ୟୁରୋ): ଜଣେ ଯୁବକ ପଡ଼ୋଶୀ ଜଣେ ଗୃହିଣୀଙ୍କୁ କବାଟ ଖୋଲିବା ମାତ୍ରେ ତାଙ୍କ ମୁହଁ ଘୋଡ଼ାଇ ଦେଇ ଜୋରଜବରଦସ୍ତ ତାଙ୍କ ଘରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ନାମ ଟୁକାଇ। ଅଭିଯୋଗ ହୋଇଛି ଯେ ଶୁକ୍ରବାର ରାତିରେ ଯୁବକ ଜଣକ ଗୃହିଣୀଙ୍କୁ କବାଟ ଖୋଲିବାକୁ କହିଥିଲେ। ସେ କବାଟ ଖୋଲିବା ମାତ୍ରେ ସେ ତାଙ୍କ ମୁହଁ ଘୋଡ଼ାଇ ଦେଇଥିଲେ ଏବଂ ଜୋରଜବରଦସ୍ତି ତାଙ୍କୁ ଭିତରକୁ ଟାଣି ନେଇଥିଲେ। ତା'ପରେ ସେ ତାଙ୍କୁ ଧମକ ଦେଇ ଯୌନ ନିର୍ଯାତନା ଦେଇଥିଲେ।

■ ବିଜେପିର ଜନବିରୋଧୀ ନୀତି ପାଇଁ ଉପେକ୍ଷିତ ହେଉଛି ଓଡ଼ିଶା

# ରାଜ୍ୟ ପାଇଁ ବିଜେପି ଦଳୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁ



ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ବିଜେପି ସରକାରଙ୍କ ଜନବିରୋଧୀ ନୀତି ଯୋଗୁଁ ଓଡ଼ିଶା ଉପେକ୍ଷିତ ହେବାରେ ଲାଗିଛି। ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ହେଉନଥିବା ବେଳେ ଋଣ ଭାର ବୃଦ୍ଧି ପାଉଛି। ଏନ୍‌ଏମ୍‌ଡିଆର ଆକ୍ଟ ବଳରେ ରାଜ୍ୟର ହକକୁ କେନ୍ଦ୍ର ସରକାର ଛଡ଼ାଇ ନେଉଥିବାରୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ବିଜେଡି ଦେଶର ଦ୍ୱିତୀୟ ଆଞ୍ଚଳିକ ଦଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସବୁବେଳେ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢେଇ କରିଆସିଛି। ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଅର୍ଥନୈତିକ ବିନିଯୋଗରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହୋଇ ନୀତି ଆୟୋଗ ଦ୍ୱାରା ପ୍ରଶଂସିତ ହୋଇଥିଲା। ପୂର୍ବରୁ ରାଜ୍ୟର ବଜେଟ୍ ପରିମାଣ ୧୧, ୦୦୦ ହଜାର କୋଟି ଟଙ୍କା ଥିବାବେଳେ ବିଜେଡି ଶାସନ ସମୟରେ ତାହା ବୃଦ୍ଧି ପାଇ ୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନୀତି ପାଇଁ ରାଜ୍ୟର ଋଣ ଭାର କମିବା ସହ ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଥିଲା। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ କେନ୍ଦ୍ରୀୟ ଅନୁଦାନ କମିବାରେ ଲାଗିଛି। ଓଡ଼ିଶାର ସ୍ୱାର୍ଥ କେନ୍ଦ୍ରିକ ବିଭିନ୍ନ ଯୋଜନା ଅଟକି ରହିଛି। ଯାହା ଦ୍ୱାରା ଓଡ଼ିଶାର ବିଭିନ୍ନ ବର୍ଗର ଲୋକେ ବାରମ୍ବାର ଉପେକ୍ଷିତ ହେଉଛନ୍ତି।

ସେହିଭଳି ସୁଲତା ଦେଓ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ରାଜ୍ୟର ସ୍ୱାର୍ଥ ପୂରଣ ହେଉନାହିଁ। କିଛି ଦିନ ପୂର୍ବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ନିଜ ବକ୍ତବ୍ୟ ଜରିଆରେ କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରୁଥିବା କହିଥିଲେ। ଏଫସିଆଇ ଚାଉଳ ଉଠାଉ ନଥିବା ବେଳେ ବାରମ୍ବାର କହିଲେ ସୁଦ୍ଧା ରାଜ୍ୟ ସରକାରଙ୍କ କଥା କେନ୍ଦ୍ର ସରକାର ଶୁଣୁ ନାହାନ୍ତି ବୋଲି କହିଥିଲେ। ଉକ୍ତ ବକ୍ତବ୍ୟ ପରେ ବିଜେପି ସରକାରରେ ରାଜ୍ୟର ସ୍ୱାର୍ଥ କିପରି ପୂରଣ ହେଉଛି ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ଖଣିଜ ସମ୍ପଦରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରୟାଲଟି ରାଜସ୍ୱ ଆଦାୟ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏନ୍‌ଏମ୍‌ଡିଆର ଆକ୍ଟ ଜରିଆରେ ଉକ୍ତ ଅଧିକାରକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ଏ ବାବଦରେ ସଂସଦରେ ବିଜେପି ସାଂସଦମାନେ କୌଣସି ପ୍ରଶ୍ନ ନକରିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

● ଧାମନଗର ଏନ୍‌ଏସିରେ ଫର୍ମ-୭ ଅନିୟମିତତା ଅଭିଯୋଗ

## ସିଇଓଙ୍କ ନିକଟରେ ତଦନ୍ତ ଦାବିକଲା ବିଜେଡି



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଧାମନଗର ଏନ୍‌ଏସିରେ ମତଦାତା ତାଲିକାର ଯାଞ୍ଚ ପ୍ରକ୍ରିୟା ସମୟରେ ଫର୍ମ-୭ ଆବେଦନର ଅପବ୍ୟବହାର ନେଇ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛି ବିଜେଡି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ପ୍ରସଙ୍ଗ ଉତ୍‌ଥାପନ କରିବା ସହ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

ରାଜ୍ୟର ବିଭିନ୍ନ ସ୍ଥାନରେ ଫର୍ମ-୭ର ଅପବ୍ୟବହାର ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ଦୃଷ୍ଟି ଆକର୍ଷଣ କରିଛି ବିଜେଡି। ଏହି ପରିପ୍ରେକ୍ଷୀରେ ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ ବୁଥସ୍ତରୀୟ ଅଧିକାରୀମାନଙ୍କ ପକ୍ଷରୁ ଧାମନଗର ଏନ୍‌ଏସି ସମ୍ପର୍କରେ ଧାମନଗର ଥାନାରେ ଦାଖଲ ହୋଇଥିବା ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗରେ ଥିବା ତଥ୍ୟ ଅନୁଯାୟୀ, ଧାମନଗର ଏନ୍‌ଏସିର ନିର୍ବାହୀ ଅଧିକାରୀ-ସହକାରୀ ସହାୟକ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ନାୟକ ଫର୍ମ-୭ ସମ୍ପର୍କିତ କାର୍ଯ୍ୟକଳାପରେ ବୁଥସ୍ତରୀୟ ଅଧିକାରୀଙ୍କ ଉପରେ ଚାପ ପକାଉଛନ୍ତି। ଏଥିରେ ଏକକାଳୀନ ପାସୱାର୍ଡ ହାସଲ କରିବା ଓ ନିର୍ଦ୍ଧାରିତ ନିର୍ବାଚନୀ ପ୍ରକ୍ରିୟା ଓ ସୁରକ୍ଷା ବ୍ୟବସ୍ଥା ପାଳନ ନକରି ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ପ୍ରୟାସ କରାଯାଇଛି। ଏପରି ନିର୍ଦ୍ଦେଶ ପାଳନ କରିବାକୁ ଅମଙ୍ଗ ହୋଇଥିବା ବୁଥସ୍ତରୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ସିଇଓଙ୍କୁ ଜିଲ୍ଲା ପ୍ରଶାସନର ଜଣେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରାଇବାକୁ ଦାବି କରିଛି ବିଜେଡି। ତଦନ୍ତରେ ବୁଥସ୍ତରୀୟ ଅଧିକାରୀଙ୍କୁ ଫର୍ମ-୭ ଆବେଦନ ସମ୍ପର୍କରେ କୌଣସି ମୌଖିକ କିମ୍ବା ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା କି ନାହିଁ, ସେହି ନିର୍ଦ୍ଦେଶ ପ୍ରଚଳିତ ନିର୍ବାଚନୀ ପ୍ରକ୍ରିୟା ସହ ସମନ୍ୱିତ ଥିଲା କି ନାହିଁ ଓ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାକୁ ଚେଷ୍ଟା କରାଯାଇଥିଲା କି ନାହିଁ, ତାହା ଯାଞ୍ଚ କରାଯିବା ଉଚିତ। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସନ୍ତୋଷ କୁମାର ନାୟକଙ୍କୁ ଫର୍ମ-୭ ସମ୍ପର୍କିତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଉ ବୋଲି ବିଜେଡି ଦାବି କରିଛି।

## ଦୁଇ ବାଇକ ମୁହାଁ ମୁହିଁ ଧକ୍କା, ଜଣେ ମୃତ ଓ ୩ ଆହତ

ବିନିକା,୭।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପଣ୍ଡକିଟାଲ ଚାରିଛକ ପାଖରେ ଦୁଇ ବାଇକ ମଧ୍ୟରେ ଧକ୍କା । ଜଣେ ମୃତ ଓ ତିନ ଆହତ । ଡୁଙ୍ଗୁରିପାଲି ଥାନା ବେହେରାମାଲ ଗ୍ରାମରୁ ଗୋଟିଏ ବାଇକରେ ତିନିଜଣ ଶ୍ରମିକ କାମ ସାରି ଫେରୁଥିଲେ। ନିଜ ଗ୍ରାମ ବରଗଡ଼ ଜିଲ୍ଲା ଭେଡେନ ଥାନା ଭୁବନପାଲି ଗ୍ରାମକୁ ଫେରୁଥିବା ବେଳେ ରାମପୁର ପଟରୁ ଡୁଙ୍ଗୁରିପାଲି ଯାଉଥିବା ବାଇକ ମୁହାଁ ମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ରାସ୍ତା ମଝିରେ ଉଭୟ ବାଇକ ଆରୋହୀ ଛିଟିକି ପଡି ରକ୍ତାକ୍ତ ହୋଇ ପଡିଥିଲେ । ସାଙ୍ଗେ ସାଙ୍ଗେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ପରେ ତାଙ୍କୁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କାରିଥିଲେ । ଡାକ୍ତରଖାନାରେ ଚିକିତ୍ସା ପରେ ଜଣେ ବ୍ୟକ୍ତି ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନାକୁ ଯିବା ସମୟରେ ରାସ୍ତାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଅନ୍ୟ ତିନି ଜଣଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

ମଝି ଆକାଶରେ ଇନ୍ଧନ କମିଲା

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

କୋଚି,୭।୯: ଲଗାତାର ବିମାନ ଯାତ୍ରା ସମୟରେ ବିଭିନ୍ନ ତ୍ରୁଟି ସାମ୍ନାକୁ ଆସିବାରେ ଲାଗିଛି। ସୋମବାର ଦିନ ସେଭଳି ଏକ ଭୟଙ୍କର ବିମାନ ଯାତ୍ରା ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, କୋଚିରୁ ଆବୁଧାବି ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନର ଏକ ଇଞ୍ଜିନରେ ହଠାତ୍ ଇନ୍ଧନ ସରିଯାଇଥିଲା। ମଝି ଆକାଶରେ ଥିବା ସମୟରେ ଇନ୍ଧନ ଦ୍ରୁତ ଗତିରେ ସରିବା ଦେଖି ଇଞ୍ଜିନ-୧କୁ ବନ୍ଦ କରିଦିଆଯାଇଥିଲା। ପରେ ବିମାନଟି କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା। ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍ ଆଇଏକ୍ସ-୪୧୫ କୋଚିରୁ ଆବୁଧାବି ଯାତ୍ରା କରୁଥିଲା। କିନ୍ତୁ, ବିମାନଟି ଅଧାବାଟରୁ କୋଚିକୁ ଫେରିବାକୁ ବାଧ୍ୟ ହୋଇଥିଲା। ଉଡ଼ାଣ ସମୟରେ ବୋଇଂ ୭୩୭ ବିମାନଟି କର୍ମଚାରୀମାନେ ଦେଖିଲେ ଯେ ଇଞ୍ଜିନ-୧ ରେ ଇନ୍ଧନ ସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି।



# ବସନ୍ତବାବୁଙ୍କ ପ୍ରତିବଦ୍ଧତା ଯୁବ ପିଢ଼ିର ସଙ୍କଳ୍ପ ହେଉ

ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଥିଲେ ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କର ସମୟାନୁବର୍ତ୍ତିତା ଓ ପ୍ରତିବଦ୍ଧତାକୁ ଆଜିର ଯୁବପିଢ଼ି ସଂକଳ୍ପ ଭାବେ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏହାକୁ ଗ୍ରହଣ କଲେ ରାଜ୍ୟର ଉନ୍ନତି ହେବା ସହ ରାଜନୀତିରେ ଏକ ନୂତନ ଧାରା ସୃଷ୍ଟି ହେବ। ତାଙ୍କ କାର୍ଯ୍ୟଧାରାରେ ରହିଥିଲା ନିଷ୍ଠା ଓ ପ୍ରତିବଦ୍ଧତା। ଏହି ଦୂରଦୃଷ୍ଟି ସମ୍ପନ୍ନ ରାଜନେତାଙ୍କ କାର୍ଯ୍ୟ କରିବାର ଶୈଳୀ ଓ ସାଧାରଣତଃ ରାଜନୀତିରେ କ୍ୱଚିତ ଦେଖିବାକୁ ମଳିଥାଏ ବୋଲି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ଶ୍ରାଦ୍ଧ ସଭାରେ ବକ୍ତାମାନେ ମତ ପ୍ରକାଶ କରିଥିଲେ।




ରାଜ୍ୟସ୍ତରୀୟ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି, ଭୁବନେଶ୍ୱର ପକ୍ଷରୁ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କର ୨୩ତମ ଶ୍ରାଦ୍ଧ ଦିବସ ପାଳନ ହୋଇଛି। ଏଥର ଆୟୋଜକମାନେ ଶ୍ରାଦ୍ଧ ଦିବସ ସ୍ମୃତିଚାରଣ ସଭାକୁ ଏକ ନିଆରା ଢ଼ଙ୍ଗରେ ପାଳିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆମର ପରବର୍ତ୍ତୀ ପିଢ଼ି ଅର୍ଥାତ୍ ଯୁବପିଢ଼ି ସ୍ୱର୍ଗତ ବିଶ୍ୱାଳଙ୍କ ସମ୍ପର୍କରେ ଅବଗତ କରାଇବା ଲାଗି ବିଭିନ୍ନ ରାଜନୈତିକ ଦଳର ଯୁବନେତୃତ୍ୱ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନଙ୍କୁ ଅତିଥି ଭାବେ ଚୟନ କରାଯାଇଥିଲା। ସେମାନେ ମଧ୍ୟ ସ୍ୱର୍ଗତ ବିଶ୍ୱାଳଙ୍କର ସ୍ମୃତିଚାରଣ କରିଥିଲେ।

ଆୟୋଜିତ ଶ୍ରାଦ୍ଧ ସଭାରେ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନାରାୟଣ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସମୟର ପରିଚାଳନା ସମ୍ପାଦକ ତଥା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥଲେ। କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ସମ୍ବାଦ ଓ କନକ ଟିଭିର ସମ୍ପାଦିକା ତନୟା ପଟ୍ଟନାୟକ, ଏଆଇସିସି ସଦସ୍ୟା ତଥା ଯୁବ କଂଗ୍ରେସ ନେତ୍ରୀ ମନିଷା ତ୍ରିପାଠୀ, ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ଼. ଐଶ୍ୱର୍ଯ୍ୟା ବିଶ୍ୱାଳ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ, ଏଆଇଏସଏଫ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ କୀର୍ତ୍ତି, କୃତି ଓ କର୍ମମୟ ଜୀବନ ଉପରେ ଉଦବୋଧନ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଦ୍ୟୁତ କ୍ଷେତ୍ରରେ...

ସ୍ଥାପନ କରାଯିବ। ସେହିଭଳି ବର୍ତ୍ତମାନ ରାଜ୍ୟରେ ୫ଟି ୪୦୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ କାର୍ଯ୍ୟକ୍ଷମ ଥିବା ବେଳେ ୬ଟି ୪୦୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ ନିର୍ମାଣାଧୀନ ରହିଛି। କାଂସବାହାଲ ଓ ଟିଟିଲାଗଡ଼ଠାରେ ଆଉ ଦୁଇଟି ଗ୍ରୀଡ୍ ସବ୍ -ଷ୍ଟେସନ ଅନୁମୋଦନ ହେବା ଫଳରେ ଓଡ଼ିଶାରେ ମୋଟ ୪୦୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ ସଂଖ୍ୟା ୫ରୁ ବୃଦ୍ଧି ପାଇ ୧୩ରେ ପହଞ୍ଚିବ। ଏହାଦ୍ୱାରା ଓପିଟିସିଏଲର ୪୦୦ କେଭି ନେଟୱର୍କ ଝାରସୁଗୁଡ଼ାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ସେହିପରି ୨୦୨୪ ସୁଦ୍ଧା ଓଡ଼ିଶାରେ ୪୮ଟି ୨୨୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ ଥିବା ବେଳେ ବିଗତ ୨ ବର୍ଷ ମଧ୍ୟରେ ୬ଟି ନୂତନ ୨୨୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଉ ୧୧ଟି ନିର୍ମାଣାଧୀନ ରହିଛି। ଆଜି କ୍ୟାବିନେଟରେ ଆଉ ୧୦ଟି ଗ୍ରୀଡ୍ ସବ୍-ଷ୍ଟେସନ ଅନୁମୋଦନ ହେବା ଫଳରେ ୨୨୦ କେଭି ଗ୍ରୀଡ୍ ସବ୍-ଷ୍ଟେସନ ସଂଖ୍ୟା ୪୮ରୁ ୭୫କୁ ବୃଦ୍ଧି ପାଇବ। ଏହା ଫଳରେ ରାଉରକେଲା, ସମ୍ବଲପୁର ଓ ବରଗଡ଼ରେ ୨୨୦ କେଭି ରିଙ୍ଗ୍ ନେଟୱର୍କ କାର୍ଯ୍ୟକ୍ଷମ ହୋଇପାରିବ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରାଯାଇ ଟ୍ରାନ୍ସମିସନ ଲାଇନଗୁଡ଼ିକର ଉନ୍ନତ ଯାଞ୍ଚ ଓ ପୂର୍ବାନୁମାନଭିତ୍ତିକ ରକ୍ଷଣାବେକ୍ଷଣ କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ଜମି ପରିଚାଳନାକୁ ନେଇ ମଧ୍ୟ କ୍ୟାବିନେଟ୍ ବଡ଼ ନିଷ୍ପତ୍ତି ନେଇଛି। ଶ୍ରୀଜଗନ୍ନାଥ ମନ୍ଦିର ଜମି ପାଇଁ ନୂଆ ନିୟମ, ୨୦୨୬ ଲାଗୁ କରିବାକୁ ଅନୁମୋଦନ ମିଳିଛି। ଏଥିସହ ୨୦୦୩ ଓ ୨୦୧୯ର ୟୁନିଫର୍ମ ପଲିସିକୁ ବାତିଲ କରାଯାଇଛି। ନୂଆ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଅନଲାଇନ୍ ପୋର୍ଟାଲ, ଜିଆଇଏସ ମ୍ୟାପିଙ୍ଗ୍ ଓ ଭୂଲେଖ ସହ ସଂଯୋଗ ଭଳି ବ୍ୟବସ୍ଥା ରହିବ। ବେଞ୍ଚ ମାର୍କ ଦର (ଏଏଲଏସଏସ) ମଧ୍ୟରୁ ଯେଉଁ ହାର ଅଧିକ ହେବ, ସେହି ହାରରେ ସେଟଲମେଣ୍ଟ କରାଯିବ। ଜମି କାରବାରରେ ଜାଲିଆତି ରୋକିବା ପାଇଁ ମଧ୍ୟ କଡ଼ା ପ୍ରାବଧାନ ରହିବ। ଶିକ୍ଷା କ୍ଷେତ୍ରରେ ମଧ୍ୟ ଆସିଛି ନୂଆ ଯୋଜନା। 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନାକୁ ଅନୁମୋଦନ ଦିଆଯାଇଛି। ଏହି ଯୋଜନା ଅଧୀନରେ ସରକାରୀ ସ୍କୁଲଗୁଡ଼ିକ ପାଇଁ ଦାନ କରାଗଲେ ସରକାର ତାହାର ଦୁଇଗୁଣା ଅର୍ଥ ମ୍ୟାଚିଂ ଗ୍ରାଣ୍ଟ ଭାବେ ଦେବେ। ଅର୍ଥାତ୍ ଦାତା ୧ ଟଙ୍କା ଦାନ କଲେ ସରକାର ୨ ଟଙ୍କା ଦେବେ। ତେବେ ସରକାରୀ ମ୍ୟାଚିଂ ଗ୍ରାଣ୍ଟର ସର୍ବାଧିକ ସୀମା ୫୦ ଲକ୍ଷ ଟଙ୍କା ରହିବ। ଏହି ଯୋଜନାରେ ୫ ବର୍ଷରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ ହେବ। ୟୁନିଫର୍ମ ନିଯୁକ୍ତି ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଅଣାଯାଇଛି। ଏ ସମ୍ପର୍କିତ ନିୟମରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛି। ପୁଲିସ, ଜେଲ, ଅବକାରୀ ଓ ଜଙ୍ଗଲ ବିଭାଗର ସମସ୍ତ ଗ୍ରୁପ୍-ସି' ପଦବୀ ପାଇଁ ଗୋଟିଏ ପରୀକ୍ଷା କରାଯିବ। ଏହି ପରୀକ୍ଷାର ନାମ କମ୍ବାଇନ୍‌ଡ ରିକ୍ରୁଟମେଣ୍ଟ ଏକଜାମ୍ ରଖାଯାଇଛି। ଏହାଦ୍ୱାରା ବିଭିନ୍ନ ବିଭାଗର ଗ୍ରୁପ୍-ସି' ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସରଳ ଓ ସମନ୍ୱିତ କରିବା ଲକ୍ଷ୍ୟ ରହିଛି। ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୬-୨.୦କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ 'ଇଜ୍ ଅଫ୍ ଡୁଇଂ ବିଜନେସ୍'କୁ ପ୍ରୋତ୍ସାହିତ କରିବା ପାଇଁ ଜନ ବିଶ୍ୱାସ ବିଲ୍ ୨.୦ରେ ଆଇନଗତ ସଂଶୋଧନ କରାଯାଇଛି। ୧୧ଟି ସରକାରୀ ବିଭାଗ ଦ୍ୱାରା ପରିଚାଳିତ ୧୭ଟି ରାଜ୍ୟ ଆଇନରେ ୬ଟି ବ୍ୟବସ୍ଥାରେ ସଂଶୋଧନ କରାଯାଇଛି। ଏଥିମଧ୍ୟରୁ ୧୧ଟି ଆଇନର ୩୫ଟି ବ୍ୟବସ୍ଥାରେ ବୈଷୟିକ ଓ ପ୍ରକ୍ରିୟାଗତ ସାମାନ୍ୟ ଭୁଲ୍ ପାଇଁ ଜେଲଦଣ୍ଡ ବଦଳରେ କେବଳ ଆର୍ଥିକ ଜରିମାନା ବ୍ୟବସ୍ଥା କରାଯାଇଛି। ୬ଟି ଆଇନର ୨୨ଟି ବ୍ୟବସ୍ଥାରେ ସଂଶୋଧନ ଆଣି ଲାଇସେନ୍ସ, ନବୀକରଣ, ପଞ୍ଜୀକରଣ ଓ ସୂଚନା-ଆଧାରିତ ସ୍ୱୟଂ-ଅନୁପାଳନକୁ ସରଳ କରାଯାଇଛି। ଏଥିସହ ନାମ ବୋର୍ଡ, କୃଷି ବଜାର ଲାଇସେନ୍ସ, ପୌରପାଳିକା ବାଣିଜ୍ୟ ଲାଇସେନ୍ସ ଏବଂ ଅସ୍ଥାୟୀ ବ୍ୟାବସାୟିକ ଅନୁମତି ପ୍ରକ୍ରିୟାକୁ ସହଜ କରାଯାଇଛି। ଜଳସମ୍ପଦ ଓ କୃଷି ଭିତ୍ତିଭୂମିର ବିକାଶ ପାଇଁ ଗଭୀର ନଳକୂପ ଯୋଜନାରେ ରାଜ୍ୟର ଉଚ୍ଚଭୂମି, ପାହାଡ଼ିଆ, କଠିନ ଶିଳା ଓ ଜଳାଭାବଗ୍ରସ୍ତ ଅଞ୍ଚଳରେ ଜଳସେଚନ ପାଇଁ ୧,୫୦,୦୦୦ଟି ଗଭୀର ନଳକୂପ ସ୍ଥାପନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୮,୬୫୩.୦୪ କୋଟି ଟଙ୍କା ବ୍ୟୟରେ ରାଜ୍ୟର ୩୦ଟି ଜିଲ୍ଲାର ୨୯୭ଟି ବ୍ଲକ୍‌ରେ ୨,୪୦,୦୦୦ ହେକ୍ଟର ଜମିକୁ ଜଳସେଚନ କ୍ଷମତା ସୃଷ୍ଟି କରାଯିବ। ଏହାଦ୍ୱାରା ଫସଲ ତୀବ୍ରତା ଓ ଉତ୍ପାଦକତା ବୃଦ୍ଧି ପାଇବା ସହ ବର୍ଷା ନିର୍ଭର କୃଷି ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ରାଜ୍ୟର ପ୍ରାଚୀନ ଓ ଐତିହାସିକ ଜଳସେଚନ ସଂରଚନାଗୁଡ଼ିକର ସଂରକ୍ଷଣ, ପୁନରୁଦ୍ଧାର ଓ ସେଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ ପାଇଁ 'ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ (ବୋଇତ)' ଯୋଜନାକୁ ମଞ୍ଜୁରୀ ଦିଆଯାଇଛି। ଓଡ଼ିଶା ବେସାମରିକ ସେବା (ପେନସନ୍) ନିୟମାବଳୀ, ୧୯୯୨ରେ ସଂଶୋଧନ କରାଯାଇଛି। ସରକାରୀ କର୍ମଚାରୀଙ୍କ ସେବା କାଳରେ ଆରମ୍ଭ ହୋଇ ଅବସର ପରେ ଜାରି ରହିଥିବା କିମ୍ବା ଅବସର ପରେ ଚାରି ବର୍ଷ ମଧ୍ୟରେ ଆରମ୍ଭ ହୋଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପେନସନ୍ କିମ୍ବା ଗ୍ରାଚ୍ୟୁଇଟିକୁ ଅଟକାଇ ରଖିବା କିମ୍ବା ପ୍ରତ୍ୟାହାର କରିବା ସମ୍ବନ୍ଧୀୟ ସରକାରଙ୍କ ଅଧିକାରକୁ ସ୍ପଷ୍ଟ କରିବ। କିନ୍ତୁ ପେନସନ ମଞ୍ଜୁରି ଯାହା ପ୍ରାପ୍ୟ ତାରିଖଠାରୁ ଏକ ବର୍ଷରୁ ଅଧିକ ବିଳମ୍ବ ହେଲେ ଏବଂ ଏହି ବିଳମ୍ବ ପ୍ରଶାସନିକ ତ୍ରୁଟି ଯୋଗୁଁ ଘଟିଥିଲେ, ଏକ ବର୍ଷ ପରବର୍ତ୍ତୀ ବିଳମ୍ବ ଅବଧି ପାଇଁ ପେନସନର ବକେୟା ରାଶି ଉପରେ ବାର୍ଷିକ ୭ ପ୍ରତିଶତ ହାରରେ ସୁଧ ପ୍ରଦାନ କରିବେ ସରକାର।

### ମୃତ୍ୟୁସଂଖ୍ୟା...

ଏଭଳି ଦୁର୍ଘଟଣା ଘଟିଛି ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଏ ଘଟଣାରେ ବିଲ୍ଡିଂର ମାଲିକ ହରିରାମ ଗୁପ୍ତାଙ୍କ ସମେତ ତାଙ୍କ ପତ୍ନୀ ଓ ପୁଅଙ୍କୁ ଭିୱାଡିରୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। କୋଠା ଭୁଶୁଡ଼ିବା ଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ (ଏମସିଡି) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦକ୍ଷିଣ ଜୋନର ୫ ଜଣ ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି।

### ଶିକ୍ଷା ଓ କୌଶଳ...

ପଠନ ସହ ଚାଟ୍ ଜିପିଟି ଭଳି ନୂତନ ପ୍ରଯୁକ୍ତି ବିଦ୍ୟାର ସଠିକ୍ ଉପଯୋଗ କରି ଆମକୁ ସମାଜ ଓ ଅଞ୍ଚଳର ନୂଆ ଆହ୍ୱାନଗୁଡ଼ିକୁ ପୂରଣ କରିବାକୁ ହେବ। ବରଗଡ଼ର ଅସୁରଗଡ଼ ଓ ଭୀମ ମଣ୍ଡଳୀର ପ୍ରାଚୀନ ଶିଳାଚିତ୍ରର ଉଦାହରଣ ଦେଇ ସେ କହିଛନ୍ତି ଯେ ମହାନଦୀ ଅବବାହିକାରେ ହଜାର ହଜାର ବର୍ଷର ପ୍ରାଚୀନ ସଭ୍ୟତାର ବୈଜ୍ଞାନିକ ପ୍ରମାଣ ରହିଛି। ଆମକୁ କେବଳ ନିଜର ବ୍ୟକ୍ତିଗତ କିମ୍ବା ପରିବାରର ବିକାଶ ମଧ୍ୟରେ ସୀମିତ ନରହି ଏହି ଗୌରବମୟ ଐତିହ୍ୟକୁ ଆଗକୁ ନେବାକୁ ହେବ। ଆଗାମୀ ୧୦ ବର୍ଷ ପରେ ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ଏବଂ ୨୦୪୭ରେ ଦେଶର ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ୨୧ ବର୍ଷ ପରେ ଅବସରରେ ଆମ ଯୁବପିଢ଼ିକୁ ଓଡ଼ିଶା ଓ ଭାରତର ନିର୍ମାଣ ପାଇଁ ଗୁରୁ ଦାୟିତ୍ୱ ନେବାକୁ ପଡ଼ିବ।

### ବିଏସଇରେ ବିଲୟ..

ପରୀକ୍ଷା, ଶିକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରକ୍ରିୟା ଗୋଟିଏ ବୋର୍ଡ ମାଧ୍ୟମରେ ପରିଚାଳିତ ହେବ। ଏହାଦ୍ୱାରା ଦୁଇଟି ବୋର୍ଡର ପୃଥକ ପ୍ରଶାସନିକ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରେ। ବର୍ତ୍ତମାନ ବିଏସଇ ଦଶମ ଶ୍ରେଣୀ ସମେତ ବିଭିନ୍ନ ମାଧ୍ୟମିକ ପରୀକ୍ଷା ପରିଚାଳନା କରୁଥିବା ବେଳେ ସିଏଚଏସଇ ଯୁକ୍ତ ଦୁଇ ଅର୍ଥାତ୍ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଓ ଫଳ ପ୍ରକାଶନ ଭଳି କାର୍ଯ୍ୟ କରୁଛି। ଗୋଟିଏ ବୋର୍ଡ ଗଠନ ହେଲେ ଦଶମରୁ ଦ୍ୱାଦଶ ଯାଏଁ ଶିକ୍ଷା ବ୍ୟବସ୍ଥାରେ ସମନ୍ୱୟ ବଢ଼ିବା ସହ ପରୀକ୍ଷା ପରିଚାଳନା ଓ ପ୍ରଶାସନିକ କାର୍ଯ୍ୟ ସରଳ ହୋଇପାରେ। ତେବେ ଏହି ବ୍ୟବସ୍ଥା କେବେଠାରୁ ଲାଗୁ ହେବ ଓ ନୂଆ ବୋର୍ଡର ଗଠନ କିପରି ହେବ, ସେନେଇ ବିସ୍ତୃତ ସୂଚନା ମିଳିପାରିନାହିଁ।

### ୟୁଏଇ ସହ...

ପର୍ଯ୍ୟଟନ ମନ୍ତ୍ରୀ ଏବଂ କାଉନ୍‌ସିଲ ଅଫ୍ ଇଣ୍ଟରନ୍ୟାସନାଲ ଇନ୍‌ଭେଷ୍ଟମେଣ୍ଟସ'ର ଅଧ୍ୟକ୍ଷ ଅବଦୁଲ୍ଲା ବିନ୍ ତକ୍ ଅଲ୍ ମାରିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିବେ। ଏଥିସହ ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ କାଉନସିଲ, ଏମିରେଟ୍ସ ଗ୍ଲୋବାଲ ଆଲୁମିନିଅମ୍‌ର ପ୍ରମୁଖ ନେତୃତ୍ୱଙ୍କ ସହ ମଧ୍ୟ ସେ ଆଲୋଚନା କରିବେ। ମିଡଲ ଇଷ୍ଟ ରିସାଇକ୍ଲିଂ ଆସୋସିଏସନ୍ ସହ ରାଉଣ୍ଡ ଟେବୁଲ ବୈଠକ, ଓଡ଼ିଶା ବିଜନେସ ଡେଲିଗେସନ୍ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ ମଧ୍ୟ ରହିଛି।

### ଡିଜିପି ଚୟନ...

ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଜୟନ୍ତ ଦାସଙ୍କ ଓକିଲ ପି ଚିଦାମ୍ବରମ୍ ଅଭିଯୋଗ କରିଥିଲେ ଯେ ଓଡ଼ିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। କୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ ତଥା କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ଆସନ୍ତା ୨୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅପ୍ରତ୍ୟାଶିତ ଅନୁରୋଧରେ ପୁଲିସ ଡିଜି ଚୟନ ପାଇଁ ଗତ ଅଗଷ୍ଟ ୭ ତାରିଖର ୟୁପିଏସସି ବୈଠକକୁ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ଶ୍ରୀ ଚିଦାମ୍ବରମ୍ ମଧ୍ୟ ୨୦୦୬ରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲ୍ଲଂଘନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକଡୋର ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ।

### ଏକାଠି ହୋଇପାରୁନାହାନ୍ତି...

ତେବେ ଏହି ଦୁଇ ଦଳ କେତେ ଲୋକଙ୍କୁ ଆଣି ରାଜଧାନୀରେ ଠୁଳ କରିବେ ତାହାର କୌଣସି ସୂଚନା ମିଳିପାରିନାହିଁ। କଂଗ୍ରେସ ତା'ର ନୂଆ ଟିମ୍ ଗଠନ କରିଥିବାରୁ ଦଳୀୟ ନେତାମାନେ କିଭଳି ପ୍ରତିବାଦ କରୁଛନ୍ତି, ତାହା ଉପରେ ଭକ୍ତଙ୍କ ଟିମ୍ ବି ନଜର ରଖିଛି। ଶାସକ ଓ ବିରୋଧୀଙ୍କ ମଧ୍ୟରେ ଏଭଳି ତୁତୁ ମେଁମେଁ ଚାଲିଥିବା ବେଳେ ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି-କଂଗ୍ରେସ ମଧ୍ୟରେ ଯେଭଳି ମଧୁର ସମ୍ପର୍କ ରହିଥିଲା ତାହା ଏମଏମଡିଆର୍ ପ୍ରସଙ୍ଗ ବେଳକୁ ଦେଖିବାକୁ ମିଳୁ ନ ଥିବାରୁ ଦୁଇ ଦଳର ଆଭିମୁଖ୍ୟକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

### ଏଣିକି ଅନ୍‌ଲାଇନ...

ସମ୍ପର୍କିତ ମାମଲା ଅନ୍‌ଲାଇନରେ କରିବା ସକାଶେ ନିର୍ଦ୍ଦେଶ ରହିଛି। ବିଭାଗର ନିର୍ଦ୍ଦେଶାନୁଯାୟୀ, ଓଡ଼ିଶା ଅଧିସୂଚିତ କ୍ଷେତ୍ର ସ୍ଥାବର ସମ୍ପତ୍ତି ହସ୍ତାନ୍ତର ନିୟମ, ୧୯୫୬ର ଧାରା ୩(ଏ) ଓ ଓଡ଼ିଶା ଭୂସଂସ୍କାର ପୁନର୍ଗଠନ ଆଇନ, ୧୯୬୦ର ଧାରା ୨୩ ଓ ଧାରା ୨୩ (ଏ) ଅଧୀନ ମାମଲାଗୁଡ଼ିକର ଅନ୍‌ଲାଇନ ପ୍ରକ୍ରିୟାକରଣ କରାଯିବ।

## ନାବାଳିକାଙ୍କୁ ଅସଦାଚରଣ କରି ବୃଦ୍ଧ ଗିରଫ

ବାଲିଆପାଳ,୭।୯ (ସଂଚାର ବ୍ୟୁରୋ): ବାଲିଆପାଳ ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଜଣେ ୬୦ ବର୍ଷର ବୃଦ୍ଧା ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସୁଚନା ଅନୁସାରେ ଆଠ ବର୍ଷର ନାବାଳିକାଙ୍କ ଘର ପାଖରେ ଜଗତିପୁର ପଞ୍ଚାୟତର ଜୈନିକ ବ୍ୟକ୍ତି ୬୦ ବର୍ଷର ବୃଦ୍ଧାଙ୍କର ଗୋଟିଏ ଫର୍ନିଚର ଦୋକାନ ରହିଛି। ବିଭିନ୍ନ ସମୟରେ ନାବାଳିକାକୁ ଡାକି ଚକୋଲେଟ୍ କୁରକୁରୀ ପ୍ରଲୋଭନ ଦେଇ ଦୋକାନ ଭିତରକୁ ନେଇ ଅସଦାଚରଣ ଚରଣ ଏବଂ କାହାକୁ କହିଲେ ଜୀବନରୁ ମାରିଦେବାର ଧମକ ଦେଇ ଆସୁଥିଲେ ବୋଲି ନାବାଳିକାଙ୍କ ମା ଜାମକୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତକୁ ଗିରଫ କରି ବାଲିଆପାଳ ଥାନାରେ ଅଟକ ରଖିଥିବା ଜଣାପଡିଛି।

## ଘର ମାଲିକଙ୍କ ବିରୋଧରେ ଦୋକାନୀଙ୍କ ଅଭିଯୋଗ



ଯାଜପୁର ରୋଡ଼,୭।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର କଦଳୀପୁର ସ୍ଥିତ ଚନ୍ଦ୍ରଶେଖର ବଜାର କମିଟି ତରଫରୁ ଶିବ ମନ୍ଦିର ସମ୍ମୁଖସ୍ଥ ଦୋକାନ ଗୃହ ମାଲିକଙ୍କ ଜୁଲମ ଓ ଆକ୍ରମଣର ଶିକାର ହୋଇ କମିଟି ପକ୍ଷରୁ ଦୋକାନୀ ମାନେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ଖବରର ଆଧାରରେ ସୂଚନା ମୁତାବକ କଦଳୀପୁର ଶିବ ମନ୍ଦିର ସମ୍ମୁଖରେ ଥିବା ଦୋକାନଗୃହ ମାଲିକ କିଛି ଘରକୁ ଭଡ଼ା ସୂତ୍ରରେ କିଛି ଦୋକାନୀ ମାନଙ୍କୁ ଭଡ଼ା ସୂତ୍ରରେ ଦେଇଥିଲେ। ଏବେ କିନ୍ତୁ ଘର ମାଲିକ ଦୋକାନୀ ମାନଙ୍କୁ ଜୋରଜୁଲମ କରି ବାରମ୍ବାର ଘର ଭଡ଼ା ବଢ଼ାଇବା, ସିକ୍ୟୁରିଟି ଟଙ୍କା ବଢ଼ାଇବା ପାଇଁ ବାଧ୍ୟ କରିବା ସହିତ ନାନାଦି ଅତ୍ୟାଚାର କରୁଥିବା ଦୋକାନୀମାନେ ଅଭିଯୋଗ ବାଢ଼ିଛନ୍ତି। ଏପଟେ ଘର ମାଲିକଙ୍କ କଥାରେ ପରିଚାଳିତ ନହେଲେ ଜୋର ଜବରଦସ୍ତ କରି ହଠାତ କୌଣସି ସୂଚନା ନଦେଇ ଦୋକାନ ଛାଡିବା ପାଇଁ ବାଧ୍ୟ ମଧ୍ୟ କରିଥିବା ନେଇ ଦୋକାନୀ ମାନେ ଏବେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଚନ୍ଦ୍ର ଶେଖର ବଣିକ ସଙ୍ଘ ପକ୍ଷରୁ ଆଜି ତୀବ୍ର ନିନ୍ଦା କରାଯିବା ସହ ଘର ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୋକାନୀ ଓ କମିଟି ପକ୍ଷରୁ ଦାବି କରାଯାଇଛି।

## ଦୁଇ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଦୁଇ ଗାଡି ଜବତ, ଜଣେ ଗିରଫ




ଫୁଲବାଣୀ,୭।୯ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ଦ୍ୱାରା ପୃଥକ ସ୍ଥାନରୁ ଦୁଇଟି ଗାଡି ଜବତ କରାଯାଇଥିବା ବେଳେ ଦୁଇ କୁଇଣ୍ଟାଲ ତିରିଶ କେଜି ଗଞ୍ଜେଇ ଜବତ କରାଯାଇଛି। ଘଟଣା ସ୍ଥଳରୁ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଗାଡି ଛାଡି ଫେରାର ହୋଇଥିବା ସୂଚନା ମିଳିଛି। ତେବେ ସୂଚନା ଅନୁସାରେ ଅବକାରୀ ସୁପରିଟେଣ୍ଡ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ରାଣୀପଥର ଘାଟିରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ଡାଲା ବୋଲେରୋ ପିକପକୁ ଅଟକାଇଥିଲେ। ଡାଲା ବୋଲେରୋରୁ ଦୁଇ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ଗଞ୍ଜେଇ ଚାଲାଣକାରୀ ବୋଲେରୋ ଡ୍ରାଇଭର ଗୋଚ୍ଛାପଡା ଥାନା କୁନ୍ଦାଲି ଗାଁର ଅଶୋକ କହଁରକୁ ଘଟଣା ସ୍ଥଳରୁ ଗିରଫ କରିବା ସହ ଗାଡିକୁ ଜବତ କରିଥିଲେ। ଅନୁରୂପ ଭାବରେ ଅବକାରୀ ବିଭାଗ ସୁଦ୍ରୁରୁ କୁମ୍ଭା ପଞ୍ଚାୟତର କ୍ରାଣ୍ଡିମାସ୍କା ନିକଟ ରାସ୍ତାରୁ ଏକ ଗାଡିର ଡ୍ରାଇଭର ଅବକାରୀ ବିଭାଗର ପୁଲିସକୁ ଦେଖି ରାସ୍ତା ଉପରେ ଗାଡି ଛାଡି ଫେରାର ମାରିଥିବା ବେଳେ କ୍ରେଟା ଗାଡିରୁ ତିରିଶ କେଜି ଗଞ୍ଜେଇ ସହ ଗାଡି ଜବତ କରିଥିଲେ। ସଦର ଅବକାରୀ ଏବଂ ଆଦର୍ଶ ଅବକାରୀ ଥାନାରେ ଦୁଇଟି ପୃଥକ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁ କରି ଗିରଫ ଗଞ୍ଜେଇ ଚାଲାଣ କାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଗଞ୍ଜେଇ ଚାଲାଣ ଘଟଣା କୁ ନେଇଁ ଅବକାରୀ ସୁପରିଟେଣ୍ଡ ସୁଶାନ୍ତ କୁମାର ପାଢ଼ୀ ଏକ ପ୍ରେସ ମିଟ ଜରିଆରେ ସୂଚନା ଦେଇଛନ୍ତି ।

## ବନ୍ଧୁକ ମୁନରେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୁଟ୍



ସୁନ୍ଦରଗଡ଼,୭।୯ (ସଂଚାର ବ୍ୟୁରୋ): ଆଜି ସଦର ଥାନା ଅନ୍ତର୍ଗତ କିରେଇ ଛକ ନିକଟରେ ଥିବା ଗ୍ରାମୀଣ ବ୍ୟାଙ୍କକୁ ପଶି ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଲୁଟ କରି ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ ଆଜି ଅପରାହ୍ନରେ ଖାଇବା ପରେ ବ୍ୟାଙ୍କ କର୍ମଚାରୀ ମାନେ ଅପରାହ୍ନ ୩ଟା ସମୟରେ ବ୍ୟାଙ୍କ ଗେଟ ଖୋଲିଥିଲେ ଏହି ସମୟରେ ଜଣେ ମୁଖାଧାରୀ ଦୁର୍ବୃତ୍ତ ବନ୍ଧୁକ ଧରି ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ସମସ୍ତଙ୍କୁ ବନ୍ଧୁକ ମୁନରେ ଭୟଭୀତ କରି ଏକ ବ୍ୟାଗ ଭିତରେ ଟଙ୍କା ଭରିବାକୁ ଧମକ ଦେଇଥିଲା। ଭୟରେ ଜଣେ କର୍ମଚାରୀ କ୍ୟାସ କାଉଣ୍ଟରରେ ଥିବା ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଗ ଭିତରେ ଭରିଥିଲେ। ଦୁର୍ବୃତ୍ତ ଜଣକ ଏହି ବ୍ୟାଗ ଛଡାଇ, ବ୍ୟାଙ୍କ କାନ୍ଥ ଡେଇଁ ଫେରାର ହେବାରେ ସକ୍ଷମ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଂଚି ଅନୁସନ୍ଧାନ ଆରମ୍ଭ କରିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଲୁଟ ସମୟରେ ପ୍ରକୃତରେ ଜଣେ ଦୁର୍ବୃତ୍ତ ଥିଲା କି ଆଉ କେତେଜଣ ଥିଲେ, ବ୍ୟାଙ୍କର ସିସିଟିଭି କାମ କରୁନଥିବା, ବ୍ୟାଙ୍କରେ ଅପରାହ୍ନରେ ଗ୍ରାହକ ନଥିବା, କେବଳ କର୍ମଚାରୀ ରହିଥିବା ସମୟରେ ହିଁ ଲୁଟ ଟଙ୍କା ଲୁଟ ହୋଇଛି ଏହାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି

# ଯୁବପିଢ଼ି ମଧ୍ୟରେ ଗଞ୍ଜେଇ ନିଶାକୁ ନେଇ ବଢ଼ୁଛି ଚିନ୍ତା



କେସିଙ୍ଗା,୭।୯ (ସଂଚାର ବ୍ୟୁରୋ): ସନ୍ଧ୍ୟା ହେବା ମାତ୍ରେ ସହରର ବିଭିନ୍ନ ନିର୍ଜନ ସ୍ଥାନରେ ଯୁବକମାନଙ୍କ ଭିଡ଼ ଜମୁଥିବା ଏବଂ ନିଶା ସେବନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢୁଥିବା ଅଭିଯୋଗ ହୋଇଛି। ରାତି ବଢ଼ିବା ସହ ଏଭଳି ଆଡ୍ଡା ବଢୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷକରି ଯୁବପିଢ଼ି ଓ ଛାତ୍ରଛାତ୍ରୀ ଗଞ୍ଜେଇ ଭଳି ନିଶାଦ୍ରବ୍ୟର ପ୍ରଭାବରେ ପଡୁଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କୌଣସି ଅଞ୍ଚଳରେ ନିଶାସକ୍ତଙ୍କ ଉତ୍ପାତ ନେଇ ପୁଲିସ ନିକଟରେ ଅଭିଯୋଗ ପହଞ୍ଚିଲେ ପୁଲିସ ପକ୍ଷରୁ ଯାଞ୍ଚ କିମ୍ବା ପାଟ୍ରୋଲିଂ କରାଯାଉଛି। କିନ୍ତୁ ପୁଲିସ ଗାଡ଼ି ଆସିବାର ଖବର ପାଇବା ପରେ ସେଠାରେ ଥିବା ଯୁବକମାନେ ଚାଲିଯାଉଥିବାରୁ ଧରପଗଡ଼ କରିବା କଷ୍ଟକର ହେଉଛି ବୋଲି ଅଭିଯୋଗ ରହିଛି। ଫଳରେ ପୁଲିସ ଓ ନିଶାସକ୍ତଙ୍କ ମଧ୍ୟରେ ଯେପରି ଲୁଚକାଳି ଖେଳ ଚାଲିଛି।

ପୂର୍ବରୁ ମଦ୍ୟପାନକୁ ନେଇ ଯେଉଁ ସାମାଜିକ ଚିନ୍ତା ଦେଖାଯାଉଥିଲା, ବର୍ତ୍ତମାନ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ବ୍ୟବହାରକୁ ନେଇ ମଧ୍ୟ ସମାନ ଚିନ୍ତା ପ୍ରକାଶ ପାଉଛି। କମ୍ ଖର୍ଚ୍ଚରେ ନିଶା କରିବାର ପ୍ରବୃତ୍ତି କେତେକ ଯୁବକଙ୍କୁ ଏହି ଦିଗକୁ ଟାଣୁଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବରେ ପାଠପଢ଼ା, ପରିବାରିକ ସମ୍ପର୍କ ଓ ସାମାଜିକ ପରିବେଶ ପ୍ରଭାବିତ ହେବା ନେଇ ଅଭିଭାବକମାନେ ଚିନ୍ତିତ।

ସହରର କେତେକ ଗଳିକନ୍ଦି, ରେଳ ଧାର କଡ଼, ପରିତ୍ୟକ୍ତ କିମ୍ବା ଅବ୍ୟବହୃତ ସରକାରୀ କୋଠା, ଶ୍ମଶାନ ଘାଟ, ନଦୀକୂଳର ନିର୍ଜନ ସ୍ଥାନ, ଫରେଷ୍ଟ ଅଫିସ ଅଞ୍ଚଳର କେତେକ ଗଳି ଏବଂ ସହରର ଅନ୍ୟାନ୍ୟ ନିରୋଳା ସ୍ଥାନରେ ସନ୍ଧ୍ୟା ପରେ ନିଶାସେବନକାରୀଙ୍କ ଭିଡ଼ ହେଉଥିବା ନେଇ ଅଭିଯୋଗ ରହିଛି। ଏଭଳି ସ୍ଥାନଗୁଡ଼ିକରେ ନିୟମିତ ପୁଲିସ ପାଟ୍ରୋଲିଂ ଓ ନଜରଦାରି ବଢ଼ାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ନିଶାଦ୍ରବ୍ୟର ପ୍ରଭାବ ଯୁବପିଢ଼ି ଉପରେ ପଡୁଥିବା ଏବଂ ନିଶାଦ୍ରବ୍ୟର ବେଆଇନ କାରବାର ଚାଲୁଥିବା ନେଇ ମଧ୍ୟ ଅଭିଯୋଗ ରହିଛି।

କେସିଙ୍ଗା ଏକ ପ୍ରମୁଖ ରେଳ ସଂଯୋଗ କେନ୍ଦ୍ର ହୋଇଥିବାରୁ ବେଆଇନ ନିଶାଦ୍ରବ୍ୟ ଚାଲାଣ ଉପରେ ମଧ୍ୟ ନଜର ରଖିବା ଆବଶ୍ୟକ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଉଛି। ସେହିପରି, ସହରର ସମ୍ବେଦନଶୀଳ ଓ ନିର୍ଜନ ସ୍ଥାନଗୁଡ଼ିକରେ ନିୟମିତ ପାଟ୍ରୋଲିଂ, ରାତ୍ରିକାଳୀନ ନଜରଦାରି ଏବଂ ବେଆଇନ ନିଶା କାରବାର ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ନୀଳଗିରିରେ ଖୋଲିଲା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ନୂତନ ଶାଖା



ନୀଳଗିରି, ୭।୯ (ସଂଚାର ବ୍ୟୁରୋ): ନୀଳଗିରି ସହର ବାଲିଗୋହିରି ଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଆଜି ଏକ ନୂତନ ଶାଖା ଖୋଲିଥିବା ବେଳେ ଏହାକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନାଲ ଅଫିସ ଉପମହାପ୍ରବନ୍ଧକ ରାଜ କୁମାର ସିଂ, ବାଲେଶ୍ୱର ମଣ୍ଡଳ ପ୍ରମୁଖ ଜିତେନ୍ଦ୍ର କୌଶଳ, ଶାଖା ପରିଚାଳକ ବିକାଶ କୁମାର ମଲ୍ଲିକ, ମଣ୍ଡଳ ସମ୍ପାଦକ ଆକାଶ ଦାସ, ମୁଖ୍ୟ ପ୍ରବନ୍ଧକ ସୁନୀଲ କୁମାର ବିଶ୍ୱାସ, ସରୋଜ ରାୟ, ପ୍ରବନ୍ଧକ ବିଶ୍ୱଜିତ ସାହୁ, ସିନିୟର ମ୍ୟାନେଜର ଗୌତମ ଲେଙ୍କା, ମାର୍କେଟିଙ୍ଗ ଅଫିସର ଅମିତ ରଥଙ୍କ ସମେତ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ନୀଳଗିରି ଉପଖଣ୍ଡ ଅଞ୍ଚଳବାସୀଙ୍କ ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କୌଣସି ଶାଖା ନ ଥିବାରୁ ଗ୍ରାହକମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ନୀଳଗିରିରେ ଆଜି ନୂତନ ଶାଖା ଖୋଲା ଯାଇଛି । ପ୍ରଥମ ଦିବସରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜଣେ ଗ୍ରାହକଙ୍କୁ ୧୪ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଯୋଜନାର ଗ୍ରାହକମାନେ ଲାଭ ପାଇବା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଗ୍ରାମାଞ୍ଚଳର ଇଚ୍ଛୁକ ଗ୍ରାହକ ମାନଙ୍କ ପାଇଁ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠାନ କରିବା ଦିଗରେ ବ୍ୟାଙ୍କ ସହାୟକ ହେବ ବୋଲି ଉପ-ମହା ପ୍ରବନ୍ଧକ ପ୍ରକାଶ କରିଛନ୍ତି।

ତେବେ ବାଲେଶ୍ୱର ଜିଲ୍ଲା ମଣ୍ଡଳ ସ୍ତରୀୟ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ମିଶି ୫ ଶାଖା ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଶାଖାଟି ୭୬ନମ୍ବର ଶାଖା ଭାବେ ପରିଗଣିତ ହୋଇଛି। ଆଜି ପ୍ରଥମ ଦିନରେ ବିଭିନ୍ନ ଅଞ୍ଚଳରୁ ୭୬ଜଣ ନୂତନ ଗ୍ରହକ ସଂଚୟ ଖାତା ଖୋଲିଥିବା ବେଳେ ଖୁବ ଶୀଘ୍ର ୧୦ହଜାର ନୂତନ ଗ୍ରାହକଙ୍କର ସଂଚୟ ଖାତା ଖୋଲାଯିବା ନେଇ ଲକ୍ଷ୍ୟ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଙ୍କ ଠାରୁ ସୂଚନା ମିଳିଛି।

## ଦୀର୍ଘଦିନର ଦାବି ପରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ



ଖୋର୍ଦ୍ଧା,୭।୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ବ୍ଲକ ପୁବୁସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କପୁଳେଶ୍ୱରପୁରସ୍ଥିତ ସୋନି ମନ୍ଦିର ନିକଟରେ ଦୀର୍ଘଦିନର ଦାବି ପରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆଜି ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ମଧ୍ୟରେ ଥିବା ବିବାଦ ଯୋଗୁଁ କାର୍ଯ୍ୟଟି ଦୀର୍ଘଦିନ ଧରି ଅଟକି ରହିଥିଲା। ଏହାକୁ ନେଇ ଦାଏର ହୋଇଥିବା ପିଆଇଏଲ୍ ମାମଲାରେ ମାନ୍ୟବର ଅଦାଲତଙ୍କ ପକ୍ଷରୁ ଡ୍ରେନ୍ କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ରହିଛି। ଆଜି ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ଆଇଆଇସି ରମେଶ ଦେବତା, ପୁଲିସ ପ୍ରଶାସନର ସହଯୋଗରେ ଡ୍ରେନ୍ ନିର୍ମାଣ ଆରମ୍ଭ କରାଯାଇଛି। ଏଥିରେ ସରପଞ୍ଚ ପୁବୁସାହି, ଜେଇ ଚିନ୍ମୟ ସ୍ୱାଇଁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବ୍ଲକ କର୍ମଚାରୀ, ପୁବୁସାହି ୱାର୍ଡମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଞ୍ଚଳର ଅତିରିକ୍ତ ଜଳ ତଳମୁହାଁ ହୋଇ ଗ୍ରାମ ଓ ମନ୍ଦିର ନିକଟରେ ଜମିରହି ଅପରିଚ୍ଛନ୍ନତା ସୃଷ୍ଟି କରୁଥିଲା। ଡ୍ରେନ୍ ମାଧ୍ୟମରେ ଏହି ଜଳକୁ ନିଷ୍କାସନ କରି ମନ୍ଦିର ପଛପଟେ ଥିବା ସରକାରୀ ଜମି ପର୍ଯ୍ୟନ୍ତ ନେଇଯିବାର ବ୍ୟବସ୍ଥା ହେଉଛି। ଏହା ଦ୍ୱାରା ଗ୍ରାମର ପରିଚ୍ଛନ୍ନତା, ଜଳ ନିଷ୍କାସନ ଓ ଜନସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

## ଚାରୁକଳା ମହାବିଦ୍ୟାଳୟ ବୁଲିଲେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ

ବାଲିଅନ୍ତା,୭।୯ (ସଂଚାର ବ୍ୟୁରୋ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟର ବିଭିନ୍ନ ବିଭାଗର କଳାକୃତିକୁ ପରିଭ୍ରମଣ କରିଥିଲେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୫ର ଛାତ୍ରଛାତ୍ରୀମାନେ। ଏହି ଅବସରରେ ଭାସ୍କର୍ଯ୍ୟ ବିଭାଗରେ ଟେରାକୋଟା,ପଥର ଖୋଦେଇ, ସେରାମିକ୍ସ ଓ ଆଧୁନିକ ଭାସ୍କର୍ଯ୍ୟ ବୁଲି ଦେଖିବାସହ ଚିତ୍ରକଳା ବିଭାଗର



ସମସାମୟିକ ଚିତ୍ର ତଥା ପାରମ୍ପରିକ ପଟ୍ଟଚିତ୍ର,ଜଳରଙ୍ଗ ଚିତ୍ର ଓ ତୈଳଚିତ୍ର ବୁଲି ଦେଖିବାସହ ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ମୁଦ୍ରଣ କଳା ଓ ବ୍ୟବହାରିକ କଳା ବିଭାଗର ଚିତ୍ର ଶୈଳୀକୁ ଛାତ୍ରଛାତ୍ରୀମାନେ ଅବଲୋକନ କରିଥିଲେ।ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଓ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା,ରାମଶଙ୍କର ସାହୁ ପ୍ରମୁଖ କଳାର ବିଭିନ୍ନ ବିଭାଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ।ଶିବ ପ୍ରସାଦ ସାହୁ,ମଧୁସ୍ମିତା ଦାସ,ଶଶାଙ୍କ ଶେଖର ପୂଜାହାରୀ ଓ ଲକ୍ଷ୍ମୀଧର ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### କାହା ସ୍ୱାର୍ଥରେ ବିଲ୍ଡିଂ ନିର୍ମାଣ

## ୧୦ ବର୍ଷ ହେଲା ଚାଲିଛି ନିର୍ମାଣ କାର୍ଯ୍ୟ

### ବିଭାଗୀୟ ଅଧିକାରିଙ୍କ ନିଷ୍କ୍ରିୟତା ନେଇ ଉଠୁଛି ପ୍ରଶ୍ନ ?



ମାଲକାନଗିରି,୭।୯ (ସଂଚାର ବ୍ୟୁରୋ): ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଘର। ହେଲେ ଗୋଟିଏ ବର୍ଷ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୧୦ ବର୍ଷ ଧରି ଚାଲିଛି ନିର୍ମାଣ କାର୍ଯ୍ୟ। ନିର୍ମାଣ କାମ ସମ୍ପୂର୍ଣ୍ଣ ନହୋଇ ପଡ଼ିରହିଥିବାରୁ ସରକାରୀ ଯୋଜନାର ଉଦ୍ଦେଶ୍ୟ ନେଇ ଉଠିଛି ପ୍ରଶ୍ନ।

ଘଟଣା ସମ୍ପର୍କରେ ଖବର ନେବାରୁ ଜଣାପଡ଼ିଛି ଯେ, ଠିକାଦାରଙ୍କ ବ୍ୟକ୍ତିଗତ କାରଣରୁ ଘରଗୁଡ଼ିକର ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ହୋଇପାରିନଥିଲା। ଫଳରେ ସରକାରୀ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ଲୋକଙ୍କ ଉପଯୋଗରେ ଆସିପାରିନାହିଁ ନିର୍ମାଣାଧୀନ ଘରଗୁଡ଼ିକ।ଗ୍ରାମ୍ୟ ଉନ୍ନୟନ ବିଭାଗ- ୧ର ନିର୍ବାହୀ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନିଶ୍ଚିତ ଭାବେ ହାତକୁ ନେଇ ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ରହିଛି।

ଦୀର୍ଘ ୧୦ ବର୍ଷ ଧରି ଅଟକି ରହିଥିବା ସରକାରୀ ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେଉଛି ଏବଂ ଏହାର ସୁଫଳ କେବେ ଲୋକଙ୍କୁ ମିଳୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଥିବା ବେଳେ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ରକ୍ତ ସଂଗ୍ରହ ଅଭିଯାନ ଆରମ୍ଭ, ୩୨ ୟୁନିଟ୍ ରକ୍ତ ସଂଗୃହୀତ




ନୀଳଗିରି,୭।୯ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାରରେ ଆଜିଠାରୁ ରକ୍ତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଆୟୋଜିତ ଏହି ଅଭିଯାନ କୁ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ । ତତ୍ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

ଅଭିଯାନର ପ୍ରଥମ ଦିନରେ ୩୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ନୀଳଗିରି ରକ୍ତ ଭଣ୍ଡାରରେ ଆବଶ୍ୟକତା ଅନୁଯାୟୀ ରକ୍ତ ଉପଲବ୍ଧ ହୋଇପାରୁନଥିବାରୁ ରୋଗୀ ଓ ସମ୍ପର୍କୀୟମାନେ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏଭଳି ପରିସ୍ଥିତିରେ ରକ୍ତର ଅଭାବ ଦୂର କରିବା ଲକ୍ଷ୍ୟରେ ରକ୍ତଦାତା ସଂଘର ସଭାପତି ସୁରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି।

ଆଗାମୀ ଦିନରେ ନୀଳଗିରି ରକ୍ତ ଭଣ୍ଡାରରେ ଡାକ୍ତର, ଟେକ୍ନିସିଆନ୍ ଓ ଆବଶ୍ୟକ କର୍ମଚାରୀ ନିୟୋଜନ କରାଯିବା ନେଇ ସୂଚନା ଦିଆଯାଇଛି। ଏହାଦ୍ୱାରା ରକ୍ତ ଭଣ୍ଡାରର କାର୍ଯ୍ୟକାରିତା ଅଧିକ ସୁଦୃଢ଼ ହେବା ସହ ରୋଗୀମାନଙ୍କୁ ଆବଶ୍ୟକ ସମୟରେ ରକ୍ତ ଯୋଗାଇବା ସହଜ ହେବ ବୋଲି ଆଶା କରାଯାଉଛି।

ନୀଳଗିରି ସମେତ ବାହାର ଅଞ୍ଚଳରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଆବଶ୍ୟକ ସମୟରେ ରକ୍ତ ଯୋଗାଇବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ କୁହାଯାଇଛି।

### ସୋଆ ଆଇଡିଆଥନ୍ ୨୦୨୬

## ବିକଶିତ ଭାରତ-୨୦୪୭ ନିମନ୍ତେ ନବସୃଜନକୁ ପ୍ରୋତ୍ସାହନ




ଭୁବନେଶ୍ୱର,୭।୯ (ସଂଚାର ବ୍ୟୁରୋ): ଯୁବ ଉଦ୍‌ଭାବକମାନଙ୍କର ସୃଜନଶୀଳ ଚିନ୍ତାଧାରାକୁ ବାସ୍ତବ ଜୀବନର ବିଭିନ୍ନ ସମସ୍ୟାର ସମାଧାନରେ ପରିଣତ କରିବା ଲକ୍ଷ୍ୟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଭ୍ୟନ୍ତରୀଣ ହାକାଥନ୍ 'ସୋଆ ଆଇଡିଆଥନ୍ ୨୦୨୬' ଆୟୋଜିତ ହୋଇଯାଇଥିବାବେଳେ ଏଥିରେ ମୋଟ ୪୫୭ଟି ଦଳ ଅଂଶଗ୍ରହଣ କରିଥିଲେ।

ସୋଆର ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ଏହି ଦୁଇ ପର୍ଯ୍ୟାୟ ବିଶିଷ୍ଟ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବର ୧ ଓ ୨ ତାରିଖରେ ଅନ୍‌ଲାଇନ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିବା ବେଳେ ସେପ୍ଟେମ୍ବର ୫ ତାରିଖରେ ଅଫ୍‌ଲାଇନ୍ ଫାଇନାଲ୍ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା।

ଅନ୍‌ଲାଇନ୍ ପର୍ଯ୍ୟାୟରେ ସ୍କ୍ରିନିଂ ଓ ବହୁସ୍ତରୀୟ ମୂଲ୍ୟାୟନ ପରେ ଶ୍ରେଷ୍ଠ ୫୦ଟି ଦଳକୁ ଅଫ୍‌ଲାଇନ୍ ଫାଇନାଲ୍ ନିମନ୍ତେ ମନୋନୀତ କରାଯାଇଥିଲା। ଏହି ଦଳଗୁଡ଼ିକ ସେମାନଙ୍କର ଅଭିନବ ଚିନ୍ତାଧାରାକୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସଆଇଏଚ୍) ୨୦୨୬ ଚୟନ ପ୍ରକ୍ରିୟାରେ ବିଚାର ପାଇଁ ଦାଖଲ କରିବାର ସୁଯୋଗ ପାଇବେ।

ଏହି କାର୍ଯ୍ୟକ୍ରମ ସୋଆର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବସୃଜନ, ସମସ୍ୟା ସମାଧାନ ଏବଂ ବୈଷୟିକ ଉତ୍କର୍ଷତାର ସଂସ୍କୃତିକୁ ସୁଦୃଢ଼ କରିବା ପ୍ରତି ସୋଆର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି।

ଅଫ୍‌ଲାଇନ୍ ଫାଇନାଲରେ ମନୋନୀତ ୫୦ଟି ଦଳ ସେମାନଙ୍କର ଅଭିନବ ଚିନ୍ତାଧାରା ଓ ପ୍ରୋଟୋଟାଇପ୍‌ଗୁଡ଼ିକୁ ଏକ ଅଭିଜ୍ଞ ବିଚାରକ ମଣ୍ଡଳୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବିଚାରକ ମଣ୍ଡଳୀଙ୍କ ମଧ୍ୟରେ ୱିପ୍ରୋ, ଟିସିଏସ୍, ଏଆଇସି-ସୋଆ ଫାଉଣ୍ଡେସନ୍, ଦୂରସଞ୍ଚାର ବିଭାଗ ଏବଂ ଇନ୍‌ଫୋସିସ୍ ସମେତ ବିଭିନ୍ନ ସଂସ୍ଥାର ଶିଳ୍ପ ବିଶେଷଜ୍ଞ ଓ ପେସାଦାର ବ୍ୟକ୍ତିମାନେ ସାମିଲ ଥିଲେ।

ବିଚାରକ ମଣ୍ଡଳୀଙ୍କ ସାମଗ୍ରିକ ମୂଲ୍ୟାୟନ ପରେ ଶ୍ରେଷ୍ଠ ୧୦ଟି ଦଳକୁ ସୋଆ ଆଇଡିଆଥନ୍ ୨୦୨୬ରେ ବିଜେତା ଘୋଷଣା କରାଯାଇଥିଲା।

ଅଭିନବ ଚିନ୍ତାଧାରା ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଜେତ ଦଳଗୁଡ଼ିକୁ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ ହଜାର ଟଙ୍କା, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇଥିବା ଦଳକୁ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କାର ପ୍ରଦାନ କରାଯାଇଥିଲା। ଚତୁର୍ଥରୁ ଦଶମ ସ୍ଥାନ ହାସଲ କରିଥିବା ପ୍ରତ୍ୟେକ ଦଳକୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା।

# ଅସ୍ତରଙ୍ଗରେ ଗାଁକୁ ଗାଁ ମାଡ଼ି ଚାଲିଛି 'ଲମ୍ପି ଭାଇରସ'

### ଔଷଧ ନାହିଁ, ଆଣ୍ଟିବାୟୋଟିକ ଭରସାରେ ଚିକିତ୍ସା

### ଟଙ୍କା ଭଳି ଫଳୁଛି, ଗଣ୍ଠି, ଗୋଡ ଫୁଲି ଖଣ୍ଡିଆ

### ଜ୍ୱର ସହ କ୍ଷୀର କମିଯାଉଛି



କାକଟପୁର/ଅସ୍ତରଙ୍ଗ,୭।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏବେ ଲମ୍ପି ସ୍କିନ ଡିଜିଜ ବା ଚର୍ମ ବିଣ୍ଡି ରୋଗ ଭୟଙ୍କର ରୂପ ନେଇଛି।ବ୍ଲକ ଅଧୀନ ଅସ୍ତରଙ୍ଗ, ଆଳସାହି, ନଗର, ତାଳଦା, ଶିଶୁଅ ପଞ୍ଚାୟତର ପ୍ରତି ଗାଁରେ ଏବେ ଗାଈ ଗୋରୁଙ୍କ ଆର୍ତ୍ତନାଦ ଶୁଭୁଛି। ଶହ ଶହ ଗାଈ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି। ଶରୀର ସାରା ଟଙ୍କା ଆକାରର ଗୋଲ ଗୋଲ ମାଂସଳ ଗଣ୍ଠି ଫଳି ଉଠିଛି, ପାଟିରୁ ଲାଳ ବୋହୁଛି, ଆଖି ନାକରୁ ପାଣି ବାହାରୁଛି, ପ୍ରବଳ ଜ୍ୱର ଏବଂ ଗୋଡ ଫୁଲି ଖଣ୍ଡିଆ ହୋଇ ଫାଟି ଯାଉଛି। କ୍ଷୀର ଦେଉଥିବା ଗାଈର କ୍ଷୀର ପୁରା ଶୁଖି ଯାଉଛି, ଓଜନ କମି ଯାଉଛି, ଗର୍ଭିଣୀ ଗାଈଙ୍କ ଗର୍ଭପାତ ହେଉଛି। ଗୋଟିଏ ଗାଈ ପଛରେ ଚାଷୀ ମାସକୁ ଦଶରୁ ପନ୍ଦର ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତି ସହୁଛି। ଚାଷୀ କାନ୍ଦୁଛି ହେଲେ ବିଭାଗ ନିରବ।

ଏହି ରୋଗର ସବୁଠୁ କରୁଣ ଚିତ୍ର ସାମ୍ନାକୁ ଆସିଛି ଅସ୍ତରଙ୍ଗ ଅଞ୍ଚଳର ଗୋପାଳକ ଅଜୟ ବେହେରାଙ୍କ ଘରୁ। ଅଜୟ ବେହେରା କହିଛନ୍ତି, "ଛୋଟ ଛୋଟ ବାଛୁରୀକୁ ଆଗ ଧରୁଛି। ଗାଈଙ୍କ ଦେହ ସବୁବେଳେ ଜ୍ୱର ଲାଗି ରହୁଛି। କ୍ଷୀର କମି ଯାଉଛି। ଡାକ୍ତର ସଠିକ କହି ପାରୁ ନାହାନ୍ତି। ଆଣ୍ଟିବାୟୋଟିକ ଦେବାକୁ କହୁଛନ୍ତି। ଲକ୍ଷଣ ଟଙ୍କା ଭଳି ଫଳି ଯାଉଛି, ଗୋଡ ଘା ହୋଇ ଖଣ୍ଡିଆ ହୋଇ ଯାଉଛି। ମୋର ଦୁଇରୁ ଚାରିଟି ବାଛୁରୀ ମରି ଗଲାଣି। ଦୁଇଟି ବାଛୁରୀ ବର୍ତ୍ତମାନ ପୀଡିତ ଅଛନ୍ତି।" ତାଙ୍କ ଭଳି ଅଞ୍ଚଳର ପ୍ରାୟ ପ୍ରତି ଗୋପାଳକ ସକାଳୁ ସଞ୍ଜ ପ୍ରାଣୀ ଡାକ୍ତରଖାନା ଦୌଡୁଛନ୍ତି ହେଲେ ଫଳ ଶୂନ। କେବଳ ଆଣ୍ଟିବାୟୋଟିକ ଇଞ୍ଜେକସନ ଦେଇ କର୍ମଚାରୀ ଫେରି ଯାଉଛନ୍ତି।

ଏହା କ୍ୟାପ୍ରିପକ୍ସ ଭୂତାଣୁ ଜନିତ ଭାଇରାଲ ରୋଗ। ବର୍ଷା ଦିନେ ମଶା, ମାଛି, ଉକୁଣୀ, ଟିଙ୍କ ଭଳି ରକ୍ତ ଶୋଷକ କୀଟଙ୍କ କାମୁଡା ଦ୍ୱାରା ଗୋଟେ ଗାଈରୁ ଅନ୍ୟ ଗାଈକୁ ବ୍ୟାପୁଛି। ଏହା ଛଡା ରୋଗୀ ଗାଈର ଲାଳ, ନାକ ପାଣି, କ୍ଷତର ପୂଜ ଏବଂ ଏକା ଗୁହାଳ, ଏକା ପାଣି କୁଣ୍ଡରୁ ମଧ୍ୟ ଡେଇଁଥାଏ। ଭଲ କଥା ହେଉଛି ଏହା ମଣିଷକୁ ବ୍ୟାପେ ନାହିଁ। କ୍ଷୀର ଫୁଟାଇ ପିଇ ହେବ। ହେଲେ ଗାଈଙ୍କ ପାଇଁ ଏହା କାଳ।

ଏ ସମ୍ପର୍କରେ ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଶୁଭଶ୍ରୀ ପ୍ରଧାନ କହିଛନ୍ତି, "ଲମ୍ପି ଏକ ଭାଇରାଲ ଡିଜିଜ। ଗାଈ, ଗୋରୁ ଦେହରେ ଏହା ଫଳିଯାଏ। ଜ୍ୱର ହୁଏ, ଗୋଡ ଫୁଲେ, ଖଣ୍ଡିଆ ହୋଇ ଫାଟେ। ଚିକିତ୍ସାରେ ଆଣ୍ଟିବାୟୋଟିକ ପାଞ୍ଚରୁ ସାତ ଦିନ ଦେବାକୁ ପଡିବ।" ଅର୍ଥାତ ଏହାର ନିର୍ଦ୍ଦିଷ୍ଟ ଔଷଧ ନାହିଁ, କେବଳ ଲକ୍ଷଣ ଅନୁଯାୟୀ ଚିକିତ୍ସା।

ହେଲେ ବଡ ପ୍ରଶ୍ନ ହେଉଛି ସରକାରୀ ଉଦାସୀନତା। ସାରା ଦେଶରେ ଗୋଟ ପକ୍ସ ଟୀକାକୁ ଲମ୍ପି ପ୍ରତିଷେଧକ ଭାବେ ବ୍ୟବହାର କରାଯାଉଛି, ହେଲେ ଅସ୍ତରଙ୍ଗ ବ୍ଲକରେ ବ୍ୟାପକ ଟୀକାକରଣ ଆରମ୍ଭ ହୋଇ ନାହିଁ।

ଓଡ଼ିଶାରେ ବିକାଶର ନୂଆ ଅଧ୍ୟାୟ

# ସହରାଞ୍ଚଳ ବିକାଶଠାରୁ କୃଷକ କଲ୍ୟାଣ, ଭିତ୍ତିଭୂମି



## ସପ୍ତାହକର ସଫଳତା ଶେୟାର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଗତ ସପ୍ତାହରେ ଓଡ଼ିଶାରେ ବିକାଶ, ଭିତ୍ତିଭୂମି, କୃଷି, ଶିକ୍ଷା, ପରିବେଶ ଓ ଜନକଲ୍ୟାଣ କ୍ଷେତ୍ରରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସହରାଞ୍ଚଳ ବିକାଶଠାରୁ ଆରମ୍ଭ କରି ଉପକୂଳ ସୁରକ୍ଷା, ଶିଳ୍ପାୟନ ଓ କୃଷକଙ୍କ ଆର୍ଥିକ ସହାୟତା ପର୍ଯ୍ୟନ୍ତ ବିଭିନ୍ନ ଘୋଷଣା ରାଜ୍ୟର ବିକାଶ ପ୍ରକ୍ରିୟାକୁ ଗତିଶୀଳ କରିଛି। ଏ ସମ୍ପର୍କରେ ଏକ ଭିଡିଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନିଜ ସୋସିଆଲ ମିଡ଼ିଆ 'ଏକ୍ସ'ରେ ସେୟାର କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ୬ଟି ସହର ଓ ପୌରାଞ୍ଚଳରେ ୩୨ଟି ବିକାଶ ପ୍ରକଳ୍ପ, ପ୍ରାୟ ୩୨୧ କୋଟି ଟଙ୍କା ବ୍ୟୟରେ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ସହରାଞ୍ଚଳର ଭିତ୍ତିଭୂମି ଓ ନାଗରିକ ସୁବିଧାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି। ସେହିଭଳି ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ୫୯.୦୨ ଲକ୍ଷ ଟଙ୍କାର ସହାୟତା ମିଳିଛି। ଏହି ଅର୍ଥ ଜୈବ ବିବିଧତା ସଂରକ୍ଷଣ ଓ ସ୍ଥାନୀୟ ସମୁଦାୟଙ୍କ ହିତରେ ବ୍ୟବହାର ହେବ। ଓଡ଼ିଶାର ୫୭୩ କିମି ଦୀର୍ଘ ଉପକୂଳ ଅଞ୍ଚଳର ସହନଶୀଳତା ବଢ଼ାଇବା ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହା ସହ ରାଜ୍ୟର ବିପର୍ଯ୍ୟୟ ପରିଚାଳନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଓଏସଡିଏମ୍, ୟୁଏନଡିପି ଓ ଭିଭିକ ଗାର୍ଗ ଲାଲ୍ ମଧ୍ୟରେ ସହଯୋଗିତା ହୋଇଛି। ତଥ୍ୟ ଓ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହାର ଲକ୍ଷ୍ୟ। ଭିତ୍ତିଭୂମି ବିକାଶରେ ମଧ୍ୟ ବଡ଼ ପଦକ୍ଷେପ ନିଆଯାଇଛି। ୮,୩୦୦.୭୯ କୋଟି ଟଙ୍କାର ଉଚ୍ଚକ୍ଷମ ରାଜପଥ ପ୍ରକଳ୍ପ ୧୬୦ କିମି ବାମେଶ୍ୱର- ପାରାଦୀପ କରିଡର ପାଇଁ ୧୭ଟି ବିଡ୍ ମିଳିଥିବା ସୂଚନା ଦିଆଯାଇଛି। ଯାତାୟାତ ନିୟମ ଉଲ୍ଲଂଘନ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ଅଶୁଦ୍ଧ କରିବା ଭଳି ପଦକ୍ଷେପ ମଧ୍ୟ ଆସିଛି। ପ୍ରଥମ ନିୟମ ଉଲ୍ଲଂଘନରେ ସର୍ବାଧିକ ଜରିମାନା ୧୦ ହଜାର ଟଙ୍କାରୁ ୩ ହଜାର କରାଯାଇଛି ବୋଲି ସେ କହିଛନ୍ତି।

ସେହିପରି ୭୭୫ ଜଣ ବରିଷ୍ଠ ନାଗରିକଙ୍କୁ ଅଯୋଧ୍ୟା ଓ ବାରାଣସୀ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ସବସିଡିଯୁକ୍ତ ତୀର୍ଥଯାତ୍ରାର ସୁବିଧା ମିଳିଛି। ଶିଳ୍ପାୟନକୁ ଗତି ଦେବା ପାଇଁ ୩୭ଟି ଇକ୍ୱିଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ଏହା ଶିଳ୍ପ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ। ସେହିଭଳି କୃଷକଙ୍କ ପାଇଁ ମଧ୍ୟ ଆସିଛି ବଡ଼ ଆର୍ଥିକ ସହାୟତା। ୪୧ ଲକ୍ଷରୁ ଅଧିକ କୃଷକଙ୍କୁ ୮୩୩ କୋଟି ଟଙ୍କାର ସିଏମ-କିଷାନ କିସ୍ତି ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଦୁର୍ଘଟଣାରେ ମୃତ୍ୟୁବରଣ କିମ୍ବା ସ୍ଥାୟୀ ଭାବେ ଦିବ୍ୟାଙ୍ଗ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି। ଏଥିସହ ଯୋଗ୍ୟ ମେଧାବୀ ଏସସି/ ଏସଟି ଛାତ୍ରଛାତ୍ରୀଙ୍କୁ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜର ଫି' ୬ ମାସ ପର୍ଯ୍ୟନ୍ତ ପରେ ଦେବାର ସୁଯୋଗ ମିଳିବ ବୋଲି ସେ କହିଛନ୍ତି।

● ନନ୍ଦନକାନନରେ ନୂଆ ଅତିଥି

## ୨ ଶାବକଙ୍କୁ ଜନ୍ମ ଦେଲା ସିଂହୀ ମାୟା



ବାରଙ୍ଗ,୭।୯(ସଂଚାର ବ୍ୟୁରୋ): ନନ୍ଦନକାନନରେ ନୂଆ ଅତିଥି। ମା' ହେଲା ସିଂହୀ ମାୟା। ପ୍ରଥମ ଶାବକ ଗତକାଲି ରାତି ପ୍ରାୟ ୨ଟା ୪୧ରେ ଜନ୍ମ ହୋଇଥିଲା। ସେହିପରି ଦ୍ୱିତୀୟ ଶାବକଟି ଭୋର୍ ୫ଟା ୪୯ ସମୟରେ ଜନ୍ମ ହୋଇଥିଲା। ପ୍ରଥମ ଶାବକ ମୃତ ଜନ୍ମ ହୋଇଥିବା ବେଳେ ଅନ୍ୟଟି ସୁସ୍ଥ ରହିଛି। ଉଭୟ ମା' ଓ ଶାବକକୁ ନନ୍ଦନକାନନର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ନିରୀକ୍ଷଣରେ ରଖାଯାଇଛି। ତେବେ ସିଂହୀ ଛୁଆକୁ ଗ୍ରହଣ କରିନାହିଁ। ଫଳରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଶାବକଟିକୁ ନନ୍ଦନକାନନର ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ସେଠାରେ ଶାବକକୁ କ୍ଷୀର ଦିଆଯାଇ ତାପମାତ୍ରା ନିୟନ୍ତ୍ରଣ କୋଠରୀ ମଧ୍ୟରେ ରଖାଯାଇଛି। ଏଥିସହ ଉଭୟ ମା' ଓ ଶାବକକୁ ସିସିଟିଭି ମାଧ୍ୟମରେ ତା'ର ସମସ୍ତ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି। ସିଂହୀ ମାୟା ସୁସ୍ଥ ଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଉଛନ୍ତି। ଏଥିସହ ବର୍ତ୍ତମାନ ନନ୍ଦନକାନନରେ ସିଂହ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି।

ଜିଏମ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନରେ ସାଂସଦଙ୍କ ଉଦ୍‌ବୋଧନ

# ବିଶ୍ୱବିଦ୍ୟାଳୟ 'ସମାବେଶୀ ସମାଜଦର୍ଶନର ଅନନ୍ୟ ପ୍ରୟୋଗଶାଳା'



## ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯୁବପିଢ଼ି ଗୁରୁ ଦାୟିତ୍ୱ ନିଅନ୍ତୁ

ସମ୍ବଲପୁର,୭।୯(ସଂଚାର ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମାବେଶୀ ସମାଜ ଦର୍ଶନର ଅନନ୍ୟ ପ୍ରୟୋଗଶାଳା। ଏହି ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେଉଥିବା ଏକ ଶିକ୍ଷାନୁଷ୍ଠାନ ନୁହେଁ, ଏହା ଏପରି ଏକ କେନ୍ଦ୍ର ଯେଉଁଠାରେ ଶିକ୍ଷା ଗ୍ରହଣ କରି ବିଦ୍ୟାର୍ଥୀମାନେ ସମାଜର ସବୁ ବର୍ଗର ଲୋକଙ୍କୁ ସାଙ୍ଗରେ ନେଇ ଚାଲିବା ଓ ସେବା କରିବାର ସଂସ୍କାର ଶିଖିଥାନ୍ତି। ଆଜି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଏପରି କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି, ସମାବର୍ତ୍ତନ ଉତ୍ସବର ମୂଳ ଉଦ୍ଦେଶ୍ୟ କେବଳ ନିଜ ପରିବାର ମଧ୍ୟରେ ସୀମିତ ରହିବା ନୁହେଁ, ବରଂ ଦେଶ ଓ ଜାତି ପାଇଁ ଗୌରବ ଆଣିବା। ଜିଏମ୍‌ର ନିଜର ସମାବେଶୀ ସମାଜ ଦର୍ଶନ ବଳରେ ବିଶ୍ୱବିଦ୍ୟାଳୟ ଭାବେ ଆଗକୁ ବଢ଼ିବା ଏହାର ନିୟତିରେ ଲିଖିତ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ପ୍ରସ୍ତର ଯୁଗର ପ୍ରମାଣ ମିଳୁଛି। ବିଶ୍ୱବିଦ୍ୟାଳୟ ନିଜ ନେତୃତ୍ୱରେ ଅସୁରଗଡ଼ରେ ପ୍ରାଚୀନ ସଭ୍ୟତା ଓ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ଆବିର୍ଭାବ ସମ୍ପର୍କିତ ବୌଦ୍ଧ ଉପାସନା ପଦ୍ଧତିର ପ୍ରମାଣ ଉନ୍ମୋଚନ କରୁଛି। ଗୋଟିଏ ସମୟରେ ଆମେ ଗୁରୁଙ୍କଠାରୁ ଜ୍ଞାନ ପାଉଥିଲେ, କିନ୍ତୁ ଆଜି ଇଣ୍ଟରନେଟ୍, ଏଆଇ ଓ ଚାଟଜିପିଟି ଜ୍ଞାନ ଦେଉଛି। ଏପରି ସମୟରେ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ; ଜ୍ଞାନ ସହ କୌଶଳ ମିଶିଲେ ହିଁ ପ୍ରକୃତ ଦକ୍ଷତା ବାହାରିଥାଏ। 'ସେଣ୍ଟର ଅଫ୍ ଏକ୍ସେଲେନ୍ସ ଇନ୍ ପବ୍ଲିକ୍ ପଲିସି' ଆଗାମୀ ଦିନରେ ଆମ ଅଞ୍ଚଳ, ରାଜ୍ୟ, ଦେଶ ଓ ମାନବସମାଜର ଭବିଷ୍ୟତ ଆବଶ୍ୟକତାକୁ ନେଇ ନୀତିଗତ ଗବେଷଣା କରିବ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜି ବିଶ୍ୱବ୍ୟାପୀ ମାନସିକ ସ୍ୱାସ୍ଥ୍ୟ, ରୋଜଗାର ଓ ମୂଲ୍ୟବୋଧ ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି। ସମାଜର ଗରିବ ଓ କଷ୍ଟରେ ଥିବା ଲୋକଙ୍କ କଥା ଭାବିବା ହିଁ ପ୍ରକୃତ ବିଦ୍ୟାର୍ଥୀର ଲକ୍ଷ୍ୟ। ଆଜି ଡିଗ୍ରୀ ଓ ପଦକ ନେଉଥିବା ଛାତ୍ରଛାତ୍ରୀମାନେ ନିଜର ଦାୟିତ୍ୱବୋଧ ବଳରେ ଏହି ଅଞ୍ଚଳକୁ ବିକାଶର ନୂଆ ଉଚ୍ଚତାକୁ ନେବେ ବୋଲି ଶ୍ରୀ ପ୍ରଧାନ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସମାରୋହରେ ଯୋଗଦେଇଥିଲେ।

# ଭିଜିଲାନ୍ସ ଜାଲରେ ଆରଆଇ ଓ ଏଆରଆଇ

● ୩୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ




ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ଜମି ମ୍ୟୁଟେସନ ପାଇଁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଆରଆଇ ଓ ଏଆରଆଇ। ପିପିଲି ତହସିଲ ଅଧୀନସ୍ଥ ସିଉଲା ଆରଆଇ ସର୍କଲର ଆରଆଇ କଲ୍ୟାଣୀ ଜେନା ଓ ଏଆରଆଇ ପୂର୍ଣ୍ଣଚନ୍ଦ୍ର ବେହେରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜମି ମ୍ୟୁଟେସନ ପାଇଁ ସେମାନେ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଆବେଦନକାରୀ ଚାଷ ଜମିର ଘରବାରି କିସମ ପରିବର୍ତ୍ତନ ପାଇଁ ଅନ୍‌ଲାଇନ ଆବେଦନ କରିଥିଲେ। ଆବେଦନର ଅଗ୍ରଗତି ସମ୍ପର୍କରେ ସେ ଉଭୟ ଆରଆଇ ଓ ଏଆରଆଇଙ୍କୁ ଭେଟିଥିଲେ। ଜମି ମ୍ୟୁଟେସନ ପାଇଁ ସେମାନେ ୩୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ ଆବେଦନକାରୀ ୩୫ ହଜାର ଟଙ୍କା ଆରଆଇ ଓ ଏଆରଆଇଙ୍କୁ ଦେବା ବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଉଭୟଙ୍କୁ କାବୁ କରିନେଇଥିଲା। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଆର୍‌ଆଇ ଶ୍ରୀମତୀ ଜେନାଙ୍କ ବ୍ରହ୍ମକୁମୁଡ଼, ଅଚ୍ୟୁତପୁର, ଭୁବନେଶ୍ୱରର ରସୁଲଗଡ଼ ଘର ଉପରେ ଏକକାଳୀନ ଚଢ଼ାଉ ଜାରି ରହିଛି।

● ପାରିବାରିକ କଳହର କରୁଣ ପରିଣତି

## ସ୍ତ୍ରୀକୁ ଗୁଳି କରି ହତ୍ୟା କଲା ସ୍ୱାମୀ

ସମ୍ବଲପୁର,୭।୯(ସଂଚାର ବ୍ୟୁରୋ): ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀକୁ ଗୁଳିକରି ହତ୍ୟା କଲା ସ୍ୱାମୀ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନସ୍ଥ ଘୋଷରମାଳ ପଞ୍ଚାୟତ ଅନ୍ତର୍ଗତ ଲାଣ୍ଡିମାଲ ଗାଁରେ ଏଭଳି ଘଟଣା ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ଅମ୍ବିକା ମିର୍ଦ୍ଧା। ଘୋଷରମାଳ ପଞ୍ଚାୟତ ଅନ୍ତର୍ଗତ ଲାଣ୍ଡିମାଲ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଅମ୍ବିକା ମିର୍ଦ୍ଧା ଓ ସ୍ୱାମୀ ଚରଣ ମିର୍ଦ୍ଧାଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏଥିରେ ଚରଣ ଉତକ୍ଷିପ୍ତ ହୋଇ ସ୍ତ୍ରୀ ଅମ୍ବିକାଙ୍କୁ ଗୁଳି କରିଥିଲେ। ଅମ୍ବିକାଙ୍କ ଛାତି ଓ ହାତରେ ଗୁଳି ବାଜିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଅମ୍ବିକାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଚରଣଙ୍କୁ ଗିରଫ କରିଛି।

● ରାୟଗଡ଼ାରେ ପୁଣି ଛାତ୍ରାବାସରେ ର୍ୟାଗିଂ

## ଜୁନିୟରଙ୍କୁ ସିନିୟର୍ ଛାତ୍ରଙ୍କ ମାଡ଼

ରାୟଗଡ଼ା,୭।୯(ସଂଚାର ବ୍ୟୁରୋ): ରାୟଗଡ଼ାରେ ପୁଣି ଛାତ୍ରାବାସରେ ର୍ୟାଗିଂ। ଜଣେ ଜୁନିୟର ଛାତ୍ରଙ୍କୁ ସିନିୟର୍ ଛାତ୍ର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲ୍ଲା ପେଣ୍ଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା। ଭିଡିଓ ଭାଇରାଲ ହେବା ପରେ ଛାତ୍ରଙ୍କ ପରିବାରକୁ ସ୍ଥାନୀୟ ଲୋକେ ଜଣାଇଛନ୍ତି। ଭିଡିଓରେ ଛାତ୍ରାବାସରେ ରହୁଥିବା ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ର ନିସ୍ତୁକ ମାଡ଼ ମାରିଥିବା ଦେଖିବାକୁ ମିଳିଛି। ଉକ୍ତ ଛାତ୍ରକୁ ମାଡ଼ ମାରିବା ସହ ଲୁଗା, ବାସନ ସଫା କରାଇବା ସହ ଦେହରୁ ପୋଷାକ ବାହାରକରି ନିର୍ଯାତନା ଦେଉଥିବା ଗୁରୁତର ଅଭିଯୋଗ ହୋଇଛି। ପୀଡ଼ିତ ଛାତ୍ରଙ୍କ ବାମ ହାତରେ ଆଘାତ ଲାଗିଥିବା ଜଣାପଡିଛି। ଘଟଣାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାପିଦେବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ନିର୍ଯାତନାର ଶିକାର ହୋଇଥିବା ଛାତ୍ରର ପରିବାରକୁ ଜଣାଇଛନ୍ତି। ଅନ୍ୟପଟେ ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲରେ ଏଭଳି ଗୋଟିଏ ପରେ ଗୋଟିଏ ଘଟଣା ସାମ୍ନାକୁ ଆସୁଥିବାରୁ ଛାତ୍ରଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍

## ଦ୍ରୁତଗାମୀ କାର୍ ଧକ୍କାରେ ଯୁବକ ଗୁରୁତର

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ ମାମଲା ସାମ୍ନାକୁ ଆସିଛି। ରାସ୍ତା ପାର୍ ହେବା ସମୟରେ ଧକ୍କା ଦେଲା ଦ୍ରୁତଗାମୀ କାର୍। ସ୍ଥାନୀୟ ବରମୁଣ୍ଡା କାଳୀ ମନ୍ଦିର ନିକଟରେ ଘଟିଛି ଏହି ଦୁର୍ଘଟଣା। ଏଥିରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ମିଳିଥିବା ସୂଚନାନୁସାରେ, ଯୁବକ ଜଣଙ୍କ ରାସ୍ତା ପାର୍ ହେଉଥିବା ସମୟରେ ହଠାତ୍ ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ଦାର ଥିଲା ଯେ ଯୁବକ ଜଣଙ୍କ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣାରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ୍‌କୁ ପଠାଇଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ଅବସ୍ଥା ଗୁରୁତର ଥିଲା। ଦୁର୍ଘଟଣା ଘଟାଇଥିବା କାର୍ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି। ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରାଯାଉଛି।





ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୧.୩୦ କୋଟି ଟଙ୍କାର ଚେକ୍ ଭାରତୀୟ ଷ୍ଟେଟ ବ୍ୟାଙ୍କର ସିଜିଏମ୍ ରାକେଶ କୁମାର ଯାଦବ ପ୍ରଦାନ କରୁଛନ୍ତି।

ଆଉ ବଢ଼ିବନି ଅବଧି

# ଚଳିତ ବର୍ଷ ଧାନ ବିକ୍ରି ପାଇଁ ରେକର୍ଡ ପଞ୍ଜୀକରଣ

ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଚଳିତ ବର୍ଷ ଧାନ ବିକ୍ରି ପାଇଁ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତକାଲି ସୁଦ୍ଧା ରାଜ୍ୟରେ ୨୧.୪୨ ଲକ୍ଷ ଚାଷୀ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଧାନ ବିକ୍ରି ପାଇଁ ୧୯ ଲକ୍ଷରୁ ଅଧିକ ଚାଷୀ ଗତବର୍ଷ ପଞ୍ଜୀକରଣ କରିଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ବେଶ୍ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି, ଯାହାକୁ ଧାନ ବିକ୍ରି ପାଇଁ ରେକର୍ଡସଂଖ୍ୟକ ପଞ୍ଜୀକରଣ ହୋଇଛି ବୋଲି କୁହାଯାଉଛି। ଚାଷୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଧାନ ବିକ୍ରି ପାଇଁ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଥିଲେ ସରକାର। ବର୍ଦ୍ଧିତ ସମୟ ମଧ୍ୟରେ ମଧ୍ୟ ଅନେକ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ଏବେ ପଞ୍ଜୀକରଣର ଅବଧି ଆଉ ବୃଦ୍ଧି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଯାହା ଫଳରେ ପଞ୍ଜୀକରଣ ପ୍ରକ୍ରିୟା ଏବେ ଶେଷ ହୋଇଛି। ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଥିବାରୁ ଧାନକିଣା ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ସରକାରଙ୍କ ପାଇଁ ଏବେ ଗୁରୁତ୍ୱପୂର୍ଣ୍ଣ ହେବ।

● ଜନଅଭିଯୋଗ ଶୁଣାଣିରେ ଅଭାବନୀୟ ଦୃଶ୍ୟ

## ବିଷ ବୋତଲ ଧରି ବସିଲେ ପରିବାର



ରାୟଗଡ଼ା,୭।୯(ସଂଚାର ବ୍ୟୁରୋ): ଜନ ଅଭିଯୋଗ ଶୁଣାଣି ଶିବିର ଆଗରେ ବିଷ ବୋତଲ ଧରି ବସିଲେ ପରିବାର। ଜମିବାଡ଼ି ଘଟଣାକୁ ନେଇ ପରିବାରକୁ ନିର୍ଯାତନା ଅଭିଯୋଗରେ ଏହି ପଦକ୍ଷେପ ନେଇଛନ୍ତି ପରିବାର। ବାରମ୍ବାର ପୁଲିସ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏଥିଯୋଗୁଁ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ କୀଟନାଶକ ଔଷଧ ଧରି ସପରିବାର ଆତ୍ମହତ୍ୟା କରିବା ସକାଶେ ଚେତାବନୀ ଦେଇଛନ୍ତି। ରାୟଗଡ଼ା ତହସିଲ ଅଧୀନସ୍ଥ ରାମଚନ୍ଦ୍ରପୁର ଅଞ୍ଚଳର ମହିଳା ୟେଦଲା ଲକ୍ଷ୍ମୀ ଦୀର୍ଘ ବର୍ଷ ହେବ ସରକାରୀ ଜମିରେ ଚାଷ କରିଆସୁଥିଲେ। କିନ୍ତୁ କିଛି କୁଚକ୍ରୀ ଗୋଷ୍ଠୀ ଉକ୍ତ ଜମିକୁ ଅକ୍ତିଆର କରି ସେଠାରେ ପ୍ଲଟିଂ ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କ ପରିବାର ସହ ଜମିବାଡ଼ି ଘଟଣାକୁ ନେଇ କିଛି ଦୁର୍ବୃତ୍ତ ନିର୍ଯାତନା ଦେଉଥିବା ତାଙ୍କ ସ୍ୱାମୀ ୟେଦଲା ଗଙ୍ଗୁଲୁ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଏହି ପରିବାର ରାସ୍ତା ବାହାରେ କୀଟନାଶକ ଔଷଧ ଧରି ବସିଥିଲେ। ସେପଟେ ଘଟଣା ସଂକ୍ରାନ୍ତରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଜାଣିବାକୁ ପାଇ ଉପଜିଲ୍ଲାପାଳଙ୍କୁ ଘଟଣାସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ପରିବାରକୁ ବୁଝାସୁଝା କରିବା ସହ ସେମାନଙ୍କଠାରୁ କୀଟନାଶକ ଔଷଧ ଜବତ କରିଥିଲେ। ଖୁବ୍‌ଶୀଘ୍ର ପରିବାରକୁ ନ୍ୟାୟ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଭୁବନେଶ୍ୱର ଡେଲଟା ଛକରେ ଅଘଟଣ

# ଭୁଶୁଡ଼ିଲା ନିର୍ମାଣାଧୀନ ଲୁହା ଢାଞ୍ଚା



ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଡେଲଟା ଛକରେ ଅଘଟଣ। ଭୁଶୁଡ଼ିଲା ନିର୍ମାଣାଧୀନ ଲୁହା ଢାଞ୍ଚା। ଦିଲ୍ଲୀର ସତ୍ୟ ନିକେତନ ପିଜି ଟ୍ରାଜେଡି ପରେ ଭୁବନେଶ୍ୱରରୁ ଆସିଛି ଆଉ ଏକ କୋଠା ଭୁଶୁଡ଼ିବାର ଖବର। ରାଜଧାନୀର ଡେଲଟା ଛକ ନିକଟରେ ଏକ ନିର୍ମାଣାଧୀନ ଲୁହା ଢାଞ୍ଚା ଭୁଶୁଡ଼ି ପଡ଼ିଥିବା ସୂଚନା ମିଳିଛି। ଗତକାଲି ରାତିରେ ଘଟଣା ଘଟିଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାତିରେ ହଠାତ୍ ବଡ଼ ଶବ୍ଦ ଶୁଣିବାକୁ ମିଳିଥିଲା। ପରେ ନିର୍ମାଣାଧୀନ ଲୁହା ଢାଞ୍ଚା ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଥିଲା। ଏହି ଢାଞ୍ଚା କିପରି ଭୁଶୁଡ଼ିଲା, ଘଟଣା ସମୟରେ ସେଠାରେ କେତେ ଜଣ ଶ୍ରମିକ ଥିଲେ ଓ କେହି ଆହତ ହୋଇଛନ୍ତି କି ନାହିଁ ସେ ସମ୍ପର୍କରେ ସବିଶେଷ ତଥ୍ୟ ଅପେକ୍ଷା କରାଯାଉଛି। ଘଟଣାଟି କେଉଁ ପ୍ରକଳ୍ପରେ ଘଟିଛି, ନିର୍ମାଣ କାମ କେଉଁ ସଂସ୍ଥା କରୁଥିଲା ଓ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ଅନୁମତି ନିଆଯାଇଥିଲା କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ।

ଏତେ ବଡ଼ ଲୁହା ଢାଞ୍ଚା କିପରି ଭୁଶୁଡ଼ିଲା ? ଏହାର ଡିଜାଇନ୍ କିମ୍ବା ନିର୍ମାଣରେ କୌଣସି ତ୍ରୁଟି ଥିଲା କି? ନିର୍ମାଣସ୍ଥଳରେ ଆବଶ୍ୟକ ସୁରକ୍ଷା ନିୟମ ପାଳନ ହେଉଥିଲା କି? ଶ୍ରମିକଙ୍କ ସୁରକ୍ଷା ପାଇଁ କ'ଣ ବ୍ୟବସ୍ଥା ଥିଲା ? ଏସବୁ ଦିଗ ଏବେ ଯାଞ୍ଚର ବିଷୟ। ଦିଲ୍ଲୀର ସତ୍ୟ ନିକେତନ ଘଟଣାକୁ ନେଇ ବିଲ୍ଡିଂ ସୁରକ୍ଷା ଉପରେ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ଭୁବନେଶ୍ୱରର ଏହି ଘଟଣା ରାଜଧାନୀର ନିର୍ମାଣସ୍ଥଳଗୁଡ଼ିକରେ ସୁରକ୍ଷା ନିୟମ ପାଳନକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।

ଶିରିଝୋଲି ହତ୍ୟାକାଣ୍ଡ ମାମଲାରେ ଆସିଲା ରାୟ

## ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ



ଗୁଣପୁର,୭।୯(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ଗୁଣପୁର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସିଗିପୁରାପରମ ବୁଡୁଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ତଦନ୍ତ ଅଧିକାରୀ ଭାବେ ଆଇଆଇସି କଳ୍ପନା ବେହେରା ଓ ଉତ୍ତମ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଈଶ୍ୱର ଚନ୍ଦ୍ର ଗମାଙ୍ଗ ମାମଲା ପରିଚାଳନା କରିଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଷ୍ଟେଟ୍ ଡିଫେନ୍ସ ଭାବେ ପ୍ରବୀଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ। ବିଚାରଣା ସମୟରେ ସରକାରଙ୍କ ପକ୍ଷରୁ ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଜୁଲାଇ ୨୧ ତାରିଖ ମଧ୍ୟରାତ୍ରରେ ଏସ. ବୁଡୁ ଶିରିଝୋଲି ଗ୍ରାମର ଏସ. ରମେଶଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ବୋଷି ବୁଜି ଗୁଣପୁର ଥାନାରେ ଏତଲା ଦେଇଥିଲେ। ଏହି ମାମଲାର ବିଚାର ପରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

# ଗାନ୍ଧି ମାର୍ଗରେ ରାଜ୍ୟ ଯୋଗାଣ ସହାୟକ ସଂଘର ବିକ୍ଷୋଭ





ଭୁବନେଶ୍ୱର,୭।୯(ସଂଚାର ବ୍ୟୁରୋ): ରାଜଧାନୀରେ ଗର୍ଜିଲା ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ। ଭୁବନେଶ୍ୱର ଗାନ୍ଧି ମାର୍ଗରେ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି। ସମସ୍ତ ଚୁକ୍ତିଭିତ୍ତିକ ଯୋଗାଣ ସହାୟକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସିଧାସଳଖ ଆକାଉଣ୍ଟ ମାଧ୍ୟମରେ ଦରମା, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତ, ଗ୍ରେଡ ପେ' ଓ ଦରମା ବୃଦ୍ଧି ସମେତ ୧୧ ଦଫା ଦାବିରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକ ସରକାରୀ ଜନସେବାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହ କରିଆସୁଛନ୍ତି। ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଓ ଇ-କେୱାଇସି କାର୍ଯ୍ୟରେ ସାମିଲ ଅଛନ୍ତି। ଦୀର୍ଘ ୧୪ ବର୍ଷର ସେବା ଓ ଅଭିଜ୍ଞତା ସତ୍ତ୍ୱେ ସେମାନଙ୍କୁ ଏଯାଏଁ ନିୟମିତ କରାଯାଇନାହିଁ। ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ସ୍କୁଲ ଯିବା ବେଳେ ଛାତ୍ରଙ୍କୁ ତୀରମାଡ଼, ଥାଳି ହେଲା ଢାଲ





ସମ୍ବଲପୁର,୭।୯(ସଂଚାର ବ୍ୟୁରୋ): ସ୍କୁଲ ଯାଉଥିବା ବେଳେ ଜଣେ ଛାତ୍ରଙ୍କୁ ତୀର ମାଡ଼ କରି ହତ୍ୟା ଉଦ୍ୟମ ଅଭିଯୋଗ ହୋଇଛି। ତେବେ ଛାତ୍ରଙ୍କ ପାଖରେ ଥିବା ଖାଇବା ଥାଳି ତୀରଟିକୁ ଅଟକାଇ ଦେବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଅନ୍ତର୍ଗତ କେଉଟବେର୍ଣ୍ଣି ଗାଁରେ ଘଟିଥିବା ସୂଚନା ମିଳିଛି। ମିଳିଥିବା ସୂଚନାନୁସାରେ, କେଉଟବେର୍ଣ୍ଣି ଗାଁର ଅମୂଲ୍ୟ ଧଳ ତାଙ୍କ ପୁଅ ସୌମ୍ୟରଞ୍ଜନ ଧଳଙ୍କୁ ସ୍କୁଲକୁ ନେଇ ଯାଉଥିଲେ। ଏହି ସମୟରେ ଗାଁର ମୁଚି ସାହୁ ନାମକ ଜଣେ ବ୍ୟକ୍ତି ହଠାତ୍ ସୌମ୍ୟରଞ୍ଜନଙ୍କ ଉଦ୍ଦେଶ୍ୟରେ ତୀର ମାଡ଼ କରିଥିବା ଅଭିଯୋଗ ହୋଇଛି। ତୀରଟି ଦ୍ରୁତ ଗତିରେ ଛାତ୍ରଙ୍କ ଆଡ଼କୁ ଆସିଥିବା ବେଳେ ତାଙ୍କ ପାଖରେ ଥିବା ଖାଇବା ଥାଳିରେ ବାଜିଥିଲା। ଥାଳିଟି ଢାଲ ଭଳି କାମ କରିବାରୁ ତୀରଟି ଛାତ୍ରଙ୍କ ଶରୀରରେ ବାଜି ନ ଥିଲା। ଫଳରେ ସୌମ୍ୟରଞ୍ଜନ ଏକ ବଡ଼ ବିପଦରୁ ଅଳ୍ପକେ ରକ୍ଷା ପାଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ତୀରମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାର ପ୍ରକୃତ କାରଣ ଓ ତୀରମାଡ଼ ପଛରେ ଥିବା ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Manchesewar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ସୋମବାର ୭ ସେପ୍ଟେମ୍ବର ୨୦୨୬
BUSINESS


# ଏଲପିଜି ଏବେ ୪୫ ନୁହେଁ, ୨୫ ଦିନରେ ବୁକ୍ ହୋଇପାରିବ



ନୂଆଦିଲ୍ଲୀ,୭।୯: ଦେଶର ଏଲପିଜି ଗ୍ରାହକଙ୍କ ପାଇଁ ଆସିଛି ଏକ ଆଶ୍ୱସ୍ତିକର ଖବର। ଗ୍ୟାସ୍ ସିଲିଣ୍ଡର ପୁନଃ ବୁକିଂ ପାଇଁ ଆଉ ୪୫ ଦିନ ଦୀର୍ଘ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏବେ ଗ୍ରାହକମାନେ ମାତ୍ର ୨୫ ଦିନ ମଧ୍ୟରେ ଦ୍ୱିତୀୟ ସିଲିଣ୍ଡର ବୁକ୍ କରିପାରିବେ। କେନ୍ଦ୍ର ସରକାର ଏହି ପୁରୁଣା କଟକଣାକୁ କୋହଳ କରି ନୂଆ ନିୟମ ଲାଗୁ କରିଛନ୍ତି। ପୂର୍ବରୁ ୪୫ ଦିନ ପରେ ଗ୍ୟାସ୍ ବୁକ୍ କରିବାର ନିୟମ ଗ୍ରାମାଞ୍ଚଳ ପାଇଁ ଲାଗୁ ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତି ସୋମବାର ଠାରୁ ସାରା ଦେଶରେ ଲାଗୁ ହୋଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉଭୟ କ୍ଷେତ୍ରର ଉପଭୋକ୍ତାଙ୍କ ପାଇଁ ଏହି ସମୟସୀମାକୁ ୨୫ ଦିନକୁ ହ୍ରାସ କରାଯାଇଛି। ଫଳରେ ଯେଉଁ ପରିବାରଗୁଡ଼ିକରେ ଗ୍ୟାସ୍ ବ୍ୟବହାର ଅଧିକ ରହିଛି, ସେମାନଙ୍କୁ ଆଉ ଇନ୍ଧନ ସଙ୍କଟର ସାମ୍ନା କରିବାକୁ ପଡ଼ିବ ନାହିଁ। କେନ୍ଦ୍ର ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଓ ପର୍ଯ୍ୟଟନ ପ୍ରତିମନ୍ତ୍ରୀ ସୁରେଶ ଗୋପୀ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ତୈଳ ବିପଣନ କମ୍ପାନୀ (OMCs) ଗୁଡ଼ିକୁ ଏହି ନୂଆ ନିୟମକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟପ୍ରାଚ୍ୟରେ ଉପୁଜିଥିବା ସଙ୍କଟ ଏବଂ ହର୍ମୁଜ ଷ୍ଟ୍ରେଟ୍ ବାଧାପ୍ରାପ୍ତ ହେବା ଯୋଗୁଁ ଗ୍ୟାସ୍ ଯୋଗାଣରେ କିଛି ସମସ୍ୟା ଦେଖାଦେଇଥିଲା। ଏହି ସ୍ଥିତିକୁ ଦୃଷ୍ଟିରେ ରଖି ତୈଳ କମ୍ପାନୀଗୁଡ଼ିକ ଉପରେ ଚାପ କମାଇବା ପାଇଁ ପୂର୍ବରୁ ଗ୍ରାମାଞ୍ଚଳରେ ୪୫ ଦିନ ଓ ସହରାଞ୍ଚଳରେ ୨୫ ଦିନର ବୁକିଂ ବ୍ୟବଧାନ ରଖାଯାଇଥିଲା। ପୂର୍ବରୁ ୪୫ ଦିନିଆ ନିୟମ ଯୋଗୁଁ ଅନେକ ସାଧାରଣ ପରିବାର ଗ୍ୟାସ୍ ସରିଯିବା ପରେ ନାହିଁ ନଥିବା ଅସୁବିଧାର ସାମ୍ନା କରୁଥିଲେ। ବିଶେଷକରି ବଡ଼ ପରିବାରଗୁଡ଼ିକ ପାଇଁ ଗୋଟିଏ ସିଲିଣ୍ଡରରେ ୪୫ ଦିନ ଚଳାଇବା କଷ୍ଟକର ହୋଇପଡୁଥିଲା। ଏବେ ସରକାରଙ୍କ ଏହି ସଂଶୋଧିତ ନିଷ୍ପତ୍ତି ଫଳରେ ସାରା ଦେଶର କୋଟି କୋଟି ଏଲପିଜି ଗ୍ରାହକ ସିଧାସଳଖ ଉପକୃତ ହେବେ।

## ପୂଜାରେ ମହଙ୍ଗା ହେବ ମିଠା, ଚକୋଲେଟ୍



ନୂଆଦିଲ୍ଲୀ: ପାର୍ବଣ ଋତୁରେ ଲୋକମାନେ ଅଧିକ ମିଠା ବ୍ୟବହାର କରିଥାନ୍ତି। ନିଜେ ଉତ୍ସବ ପାଳନ କରିବା ହେଉ କିମ୍ବା ଅନ୍ୟ କାହାକୁ ଉପହାର ଦେବା, ସେମାନେ ସେହି ମିଠା, ଚକୋଲେଟ୍, କୁକିଜ୍ ଆଦି କିଣିବାରେ ଖର୍ଚ୍ଚ କରିଥାନ୍ତି। ଚଳିତ ବର୍ଷ ପୂଜା ଋତୁରେ ଏହି ସବୁ ଜିନିଷ ମହଙ୍ଗା ହେବାର ଆଶଙ୍କା ରହିଛି। ଏହା ପଛରେ ସବୁଠୁ ବଡ଼ କାରଣ ହେଉଛି ଚିନି ଦରରେ ହୋଇଥିବା ବୃଦ୍ଧି। ଦେଶରେ ବ୍ୟବସାୟ କରୁଥିବା ପ୍ରମୁଖ ଏଫ୍ଏମ୍ସିଜି କମ୍ପାନିଗୁଡ଼ିକ ଦରବୃଦ୍ଧି ସମ୍ପର୍କରେ ବିଚାର କରୁଛନ୍ତି। ବିକାଜୀ ଫୁଡ୍ସ ଏହାର ବିଭିନ୍ନ ଉତ୍ପାଦ ଦାମ୍‌ରେ ୨ ପ୍ରତିଶତ ବୃଦ୍ଧି କରିବା ସମ୍ପର୍କରେ ଚିନ୍ତା କରୁଛି ବୋଲି କମ୍ପାନିର ସିଏଫ୍ଓ ଋଷଭ ଜୈନ କହିଛନ୍ତି। ନିକଟରେ ଚିନି ଦରରେ ହୋଇଥିବା ଅହେତୁକ ବୃଦ୍ଧିର ମୁକାବିଲା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ପରେ ଦର ଉପରେ ସାମାନ୍ୟ ନିୟନ୍ତ୍ରଣ ଆସିଛି। କିନ୍ତୁ ଏଫ୍ଏମ୍ସିଜି କମ୍ପାନିଗୁଡ଼ିକ ପାଇଁ ଏବେବି ଚିନି ସଂଗ୍ରହ ଦର କିଛି ମାସ ତଳ ତୁଳନାରେ ୨୦ ପ୍ରତିଶତ ଅଧିକ ରହିଛି। ଅଧିକ ପରିମାଣରେ ଚିନି ବ୍ୟବହାର କରଥିବା ପାନୀୟ, ବିସ୍କୁଟ ଓ ଚକୋଲେଟ୍ କମ୍ପାନିଗୁଡ଼ିକର ଖର୍ଚ୍ଚ ବହୁତ ବଢ଼ିଯାଇଛି।

## ଏକେ-୨୦୩ ରାଇଫଲ୍ ପାଇଁ ଗୋଳାବାରୁଦ ଅଦାନୀ ଡିଫେନ୍ସ





ନୂଆଦିଲ୍ଲୀ,୭।୯: ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ନେବା ଦିଗରେ ଏକ ବଡ଼ ସଫଳତା ମିଳିଛି। ଅଦାନୀ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍, ଇଣ୍ଡୋ-ରସିଆନ୍ ରାଇଫଲ୍ସ ପ୍ରାଇଭେଟ୍ ଲିମିଟେଡ୍ (IRRPL) ସହିତ ୫ ବର୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅଧୀନରେ ଭାରତରେ ନିର୍ମିତ ହେଉଥିବା ଏକେ-୨୦୩ ରାଇଫଲ୍ ପାଇଁ ଅଦାନୀ ଡିଫେନ୍ସ ୭.୬୨x୩୯ ମିମି କାଲିବରର ଗୋଳାବାରୁଦ ପ୍ରସ୍ତୁତ କରି ଯୋଗାଇଦେବ। ଅଦାନୀ ଡିଫେନ୍ସ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏକେ-୨୦୩ ରାଇଫଲ୍ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଛୋଟ ଅସ୍ତ୍ରଶସ୍ତ୍ରର ଗୋଳାବାରୁଦ ଯୋଗାଇବ। ଏହାଦ୍ୱାରା ଦେଶ ଭିତରେ ହିଁ ଗୋଳାବାରୁଦର ନିରବଚ୍ଛିନ୍ନ ଯୋଗାଣ ସମ୍ଭବ ହୋଇପାରିବ। ଉଲ୍ଲେଖ ଥାଉ କି ଭାରତ ଏବଂ ରୁଷର ମିଳିତ ଉଦ୍ୟମରେ ଗଠିତ ଇଣ୍ଡୋ-ରସିଆନ୍ ରାଇଫଲ୍ସ (IRRPL) ଉତ୍ତରପ୍ରଦେଶର ଆମେଠି ଜିଲ୍ଲାସ୍ଥିତ କୋରବା ପ୍ଲାଣ୍ଟରେ ଏକେ-୨୦୩ ରାଇଫଲ୍ ତିଆରି କରୁଛି। ଉଲ୍ଲେଖ ଥାଉ କି, ଡିସେମ୍ବର ୨୦୨୧ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୬,୦୧,୪୨୭ଟି ଏକେ-୨୦୩ ରାଇଫଲ୍ ନିର୍ମାଣ ପାଇଁ ଚୁକ୍ତି କରିଥିଲା। ନିକଟରେ ୧୦୦ ପ୍ରତିଶତ ଭାରତୀୟ ଯନ୍ତ୍ରାଂଶ ଏବଂ କଞ୍ଚାମାଲ ବ୍ୟବହାର କରି 'ଶେର' ନାମକ ପ୍ରଥମ AK-203 ରାଇଫଲ୍ ସଫଳତାର ସହ ନିର୍ମାଣ ଓ ପରୀକ୍ଷଣ କରାଯାଇଛି। ଅଦାନୀ ଡିଫେନ୍ସ ନିଜର କାନପୁର ପ୍ଲାଣ୍ଟରେ ଏହି ଗୋଳାବାରୁଦ ନିର୍ମାଣ କ୍ଷମତା ବିକଶିତ କରିଛି। ଏହି ଚୁକ୍ତି ଫଳରେ ରାଇଫଲ୍ ନିର୍ମାଣ ଏବଂ ସେଥିପାଇଁ ଆବଶ୍ୟକ ଗୋଳାବାରୁଦର ଉତ୍ପାଦନ ଗୋଟିଏ ସମନ୍ୱିତ ସପ୍ଲାଇ ଚେନ୍ ମାଧ୍ୟମରେ ସମ୍ଭବ ହୋଇପାରିବ।

## ଜାଗୁଆର ଲ୍ୟାଣ୍ଡରୋଭର ୪୦୦୦ ଛଟେଇ କରିବ





ନୂଆଦିଲ୍ଲୀ,୭।୯:ଟାଟା ମୋଟର୍ସ ମାଲିକାନାରେ ଥିବା କାର୍ କମ୍ପାନି ଜାଗୁଆର ଲ୍ୟାଣ୍ଡରୋଭର ବ୍ରିଟେନରେ ୪୦୦୦ କର୍ମଚାରୀ ଛଟେଇ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏହି ଚାକିରିଗୁଡ଼ିକୁ ବଞ୍ଚାଇବା ଲାଗି କୌଣସି ପ୍ରକାର ଆର୍ଥିକ ସହାୟତା ଦେବାକୁ ବ୍ରିଟେନ ସରକାର ମନା କରିବା ପରେ କମ୍ପାନି ଏଭଳି ପଦକ୍ଷେପ ନେବାକୁ ଯାଉଛି। ବ୍ରିଟେନରେ ଜାଗୁଆର ଲ୍ୟାଣ୍ଡରୋଭର ପାଇଁ ୩୪ ହଜାର କର୍ମଚାରୀ କାମ କରୁଛନ୍ତି। ସେଥିରୁ ୧୨ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରାଯିବ। ବରିଷ୍ଠ ପ୍ରବନ୍ଧକ ଏବଂ ଗବେଷଣା ଓ ବିକାଶ କ୍ଷେତ୍ରରେ ସବୁଠୁ ବଡ଼ ଛଟେଇ ହେବ।ଏହି ପ୍ରସଙ୍ଗରେ ବ୍ରିଟେନ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। କମ୍ପାନି ଚଳାଇବା ଦାୟିତ୍ୱ ଆମର ନୁହେଁ ବୋଲି ସରକାର କହିଛନ୍ତି। ଆସନ୍ତାକାଲି ଏହାକୁ ନେଇ ବ୍ରିଟେନର ସରକାରୀ ଅଧିକାରୀ ଓ ଶ୍ରମିକ ସଂଗଠନଗୁଡ଼ିକ ମଧ୍ୟରେ ଆଲୋଚନା ହେବ। ଚାକିରିଗୁଡ଼ିକୁ ବଞ୍ଚାଇବା ପାଇଁ ସରକାରଙ୍କ ଉପରେ ବ୍ରିଟେନର ପ୍ରମୁଖ ଶ୍ରମିକ ସଂଗଠନ 'ୟୁନାଇଟ୍'ର ସାଧାରଣ ସମ୍ପାଦକ ଶେରୋନ ଗ୍ରାହମ ଚାପ ପକାଇବେ ବୋଲି ଆଶା କରାଯାଉଛି। କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନା ଚୟନ କରିବାକୁ ମଧ୍ୟ ବିକଳ୍ପ ଦିଆଯାଇଛି। ଏହା ଜରିଆରେ ୩୭,୫୦୦ କୋଟି ଟଙ୍କା ସଞ୍ଚୟ କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି।

## ସ୍ମାର୍ଟୱାଚ୍‌ର ସ୍ୱାସ୍ଥ୍ୟ ତଥ୍ୟ କେତେ ସଠିକ୍ ?





ନୂଆଦିଲ୍ଲୀ, ୭।୯:ଆଜିକାଲି ସ୍ମାର୍ଟୱାଚ୍ କେବଳ ସମୟ ଦେଖିବା ପାଇଁ ନୁହେଁ। ହାର୍ଟରେଟ୍, ଷ୍ଟେପ୍, ନିଦ୍ରା, ବ୍ୟାୟାମ, କ୍ୟାଲୋରି ବର୍ନ ଓ ରିକଭରି ଭଳି ଅନେକ ସ୍ୱାସ୍ଥ୍ୟ ତଥ୍ୟ ଏହା ଦେଇଥାଏ। କିନ୍ତୁ ଘଣ୍ଟାରେ ଦେଖାଯାଉଥିବା ପ୍ରତ୍ୟେକ ସଂଖ୍ୟା ଶହେ ପ୍ରତିଶତ ସଠିକ୍ ନୁହେଁ। କିଛି ତଥ୍ୟ ସେନ୍ସର୍ ଦ୍ୱାରା ସିଧାସଳଖ ମପାଯାଏ, ଆଉ କିଛି ତଥ୍ୟ ବିଭିନ୍ନ ସେନ୍ସର୍‌ର ସିଗ୍ନାଲ୍ ଓ କମ୍ପ୍ୟୁଟର୍ ଆଲ୍‌ଗୋରିଦମ୍ ଆଧାରରେ ଆକଳନ କରାଯାଏ। ସ୍ମାର୍ଟୱାଚ୍‌ରେ ଥିବା ବିଭିନ୍ନ ସେନ୍ସର୍ ଆମ ଶରୀରରୁ ସିଗ୍ନାଲ୍ ସଂଗ୍ରହ କରେ। ଉଦାହରଣସ୍ୱରୂପ, ଅପ୍ଟିକାଲ୍ ସେନ୍ସର୍ ଚର୍ମ ଉପରେ ଆଲୋକ ପକାଇ ରକ୍ତ ପ୍ରବାହରେ ହେଉଥିବା ପରିବର୍ତ୍ତନକୁ ଚିହ୍ନଟ କରେ। ଏହି ତଥ୍ୟ ଆଧାରରେ ହୃଦ୍‌ସ୍ପନ୍ଦନର ଆକଳନ କରାଯାଏ। ସେହିପରି, ମୋସନ୍ ସେନ୍ସର୍ ହାତ ଓ ଶରୀରର ଗତିକୁ ଚିହ୍ନଟ କରି ଷ୍ଟେପ୍ ଓ ଆକ୍ଟିଭିଟି ସମ୍ପର୍କିତ ତଥ୍ୟ ଦେଇଥାଏ। ବାହାରେ ଚାଲିବା କିମ୍ବା ଦୌଡ଼ିବା ସମୟରେ ଜିପିଏସ୍ ଦୂରତା, ଗତି ଓ ଅବସ୍ଥାନ ଆକଳନ କରିବାରେ ସାହାଯ୍ୟ କରେ। ଏହି ସମସ୍ତ ସିଗ୍ନାଲ୍‌କୁ ଘଣ୍ଟାର ସଫ୍ଟୱେର୍ ପ୍ରକ୍ରିୟାକରଣ କରି ଆମକୁ ବିଭିନ୍ନ ହେଲ୍‌ଥ ରିପୋର୍ଟ ଦେଖାଏ।

ସ୍ମାର୍ଟୱାଚ୍‌ର ସମସ୍ତ ମେଟ୍ରିକ୍ସର ସଠିକତା ସମାନ ନୁହେଁ। ସାଧାରଣତଃ ଏହି ତଥ୍ୟଗୁଡ଼ିକ ତୁଳନାମୂଳକ ଭାବେ ଅଧିକ ଭରସାଯୋଗ୍ୟ ହୋଇପାରେ। ବିଶ୍ରାମ ସମୟର ହୃଦ୍‌ସ୍ପନ୍ଦ। ଲଗାତାର ବ୍ୟାୟାମ ସମୟରେ ହୃଦସ୍ପନ୍ଦ। ଷ୍ଟେପ୍ କାଉଣ୍ଟ। ବାହାରେ ଚାଲିବା କିମ୍ବା ଦୌଡ଼ିବା ସମୟରେ ଗତି ଓ ଦୂରତା ଅନ୍ୟପଟେ, କ୍ୟାଲୋରି ବର୍ନ, ନିଦ୍ରାର ବିଭିନ୍ନ ପର୍ଯ୍ୟାୟ, ଶରୀରରେ ପାଣିର ମାତ୍ରା, ରିକଭରି ଏବଂ ଶରୀରର ଗଠନ ଭଳି ତଥ୍ୟ ଅଧିକ ଜଟିଳ। ଏଗୁଡ଼ିକ ବିଭିନ୍ନ ସେନ୍ସର୍ ତଥ୍ୟ ଓ ଆଲ୍‌ଗୋରିଦମ୍ ଉପରେ ନିର୍ଭର କରେ। ତେଣୁ ଏହାକୁ ସଠିକ୍ ମାପ ଭାବେ ନେବା ଠିକ୍ ନୁହେଁ। ଏହାଛଡ଼ା ପ୍ରତ୍ୟେକ କମ୍ପାନି ଭିନ୍ନ ସେନ୍ସର, ପ୍ରଯୁକ୍ତି ଓ ଆଲଗୋରିଦମ ବ୍ୟବହାର କରେ। ତେଣୁ ଏକେ ବ୍ୟକ୍ତି ଦୁଇଟି ଭିନ୍ନ ବ୍ରାଣ୍ଡର ସ୍ମାର୍ଟୱାଚ୍ ପିନ୍ଧିଲେ ମଧ୍ୟ କିଛି ତଥ୍ୟରେ ପାର୍ଥକ୍ୟ ଦେଖାଯାଇପାରେ। ସ୍ମାର୍ଟୱାଚ୍‌କୁ ସ୍ୱାସ୍ଥ୍ୟର ଦୀର୍ଘକାଳୀନ ପରିବର୍ତ୍ତନ ଦେଖିବା ପାଇଁ ବ୍ୟବହାର କରିବା ଅଧିକ ଉପଯୋଗୀ। ଉଦାହରଣ ସ୍ୱରୂପ, ଗୋଟିଏ ଦିନ ହୃଦ୍‌ସ୍ପନ୍ଦନ ସାଧାରଣଠାରୁ କିଛି ଅଧିକ କିମ୍ବା କମ୍ ଦେଖାଇଲେ ତାହା ନେଇ ତୁରନ୍ତ ଚିନ୍ତିତ ହେବା ଦରକାର ନାହିଁ। କିନ୍ତୁ କିଛି ଦିନ କିମ୍ବା ସପ୍ତାହ ଧରି ଲଗାତାର ପରିବର୍ତ୍ତନ ଦେଖାଗଲେ, ସେହି ଟ୍ରେଣ୍ଡ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ସେହିପରି ନିଦ୍ରା, ଦୈନନ୍ଦିନ କାର୍ଯ୍ୟକଳାପ ଓ ବିଶ୍ରାମ ସମୟର ହୃଦସ୍ପନ୍ଦନକୁ ଦୀର୍ଘ ସମୟ ଧରି ଦେଖିଲେ ନିଜ ଶରୀରର ପରିବର୍ତ୍ତନ ବୁଝିବାରେ ସହାୟତା ମିଳିପାରେ। ସ୍ମାର୍ଟୱାଚ୍ ଏକ ଉପଯୋଗୀ ହେଲ୍‌ଥ ଓ ଫିଟ୍‌ନେସ୍ ଟୁଲ୍। କିନ୍ତୁ ଏହାର ପ୍ରତ୍ୟେକ ରିଡିଂକୁ ମେଡିକାଲ୍ ଟେଷ୍ଟର ସମାନ ବୋଲି ଧରିନେବା ଠିକ୍ ନୁହେଁ। ସ୍ମାର୍ଟୱାଚ୍‌ର ତଥ୍ୟକୁ ନିଜ ସ୍ୱାସ୍ଥ୍ୟର ଟ୍ରେଣ୍ଡ ବୁଝିବା ପାଇଁ ଏକ ସହାୟକ ତଥ୍ୟ ଭାବେ ଦେଖନ୍ତୁ। କୌଣସି ଅସାଧାରଣ ଲକ୍ଷଣ କିମ୍ବା ଲଗାତାର ଚିନ୍ତାଜନକ ରିଡିଂ ଦେଖାଦେଲେ କେବଳ ଘଣ୍ଟାର ତଥ୍ୟ ଉପରେ ନିର୍ଭର ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୦୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୦୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୮୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୦୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮.୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଯାଜପୁର ଡିଏମ୍‌ଏଫ୍‌ର ଟଙ୍କା ଢେଙ୍କାନାଳରେ ଖର୍ଚ୍ଚ!

## ଇଣ୍ଟର-ଡିଏମ୍‌ଏଫ୍ ଟ୍ରଷ୍ଟ ଟ୍ରାନ୍ସଫର ନକରି ସିଧାସଳଖ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ୨୭.୮୬ କୋଟି

ଯାଜପୁର,୭।୯ (ସଂଚାର ବ୍ୟୁରୋ)ଃ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ର ଅର୍ଥ ବିନିଯୋଗକୁ ନେଇ ଯାଜପୁର ଜିଲ୍ଲାରେ ଏକ ବଡ଼ ପ୍ରଶ୍ନ ଉଠିଛି। ଯାଜପୁର ଡିଏମ୍‌ଏଫ୍‌ରୁ ଢେଙ୍କାନାଳ ଜିଲ୍ଲାରେ ପାନୀୟଜଳ ପ୍ରକଳ୍ପ ପାଇଁ ୨୭.୮୬ କୋଟି ଟଙ୍କା ବିନିଯୋଗ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ତେବେ ଏହି ଅର୍ଥ ଇଣ୍ଟର-ଡିଏମ୍‌ଏଫ୍ ଟ୍ରଷ୍ଟ ମାଧ୍ୟମରେ ହସ୍ତାନ୍ତର ନହୋଇ ସିଧାସଳଖ ଢେଙ୍କାନାଳ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍‌ଏସ୍)କୁ ଦିଆଯାଇଥିବା ଅଭିଯୋଗ ଏବେ ଚର୍ଚ୍ଚାର କେନ୍ଦ୍ରରେ।ତଥ୍ୟ ଅନୁସାରେ, ୨୦୧୬-୧୭ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ ଯାଜପୁର ଡିଏମ୍‌ଏଫ୍‌ରୁ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ପାନୀୟଜଳ ପ୍ରକଳ୍ପ ପାଇଁ ପର୍ଯ୍ୟାୟକ୍ରମେ ଅର୍ଥ ବରାଦ ହୋଇଥିଲା। ଏହି ଅର୍ଥରେ ଭୁବନ, କଙ୍କଡ଼ାହାଡ଼ ଓ କାମାକ୍ଷାନଗର ବ୍ଲକ୍‌ର ବିଭିନ୍ନ ଗାଁରେ ମୋଟ ୪୧ଟି ପ୍ରକଳ୍ପ ନିର୍ମାଣ ହୋଇଥିବା ଦର୍ଶାଯାଇଛି।

ନିୟମ ଅନୁଯାୟୀ, ଗୋଟିଏ ଜିଲ୍ଲାର ଖଣି କାର୍ଯ୍ୟକଳାପ ଯୋଗୁଁ ଅନ୍ୟ ଜିଲ୍ଲା ପ୍ରଭାବିତ ହେଲେ, ସମ୍ପୃକ୍ତ ଡିଏମ୍‌ଏଫ୍ ଟ୍ରଷ୍ଟ ମଧ୍ୟରେ ପାଣ୍ଠି ହସ୍ତାନ୍ତର ହେବାର ବ୍ୟବସ୍ଥା ରହିଛି। ଅର୍ଥାତ୍ ଯାଜପୁର ଡିଏମ୍‌ଏଫ୍‌ରୁ ଢେଙ୍କାନାଳ ଡିଏମ୍‌ଏଫ୍ ଟ୍ରଷ୍ଟକୁ ଅର୍ଥ ହସ୍ତାନ୍ତର ପରେ ସେଠାକାର ଟ୍ରଷ୍ଟ ଅନୁମୋଦନ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ଥିବା ଦର୍ଶାଯାଇଛି।

କିନ୍ତୁ ଉପଲବ୍ଧ ତଥ୍ୟରେ ଦେଖାଯାଉଛି, ଢେଙ୍କାନାଳ ଜିଲ୍ଲାପାଳ ତଥା ଡିଏମ୍‌ଏଫ୍ ଟ୍ରଷ୍ଟର ଅଧ୍ୟକ୍ଷଙ୍କୁ ମାତ୍ର ୨.୭୫ କୋଟି ଟଙ୍କା ହସ୍ତାନ୍ତର ହୋଇଥିବା ବେଳେ ପାନୀୟଜଳ ପ୍ରକଳ୍ପ ପାଇଁ ୨୭.୮୬ କୋଟି ଟଙ୍କା ସିଧାସଳଖ ଢେଙ୍କାନାଳ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ଯାଜପୁର ଜିଲ୍ଲାପାଳଙ୍କ ନିୟନ୍ତ୍ରଣାଧୀନ ନଥିବା ଢେଙ୍କାନାଳ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ଏତେ ବଡ଼ ଅର୍ଥରାଶି ସିଧାସଳଖ ପ୍ରଦାନ କରାଗଲା କିପରି? ଏହି ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ କିଏ ଦେଇଥିଲେ? ଟେଣ୍ଡର ପ୍ରକ୍ରିୟାକୁ କେଉଁ କର୍ତ୍ତୃପକ୍ଷ ଅନୁମୋଦନ କରିଥିଲେ? ଅର୍ଥ ଖର୍ଚ୍ଚ ପରେ ଅଡିଟ୍ ଓ ଉପଯୋଗିତା ପ୍ରମାଣପତ୍ର କିପରି ଦିଆଗଲା—ଏସବୁ ପ୍ରଶ୍ନ ଏବେ ଉଠିଛି।

ଅନ୍ୟପକ୍ଷରେ, ଢେଙ୍କାନାଳ ଡିଏମ୍‌ଏଫ୍ ଟ୍ରଷ୍ଟକୁ ଏଡ଼ାଇ ସିଧାସଳଖ କାର୍ଯ୍ୟକାରୀ ସଂସ୍ଥାକୁ ଅର୍ଥ ଦେବା ଦ୍ୱାରା ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରକଳ୍ପ ତଦାରଖ ଓ ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିବା ଅଭିଯୋଗ ହେଉଛି। ତଥ୍ୟରେ ଆହୁରି ଦର୍ଶାଯାଇଛି ଯେ, ଢେଙ୍କାନାଳ ଜିଲ୍ଲାପାଳ ତଥା ଡିଏମ୍‌ଏଫ୍ ଟ୍ରଷ୍ଟ ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ୨.୭୫ କୋଟି ଟଙ୍କାରେ ସ୍କୁଲ୍‌ର କମ୍ପ୍ୟୁଟର ରୁମ୍, ପାଚେରି, ସ୍ମାର୍ଟ କ୍ଲାସ୍‌ରୁମ୍, ପାର୍କ, ଲାଇବ୍ରେରି ଓ ସଭାଗୃହ ଭଳି ବିଭିନ୍ନ କାର୍ଯ୍ୟ କରାଯାଇଛି। ଏପଟେ ପାନୀୟଜଳ ପ୍ରକଳ୍ପ ପାଇଁ ଦିଆଯାଇଥିବା ୨୭.୮୬ କୋଟି ଟଙ୍କାରେ ଭୁବନ, କଙ୍କଡ଼ାହାଡ଼ ଓ କାମାକ୍ଷାନଗର ବ୍ଲକ୍‌ର ୪୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ଦର୍ଶାଯାଇଛି। ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀ ସଂସ୍ଥା ଭାବେ ଢେଙ୍କାନାଳ ଆରଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ନାମ ରହିଛି।ଯାଜପୁର ଡିଏମ୍‌ଏଫ୍‌ର ଏହି ଅର୍ଥ କେଉଁ ଆଦେଶ ଆଧାରରେ, କେଉଁ ପ୍ରକ୍ରିୟାରେ ଓ କେଉଁ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ଢେଙ୍କାନାଳ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ଦିଆଗଲା, ତାହାର ସ୍ପଷ୍ଟତା ଆବଶ୍ୟକ।

ବିଶେଷକରି ୨୦୧୬-୧୭ରୁ ୨୦୧୯-୨୦ ମଧ୍ୟରେ ହୋଇଥିବା ଅର୍ଥ ବିନିଯୋଗର ଅନୁମୋଦନ, ଟେଣ୍ଡର, ବିଲ୍, ଅଡିଟ୍ ଓ ଉପଯୋଗିତା ପ୍ରମାଣପତ୍ରର ଯାଞ୍ଚ ହେଲେ ଘଟଣାର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହୋଇପାରେ।

# ତିଳକଣା ପଞ୍ଚାୟତରେ କଟକସଦର ବିଧାୟକଙ୍କ ଦ୍ୱାରା ଚାରା ରୋପଣ ଓ ସମ୍ବର୍ଦ୍ଧନା




ନିଶ୍ଚିନ୍ତକୋଇଲି,୭।୯ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ତିଳକଣା ପଞ୍ଚାୟତ ସ୍ଥିତ ନାରେକଶଇଶୁଣି ମନ୍ଦିର ପରିସରରେ ବୃକ୍ଷରୋପଣ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦାନ କରି ସ୍ୱଚ୍ଛ, ସୁସ୍ଥ ସବୁଜ ପରିବେଶ ଗଠନ ପାଇଁ ମନ୍ଦିର ପରିସରରେ ଚାରା ରୋପଣ କରିବା ସହିତ ପରିବେଶର ସୁରକ୍ଷା ପାଇଁ ଉପସ୍ଥିତ ସମସ୍ତ ଯୁବକ, ମାଆ ଭଉଣୀ ଓ ବୁଦ୍ଧିଜୀବୀ ମାନଙ୍କୁ ଗୋଟେ ଗୋଟେ ଗଛ ପୋତିବା ସହିତ ସେହି ଗଛର ରକ୍ଷଣାବେକ୍ଷଣ କରି ବଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଉପସ୍ଥିତ ଥିବା ବହୁ ବରିଷ୍ଠ ନାଗରିକ ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏପରିକି ବିଧାୟକ ଶ୍ରୀଯୁକ୍ତ ସେଠୀ ପ୍ରସିଦ୍ଧ ପଦ୍ମବନ ନେମାଳ ଅଚ୍ୟୁତାନନ୍ଦ ପୀଠ ଏବଂ ତାଙ୍କର ସମାଧିସ୍ଥଳ ତିଳକଣାର ବିକାଶ ପାଇଁ ସରକାରଙ୍କ ନିକଟରେ ଜଣାଇ ସାରିଛନ୍ତି ଯାହାଦ୍ୱାରା ବହୁତ୍ ଶୀଘ୍ର ଉକ୍ତ ପୀଠରେ ଗମନାଗମନର ବିକାଶ ପାଇଁ ରାସ୍ତାର ପ୍ରଶସ୍ତିକରଣ କରାଯିବା ସହିତ ଆଉ ଏକ ନୂତନ ସେତୁ ନିର୍ମାଣ କରାଯିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି, ଯାହାକି ଖୁବ୍ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଲିକୁଦାରେ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ-୨୦୨୬



ବାଲିକୁଦା,୭।୯ (ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆମ୍ବଶାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ-୨୦୨୬ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଆବେଦନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଭିନ୍ନକ୍ଷମତା ଚିହ୍ନଟ କରିଥିଲେ। ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମୋଟ ୧୫୭ ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଭେଷଜ ବିଭାଗରେ ୩୩ ଜଣ, ମସ୍ତିଷ୍କ ବିଭାଗରେ ୨୧ ଜଣ, ଅସ୍ଥିଶଲ୍ୟ ବିଭାଗରେ ୬୧ ଜଣ, ଚକ୍ଷୁ ବିଭାଗରେ ୯ ଜଣ ଏବଂ କର୍ଣ୍ଣ-ଗଳା-ନାସା ବିଭାଗରେ ୭ ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଛି। ଅନ୍ୟପକ୍ଷରେ ୧୮ ଜଣଙ୍କ ଆବେଦନପତ୍ରକୁ ଅଧିକ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ୭ ଜଣଙ୍କ ଆବେଦନ ନାକଚ ହୋଇଛି। ଜଣେ ଆବେଦନକାରୀ ଅନୁପସ୍ଥିତ ଥିଲେ। ବାଲିକୁଦା ବିଡିଓ ବିଦ୍ୟାଧର ଦାଣ୍ଡପାଟ, ଏବିଡିଓ ସ୍ମାରକ ରଞ୍ଜନ ଓ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରଟି ସୁଚାରୁରୂପେ ଆୟୋଜିତ ହୋଇଥିଲା।

# ଅଜଣା କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବାରିପଦା,୭।୯ (ସଂଚାର ବ୍ୟୁରୋ)ଃମୟୁରଭଞ୍ଜ ଜିଲ୍ଲା ଓ୍ୱହଳଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନମ୍ବର ରାଇରଙ୍ଗପୁର - ଟାଟା ରାସ୍ତାର ଗମ୍ଭାରିଆ-କାଦୁଆଣୀ ଛକରେ ଆଜି ସନ୍ଧ୍ୟା ସମୟରେ ଏକ ଅଜଣା କାର୍ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ ତିରିଂ ଥାନା ଅଞ୍ଚଳର ବଡକୁରମ ଗ୍ରାମର ରବୀନ୍ଦ୍ର ଓ୍ୱାସ୍କେ ବାଇକରେ ଯାଉଥିବାବେଳେ ଏକ ଅଜଣା କାର୍ ଧକ୍କା ଦେଇ ଦ୍ରୁତ ଗତିରେ ଖସି ପଳାଇଥିଲା ।ଓ୍ୱାଇକ୍ ଚାଳକ ରାସ୍ତାରେ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ ।ଖବରପାଇ ଓ୍ୱହଳଦା ପୋଲିସ ଗୁରୁତର ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ।ଗୁରୁତରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଅଛି ।

# ସ୍ୱାତୀ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସ୍ଥାନରେ ଜାତୀୟ ପୋଷଣ ସପ୍ତାହ ପାଳିତ




ଫୁଲବାଣୀ,୭।୯ (ସଂଚାର ବ୍ୟୁରୋ)ଃ ସାରା ଦେଶରେ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୦୧ ଠାରୁ ୦୭ ତାରିଖ ପର୍ଯ୍ୟନ୍ତ ପୋଷଣ ସପ୍ତାହ ପାଳନ ହେଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳଙ୍କ ସହଯୋଗରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରିଛନ୍ତି । ଏହି ସପ୍ତାହ ପାଳନ ଅବଶରରେ ଅନୁଷ୍ଠାନ ତରଫରୁ ଚାଲିଥିବା ମା ଗୃହ ପ୍ରକଳ୍ପ ତରଫରୁ ଗର୍ଭବତି ଓ ପ୍ରସୁତି ମାନଙ୍କ ପାଇଁ ଆବଶ୍ୟକ ହେଉଥିବା ପୋଷଣ ଯୁକ୍ତ ଖାଦ୍ୟ କିପରି ନିଜ ବାଡିବଗିଚା ରୁ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ମା ଗୃହରେ ଅବସ୍ଥାପିତ ଗର୍ଭବତି ମହିଳା ମାନଙ୍କୁ ପ୍ରସୁତି ସମୟରେ କିପରି ଖାଦ୍ୟ ଖାଇବେ ତାହା ମଧ୍ୟ ଜଣାଯାଇଥିଲା ।

ଏହା ସପ୍ତାହ ସାରା ଦେଶରେ ପାଳନ କରିବାର ମୁଖ୍ୟ ଉଦ୍ୟେଶ୍ୟ ହେଉଛି ନିଜ ଶରୀର କୁ ସୁସ୍ଥ ରଖିବା ପାଇଁ ହେଲେ ଶୁଷମ ଖାଦ୍ୟ ଯେପରିକି ତ୍ରିରଙ୍ଗା ପତାକା ର ତିନୋଟି ରଙ୍ଗ ଅଛି ପ୍ରତିଦିନ ଆମର ଖାଇବା ଥାଳି ସେହିପରି ତିନୋଟି ରଙ୍ଗର ଖାଦ୍ୟରେ ଭରପୁର ହେବା ଆବଶ୍ୟକ ବୋଲି ସମସ୍ତେ ମତ ରଖିଥିଲେ ।

ଏହି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ଏ.ଏନ୍.ଏମ୍ , ସି.ଏଚ୍.ଓ. , ଅଙ୍ଗନବାଡି ଓ ଆଶା ଦିଦି ମାନେ ଉପସ୍ଥିତ ରହି ପୋଷଣ ବା ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଆମେ ସବୁସମୟରେ ବାହାରେ ମିଳୁଥିବା ଦାମିକା ଖାଦ୍ୟ ଉପରେ ନିର୍ଭର ନକରି ନିଜ ଘର ବାରିରେ ମିଳୁଥିବା ସଜନା ସାଗ, ସଜନା ଛୁଇଁ, କଂଚା କଦଳି, ଅମୃତଭଣ୍ଡା, କାଗିଜି ଲେମ୍ବୁ ଇତ୍ୟାଦି ସବୁଦିନ ଖାଦ୍ୟରେ ଖାଇଲେ ଶରୀରରେ ଲୌହସାର ବଢ଼ିବା ସହିତ ପୋଷକ ତତ୍ୱ ମଧ୍ୟ ମିଳି ପାରିବ ବୋଲି କୁହାଯାଇଥିଲା । ଗର୍ଭବତି ମହିଳା ମାନେ ପୁଷ୍ଟିକର ଖାଦ୍ୟ ଖାଇଲେ ନିଜେ ସୁସ୍ଥ ରିବା ସହିତ ଜଣେ ସୁସ୍ଥ ଶିଶୁ କୁ ସମାଜକୁ ଆଣିପାରିବେ ବୋଲି ସ୍ୱାସ୍ଥ୍ୟ କର୍ମୀମାନେ ମଧ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ।

# ବାଲିଶଙ୍କରାରେ ସୃଷ୍ଟି ହେଲା 'କାହ୍ନାକୁଣ୍ଡ ବିକାଶ ମଞ୍ଚ'




ସୁନ୍ଦରଗଡ଼,୭।୯ (ସଂଚାର ବ୍ୟୁରୋ)ଃ ଗାଁର ସ୍ୱରକୁ ପ୍ରଶାସନ ପାଖରେ ପହଞ୍ଚାଇବା, ସାଧାରଣ ସମ୍ପଦର ସୁରକ୍ଷା ଓ ସରକାରୀ ଯୋଜନାର ସୁଫଳକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବାଲିଶଙ୍କରା ରେ ଆରମ୍ଭ ହୋଇଛି ଏକ ନୂଆ ସାମୂହିକ ପ୍ରୟାସ। ବିଭିନ୍ନ ସରକାରୀ ବିଭାଗ, ପଞ୍ଚାୟତ ପ୍ରତିନିଧି, ଗୋଷ୍ଠୀ ସଂଗଠନ ଓ ଗ୍ରାମବାସୀଙ୍କୁ ଗୋଟିଏ ମଞ୍ଚରେ ଯୋଡ଼ି ବାଲିଶଙ୍କରାର ସମନ୍ୱିତ ବିକାଶକୁ ନୂଆ ଦିଗ ଦେବା ଲକ୍ଷ୍ୟରେ ଗଠିତ ହୋଇଛି ବହୁବିଧ ଅଂଶୀଦାର ସମୂହଙ୍କ ମଞ୍ଚ -"କାହ୍ନାକୁଣ୍ଡ ବିକାଶ ମଞ୍ଚ"।

ବାଲିଶଙ୍କରା ବ୍ଲକ୍ କନଫରେନ୍ସ ହଲ୍‌ରେ ଆଜି ବ୍ଲକ୍ ସ୍ତରୀୟ ବହୁବିଧ ଅଂଶୀଦାର ସମୂହଙ୍କ ମଞ୍ଚ ବା ମଲ୍ଟି ଏକ୍ଟର ପ୍ଲାଟଫର୍ମର ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମର ସମସ୍ୟା,ସାଧାରଣ ସମ୍ପଦର ସୁରକ୍ଷା ଏବଂ ସରକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଭିନ୍ନ ପକ୍ଷଙ୍କୁ ଏକାଠି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ବୈଠକ ଆରମ୍ଭରେ ଶ୍ରୀ ଅନ୍ନ ଅଭିଜାନ ବାଲିଶଙ୍କରାର ବ୍ଲକ ସଞ୍ଚୋଜିକା ଭାଗ୍ୟଶ୍ରୀ ଜେନା ସମସ୍ତ ଅତିଥି ଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେବକର ସ୍ନିଗ୍ଧାରାଣୀ ମହାକୁଳ ମଲ୍ଟି ଏକ୍ଟର ପ୍ଲାଟଫର୍ମର ପ୍ରାରମ୍ଭିକ ପରିଚୟ ଦେବା ସଙ୍ଗେ ସଙ୍ଗେ ଏହାର ଆବଶ୍ୟକତା ବିଷୟରେ ବୁଝାଇଥିବା ବେଳେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଗ୍ରାମର ସମସ୍ୟା ଏବଂ ତାହାର ସମାଧାନରେ ଲୋକମାନଙ୍କ ଭୂମିକା ବିଷୟରେ ନିଜ ମତ ରଖି କହିଥିଲେ ଯେ, ଗ୍ରାମର ସମସ୍ୟାକୁ ଚିହ୍ନଟ କରିବା ସହିତ ତାହାର ସମାଧାନ ପାଇଁ ଗ୍ରାମବାସୀଙ୍କ ସକ୍ରିୟ ଭାଗୀଦାରି ଆବଶ୍ୟକ। ସରକାରୀ ଯୋଜନା ଓ ସୁବିଧା ଲୋକଙ୍କ ପାଖରେ ପହଞ୍ଚାଇବାରେ ସରକାରୀ ବିଭାଗ ସହିତ ଲୋକଙ୍କ ସହଯୋଗ ମଧ୍ୟ ଜରୁରୀ ବୋଲି କହିଥିଲେ।

ଏହା ପରେ ବ୍ଲକ୍ ଚେୟାରମ୍ୟାନ୍ କୁଞ୍ଜଲତା ଭିତ୍ରିଆ ମଲ୍ଟି ଏକ୍ଟର ପ୍ଲାଟଫର୍ମ ଗଠନର ଗୁରୁତ୍ୱ ବିଷୟରେ କହିଥିଲେ ଯେ, ମ୍ୟାପ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ, ପଞ୍ଚାୟତ, ସ୍ଥାନୀୟ ସଂଗଠନ ଓ ଗ୍ରାମବାସୀ ଏକାଠି ହୋଇ ବ୍ଲକ୍‌ର ବିକାଶ ପାଇଁ କାମ କରିପାରିବେ। ଗ୍ରାମର ପ୍ରକୃତ ସମସ୍ୟାକୁ ଚିହ୍ନଟ କରି ସେହି ଅନୁସାରେ ଯୋଜନା କରିବା ଏବଂ ସରକାରୀ ସୁବିଧାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ମ୍ୟାପ ଏକ ଭଲ ମଞ୍ଚ ହୋଇପାରିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେଶ ନାଏକ ଯୋଗଦେଇ ଦୁର୍ଗମ ଅଞ୍ଚଳର ସମସ୍ୟାକୁ ସଠିକ ମଞ୍ଚରେ ଉପସ୍ଥାପନ କରିବା ନିମନ୍ତେ ମଲ୍ଟି ଏକ୍ଟର ପ୍ଲାଟଫର୍ମ ଏକ ସେତୁ ଭଳି କାର୍ଯ୍ୟ କରିବା ବୋଲି ମତାମତ ଦେଇଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ଖୋରଧା,୭।୯ (ସଂଚାର ବ୍ୟୁରୋ)ଃ ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋତ୍ତମ୍ ଦାସ ଙ୍କ ମିଳିତ ଅଧ୍ୟକ୍ଷତାରେ ଆଜିର ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୮୬ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୬୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ବାଲି ବୋଝେଇ ଟିପ୍ପର ଧକ୍କାରେ ବାଇକ୍ ଚାଳକ ଗୁରୁତର



ଡାବୁଗାଁ,୭।୯ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳର ଡଙ୍ଗରିଗୁଡ଼ା-ବୋରିପଦର ମୁଖ୍ୟ ରାସ୍ତାରେ ସୋମବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ଡାବୁଗାଁ ବ୍ଲକ କୋଇଲାରୀ ଗ୍ରାମର ରଞ୍ଜନ କୁମାର ମାଝୀ (୨୫) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ପ୍ରାୟ ଅପରାହ୍ନ ୪ଟା ୩୦ ମିନିଟ୍ ସମୟରେ ରଞ୍ଜନ ଏକ ନମ୍ବର ବିହୀନ ମୋଟରସାଇକେଲରେ ଡାବୁଗାଁରୁ ନିଜ ଗ୍ରାମ କୋଇଲାରୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ଡଙ୍ଗରିଗୁଡ଼ା-ବୋରିପଦର ମୁଖ୍ୟ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟିପ୍ପର (ନଂ.ଓଡ଼ି୧୦ଏସି୭୯୪୯) ସହ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଫଳରେ ରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଡାବୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି। ଅନ୍ୟପକ୍ଷରେ, ଡାବୁଗାଁ ପୁଲିସ ଦୁର୍ଘଟଣାରେ ସମ୍ପୃକ୍ତ ଟିପ୍ପରକୁ ଜବତ କରିବା ସହ ଏହାର ଚାଳକ ରାଜୁ ହରିଜନ (୩୦)ଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି।

# ୧୭ବର୍ଷର ଭକ୍ତିରେ ୭୦ ଯୁବକଙ୍କ ଶିବ ଶକ୍ତି କ୍ଲବ

- ୧୨ଫୁଟ ବିଶାଳ ମୂର୍ତ୍ତି, କୁନି ପ୍ରତିଭାଙ୍କ ଡ୍ୟାନ୍ସ ଧମାକା
- ଢୋଲ-ମହୁରୀ ଶହ ପାରମ୍ପରିକ ଭସାଣି

କାକଟପୁର/ଅସ୍ତରଙ୍ଗ,୭।୯ (ସଂଚାର ବ୍ୟୁରୋ)ଃଢୋଲ ବାଜିବ , ମହୁରୀ ବାଜିବ , ହୃଦୟ ନାଚବ । ଆଉ ଦିନ କେଇଟା ପରେ ସାରା ଦେଶ ତଥା ପୁରୀ ଜିଲ୍ଲା ଅସ୍ତରଙ୍ଗ ମାଟିରେ ପାଦ ଥାପିବେ ବିଘ୍ନ ବିନାଶନ। ସାରା ଗାଁ ଏବେ ଗୋଟିଏ ନାଁ ଜପୁଛି - ଗଣପତି ବାପ୍ପା ମୋର୍ଯ୍ୟା। ଗାଁ ମଝିରେ ଥିବା ଶିବ ଶକ୍ତି ଯୁଥ କ୍ଲବର ଏହା ହେଉଛି ୧୭ତମ ବର୍ଷ। ୧୭ ବର୍ଷର ନିଆରା ପରମ୍ପରା, ୭୦ ଜଣ ଯୁବକଙ୍କ ରକ୍ତ ଝାଳ ଏକତା। ଏ ବର୍ଷ ସବୁ ସବୁଠୁ ଭଲ କରିବେ ବୋଲି ଶପଥ ନେଇଛନ୍ତି ସଭାପତି ମନୋଜ କୁମାର ସାହୁ ଓ ଉପ ସଭାପତି ରାକେଶ ମହାନ୍ତି।

ଚଳିତ ବର୍ଷର ମାଷ୍ଟର ପ୍ଲାନ - ୧୨ ଫୁଟ ଉଚ୍ଚର ମହାକାୟ ଗଜାନନ। ଅସ୍ତରଙ୍ଗ ବ୍ଲକର ନିର୍ଦ୍ଦିଷ୍ଟ ମୂର୍ତ୍ତି ସେଣ୍ଟର କୁମ୍ଭକାର ଶିଳ୍ପୀଙ୍କ ହାତରେ ଗଢ଼ା ହେଉଛି ରାଜା ବେଶର ମୂର୍ତ୍ତି।ଇଣ୍ଟରନେଟରୁ ଡିଜାଇନ ଆଣି ମାଟିରେ ଉତାରିଛନ୍ତି। ମୁକୁଟରୁ ମୂଷିକ ଯାଏଁ ଚମକ। ଏବେ ଶେଷ ତୂଳୀ ଚାଲିଛି।

କେବଳ ମୂର୍ତ୍ତି ନୁହେଁ, ଏ ବର୍ଷ ମଞ୍ଚ ଶହ ସନ୍ଧ୍ୟା ଆକର୍ଷଣୀୟ ହେବ । ଅସ୍ତରଙ୍ଗ ଅଞ୍ଚଳର କୁନି କୁନି ପ୍ରତିଭାଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। କାହାର ନାଚ, କାହାର ଗୀତ, କାହାର ଅଭିନୟ। ଛୋଟ ପିଲାଙ୍କୁ ବଡ ମଞ୍ଚ ଦେବ ଶିବ ଶକ୍ତି କ୍ଲବ। ହାଇଲାଇଟ୍ - ବିଶାଳ ଡ୍ୟାନ୍ସ କମ୍ପିଟିସନ। ପୁରୀ ଜିଲ୍ଲାର ଡ୍ୟାନ୍ସ ପ୍ରତିଭା ଆସିବେ, ଷ୍ଟେପ୍ ଦେଖାଇବେ, ପୁରସ୍କାର ନେବେ। ଦର୍ଶକଙ୍କ ପାଇଁ ଫୁଲ୍ ମନୋରଞ୍ଜନ ଗ୍ୟାରେଣ୍ଟି।

ଭସାଣି ହେବ ଇମୋସନାଲ। କ୍ଲବ କହିଛି - ଡିଜେ ବନ୍ଦ, ପରମ୍ପରାକୁ ବନ୍ଦନା। ପାରମ୍ପରିକ ବାଦ୍ୟ ଯନ୍ତ୍ର - ଢୋଲ, ମହୁରୀ, ମୃଦଙ୍ଗ, ଶଙ୍ଖ ଧ୍ୱନିରେ ବାପ୍ପାଙ୍କ ବିଦାୟ। ଆଖିରେ ଲୁହ, ମୁହଁରେ ହସ, ହୃଦୟରେ ଭକ୍ତି।

ସଭାପତି ମନୋଜ କୁହନ୍ତି - ଆମେ ୧୭ ବର୍ଷ ଧରି ପୂଜା କରୁନୁ, ଗାଁକୁ ଯୋଡୁଛୁ। ରାକେଶ କୁହନ୍ତି - ଆମ ୭୦ ଜଣଙ୍କ ପରିବାର ଏକ। ଏ ବର୍ଷ ଅସ୍ତରଙ୍ଗ ଦେଖିବ ନୂଆ ଚମକ। ଶିବ ଶକ୍ତି ଯୁଥ କ୍ଲବର ଏହି ଆୟୋଜନକୁ ସମସ୍ତଙ୍କୁ ନିମନ୍ତ୍ରଣ।



# ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ



ବାଲିଆପାଳ,୭।୯ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣରେଖା ନଦୀର ଭୟଙ୍କର ବନ୍ୟା ଆସିବା ଫଳରେ ବାଲିଆପାଳ ବ୍ଲକର ଅନେକ ପଞ୍ଚାୟତର ବ୍ୟାପକ କ୍ଷୟକ୍ଷତି ହୋଇଛି। ବନ୍ୟାପାଣିରେ ଚାଷଜମି, ରାସ୍ତାଘାଟ ଠାରୁ ଆରମ୍ଭ କରି ଘରେ ଘରେ ପାଣି ପଶିଯିବାରୁ ବହୁ ଲୋକଙ୍କ ଜୀବନ ଜୀବିକା ଉଜାଡ଼ି ହୋଇପଡିଛି। ଅଭିନନ୍ଦନ ଷ୍ଟୋର ଓ ଫିଡ଼ମ ତେଲ କମ୍ପାନୀ ଲୋକଙ୍କ ପାଖରେ ପହଞ୍ଚି ନିଜ ସାମର୍ଥ୍ୟ ଅନୁସାରେ ବିନୋଦ ଭଦ୍ର, ଦୀପକ ଭଦ୍ର, ଅମିତ କୁମାର ଧଳ, ଦବେଶଙ୍କର ବିଶ୍ୱାଳ, ଗୋପାଳ ସାହୁ, ମନମୋହନ ଭଦ୍ର ଲୋକ ମାନଙ୍କ ପାଖରେ ଛିଡ଼ା ହୋଇ ହସ ଫୁଟେଇବା ପାଇଁ ଚେଷ୍ଟା କରୁଛନ୍ତି। ଅସ୍ତି ପଞ୍ଚାୟତର ପାଳ ଚମ୍ପେଇ ଏବଂ ବାଲିଆପାଳ ପଂଚାୟତରେ ସୁଙ୍ଗମୁହଁ ସମେତ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ପାନୀୟ ଜଳ ବଣ୍ଟନ କରିଥିଲେ।

# ସାମ୍ବାଦିକ ସଙ୍ଘ ପକ୍ଷରୁ ବନ୍ଧୁ ମିଳନ



ଟାଙ୍ଗୀ,୭।୯ (ସଂଚାର ବ୍ୟୁରୋ)ଃ ଖୋରଧା ଜିଲ୍ଲା ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘ ପକ୍ଷରୁ ଟାଙ୍ଗୀ ଡାକ ବଙ୍ଗଳା ଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ସାମ୍ବାଦିକ ସଙ୍ଘର ସଭାପତି ରାମଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକ୍ଷକ ଡା ସତ୍ୟ ରଂଜନ ନନ୍ଦ, ଖୋର୍ଦ୍ଧା ବିଧାୟକ ଙ୍କ ପ୍ରତିନିଧି ଭାଗିରଥି ସାମନ୍ତରାୟ, ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି,, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ପୁଲିସ ଏଏସ୍‌ଆଇ ବସନ୍ତ କୁମାର ବେହେରା, ଏଏସ୍‌ଆଇ ତପନ କୁମାର ପ୍ରଧାନ,ଆତ୍ମା ସଭାପତି ସୁକାନ୍ତ କୁମାର ରାଉତରାୟ, ଚିଲିକା କେନ୍ଦ୍ରୀୟ ମତ୍ସ୍ୟ ସମବାୟ ସମିତି ନିର୍ଦ୍ଧେଶକ ଦିଲିପ କୁମାର ବେହେରା, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନା, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ସମାଜ ଗଠନ ରେ ସଦା ସର୍ବଦା ଗଣମାଧ୍ୟମ ର ଉଲ୍ଲେଖନୀୟ ଭୂମିକା ରହିଛି, ଗଣ ମାଧ୍ୟମ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଖବର ପଛରେ ନ ଦୌଡ଼ି ସୁସ୍ଥ ସମାଜ ଗଠନ ପାଇଁ ବ୍ରତୀ ହେବା ଆବଶ୍ୟକ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ତେବେ ଟାଙ୍ଗୀ ଏନ୍‌ଏସି ନୂତନ ଭାବେ ଗଠନ ହୋଇ ଥିବାରୁ ସାମ୍ବାଦିକ ମାନେ ଉକ୍ତ ଏନ୍‌ଏସିକୁ ସରସ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଏହା ସହ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଯୁବ ସାମ୍ବାଦିକ ମନୋଜ କୁମାର ନାଇଡୁ ଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ସର୍ବ ସମ୍ମତି କ୍ରମେ ଘୋଷଣା କରାଯାଇଥିଲା।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଆପାଳ,୭।୯ (ସଂଚାର ବ୍ୟୁରୋ)ଃବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଛାନୁଆ ଛକ ନିକଟସ୍ଥ ଏକ ପରିତ୍ୟକ୍ତ ପୋଖରୀ ରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର. ସୂଚନା ଅନୁସାରେ ଗ୍ରାମ ର ସନାତନ ବେହେରା (୪୦) ସମୁଦ୍ର ରୁ ମାଛ ଧରି ଚଳି ଅସନ୍ତି. ନିଜର ଏକମାତ୍ର ଭଉଣୀ ବ୍ୟତୀତ ଆଉ କେହି ନାହାନ୍ତି। ଯାହା ରୋଜଗାର କରନ୍ତି, ପଡୋଶୀ ଘର ମାନଙ୍କ ରେ ଟଙ୍କା ଦେଇ ଖିଆପିଆ କରନ୍ତି ତ କେତେବେଳେ ଭଉଣୀ ଘରକୁ ଯାଇ ଖାଆନ୍ତି। ତେବେ ଗତ କାଲି ସକାଳ ସମୟରେ ଭଉଣୀ ସହ କଥାବାର୍ତ୍ତା କରିଥିବା ବେଳେ ଆଜି ସକାଳ ସମୟରେ ଏକ ପରିତ୍ୟକ୍ତ ପୋଖରୀ ରେ ଜଣେ ଯୁବକଙ୍କ ମୃତ ଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେଇଥିଲେ। ପୋଲିସ ଶବକୁ ଉଦ୍ଧାର କରି ପୋଷ୍ଟ ମର୍ଟମ ପାଇଁ ବସ୍ତା ମେଡିକାଲକୁ ପଠାଇଥିବା ବେଳେ ମୃତକ ସନାତନ ବେହେରା ବୋଲି ଜଣାପଡିଥିଲା.ତେବେ ସନାତନ ର ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



# ନିଜ ବିଦ୍ୟାଳୟରେ ଛାତ୍ରରୁ ପ୍ରଧାନ ଶିକ୍ଷକ, ସୃଷ୍ଟି ହେଲା ଭାବବିହ୍ୱଳ ପରିବେଶ



ମାଲକାନଗିରି,୭।୯ (ସଂଚାର ବ୍ୟୁରୋ)ଃ ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଭାବେ ଶ୍ରୀ ସୁକାନ୍ତ କୁମାର ସାହୁ ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ବିଶେଷ କଥା ହେଉଛି, ଶ୍ରୀ ସାହୁ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ନିଜର ଶିକ୍ଷାର୍ଥୀ ଜୀବନ ଆରମ୍ଭ କରିଥିଲେ। ଦିନେ ଯେଉଁ ବିଦ୍ୟାଳୟରେ ସେ ଛାତ୍ର ଭାବେ ଶିକ୍ଷା ଗ୍ରହଣ କରିଥିଲେ, ଆଜି ସେହି ବିଦ୍ୟାଳୟର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ନିଜ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେବାର ସୁଯୋଗକୁ ଶ୍ରୀ ସାହୁ ଭଗବାନଙ୍କ ଆଶୀର୍ବାଦ ବୋଲି ଅଭିହିତ କରିଛନ୍ତି। ତାଙ୍କର ଏହି ନିଯୁକ୍ତି ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇ ଦେଇଛି।

ଶ୍ରୀ ସାହୁ ଜିଲ୍ଲାର ଜଣେ ବିଶିଷ୍ଟ ଶିକ୍ଷାବିତ ଭାବେ ପରିଚିତ। ସେ ଜଣେ ରାଜ୍ୟ ସାଧନକର୍ମୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଆସିଛନ୍ତି। ଅଭିନବ ଶୈକ୍ଷିକ କାର୍ଯ୍ୟକଳାପ ଓ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଶିକ୍ଷାର ଗୁଣାତ୍ମକ ବିକାଶ ସହିତ ନୂତନ ଶିକ୍ଷଣ ପଦ୍ଧତି ପ୍ରୟୋଗରେ ମଧ୍ୟ ତାଙ୍କର ଦକ୍ଷତା ରହିଛି।

ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ସାହୁ କହିଛନ୍ତି ଯେ, ନିଜେ ଯେଉଁ ବିଦ୍ୟାଳୟରେ ଶିକ୍ଷାର ପ୍ରଥମ ପାହାଚ ଚଢ଼ିଥିଲେ, ସେହି ବିଦ୍ୟାଳୟର ସର୍ବାଙ୍ଗୀଣ ବିକାଶ ପାଇଁ କାମ କରିବା ତାଙ୍କ ପାଇଁ ଏକ ବଡ଼ ସୁଯୋଗ ଓ ଗୌରବର ବିଷୟ। ବିଦ୍ୟାଳୟଟିକୁ ଏକ ଆଦର୍ଶ ବିଦ୍ୟାଳୟ ଭାବେ ଗଢ଼ି ତୋଳିବା ସହିତ ଜିଲ୍ଲାର ଏକ ନମ୍ବର ବିଦ୍ୟାଳୟରେ ପରିଣତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

ଏଥିସହିତ ବିଦ୍ୟାଳୟର ଶିକ୍ଷାଦାନର ମାନ ବୃଦ୍ଧି, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ, ଶୈକ୍ଷିକ ଓ ସହ-ଶୈକ୍ଷିକ କାର୍ଯ୍ୟକଳାପର ପ୍ରସାର, ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଏବଂ ଏକ ସୁସ୍ଥ ଶିକ୍ଷଣ ପରିବେଶ ସୃଷ୍ଟି ଦିଗରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ତେବେ ଏହି ଲକ୍ଷ୍ୟ ପୂରଣ ପାଇଁ ସ୍ଥାନୀୟ ପ୍ରଶାସନ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଞ୍ଚଳବାସୀଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି

ଛାତ୍ର ଜୀବନରୁ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ପର୍ଯ୍ୟନ୍ତ ଶ୍ରୀ ସାହୁଙ୍କ ଯାତ୍ରା କେବଳ ଏକ ସଫଳତାର କାହାଣୀ ନୁହେଁ, ବରଂ ଏହା ଏକ ବିଦ୍ୟାଳୟ ଓ ଜଣେ ଛାତ୍ରଙ୍କ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କର ଏକ ଅନନ୍ୟ ଉଦାହରଣ।




# ଅଙ୍ଗୁର ନା କିସମିସ

## ସ୍ୱାସ୍ଥ୍ୟ ପାଇଁ କିଏ ଉପକାରୀ

ଫଳ ଏବଂ ଡ୍ରାଏ ଫ୍ରୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ। ତେବେ ଆଜି ଆମେ ଅଙ୍ଗୁର ଏବଂ ସେଥିରୁ ପ୍ରସ୍ତୁତ କିସମିସ୍ ବିଷୟରେ ଜଣାଇବୁ। ଅଙ୍ଗୁର ଏପରି ଏକ ଫଳ ଯାହାର ମିଠା ଏବଂ ଖଟା ସ୍ୱାଦ ଅନେକ ଲୋକଙ୍କୁ ଭଲ ଲାଗିଥାଏ। କିସମିସ୍ ଅଙ୍ଗୁର ଶୁଖାଇବା ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯାହାକୁ ଅନେକ ଲୋକ ପସନ୍ଦ କରନ୍ତି। ଏହା ମିଠା ଖାଦ୍ୟ ସଜାଇବା ପାଇଁ ବ୍ୟବହୃତ ହୋଇଥାଏ। ଅଙ୍ଗୁରରେ ୮୦ ପ୍ରତିଶତ ଜଳ ଥାଏ, ତେବେ ଏହାକୁ ଶୁଖାଇବା ଦ୍ୱାରା ସେ କିସ୍‌ମିସ୍‌ରେ ପରିଣତ ହୋଇଥିବା, ଏହା ଦ୍ୱାରା ସେଥିରେ ଜଳ ମାତ୍ର ୧୫ ପ୍ରତିଶତକୁ କମ୍ ହୋଇଯାଏ। ବର୍ତ୍ତମାନ ପ୍ରଶ୍ନ ଉଠିଛି ଯେ ଯେତେବେଳେ ଉଭୟ ଅଙ୍ଗୁର ଏବଂ କିସମିସ୍ ସ୍ୱାସ୍ଥ୍ୟ ପାଇଁ କେଉଁଟା ଲାଭଦାୟକ? ତେବେ କେଉଁ ଜିନିଷକୁ ଅଧିକ ସୁସ୍ଥ ବୋଲି ବିବେଚନା କରାଯିବା ଉଚିତ୍ ? ତାହେଲେ ଆସନ୍ତୁ ଜାଣିବା ଯେ ଏହି ଦୁଇଟି ଜିନିଷରୁ କେଉଁ ଜିନିଷ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

କିସମିସ୍ ଖାଇବାର ଲାଭ: କିସମିସ୍‌ରେ ଅଙ୍ଗୁର ଅପେକ୍ଷା ଅଧିକ କ୍ୟାଲୋରୀ ଥାଏ। ବାସ୍ତବରେ ଅଙ୍ଗୁର ଶୁଖିବା ପରେ କିସମିସ୍ ପ୍ରସ୍ତୁତ କରାଯାଏ। ଏହି ପ୍ରକ୍ରିୟାରେ, ଚିନି ଏବଂ ଆଣ୍ଟିଅକ୍ସିଡାଣ୍ଟ ବ୍ୟବହାର କରାଯାଏ। ଯାହା କ୍ୟାଲୋରୀରେ ଭରପୁର। ଯଦି ଆପଣ ଅଧା କପ୍ ଅଙ୍ଗୁର ଖାଆନ୍ତି, ତେବେ ଆପଣଙ୍କୁ କେବଳ ୩୦ କ୍ୟାଲୋରୀ ମିଳିବ। ଏଥିସହ କିସମିସକୁ ଫାଇବରର ଏକ ଭଲ ଉତ୍ସ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ଏଥିରେ ଆଇରନ୍ ଏବଂ ପୋଟାସିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଥାଏ। କିସମିସ୍‌ରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ରହିଛି। ଯାହା ଅନ୍ତନଳୀରେ ଥିବା ଜୀବାଣୁକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ।

ଅଙ୍ଗୁର ଖାଇବାର ଲାଭ: ଅଙ୍ଗୁରରେ ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ସ୍କିନକୁ ଭଲ ରଖିବାରେ ସାହାଯ୍ୟ କରିଥାଏ। ଏହା କେବଳ ସ୍କିନ ସମସ୍ୟାରୁ ରକ୍ଷା କରିନଥାଏ ବରଂ କ୍ୟାନ୍ସର ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ। ଯଦି ଆପଣ ଅଙ୍ଗୁର ଖାଉଛନ୍ତି, ତେବେ ଏହା ଆପଣଙ୍କୁ ମୁହଁରୁ ଅନେକ ଦାଗ ମଧ୍ୟ ଦୂର କରିବ। ଉଭୟ ଜିନିଷ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ, କିନ୍ତୁ ଅଙ୍ଗୁର ଅଧିକ ସୁସ୍ଥ ବୋଲି ବିବେଚନା କରାଯାଏ କାରଣ ଯେଉଁ ଜିନିଷରେ କ୍ୟାଲୋରୀ କମ୍ ଥାଏ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ତେଣୁ ଆପଣ ପ୍ରତିଦିନ ଫଳ ଖାଇବାକୁ ଚେଷ୍ଟା କରନ୍ତୁ। ଯାହାଦ୍ୱାରା ଆପଣ ସୁସ୍ଥ ରହିବେ ଏବଂ ବିଭିନ୍ନ ପ୍ରକାରର ସମସ୍ୟାରୁ ମଧ୍ୟ ଦୂରେଇ ରହିବେ।



# ଅଦା ପାଣିରେ ଦୂରହୁଏ ଋତୁସ୍ରାବ ଯନ୍ତ୍ରଣା

ଅଦାରେ ଅନେକ ଔଷଧୀୟ ଗୁଣ ରହିଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଅଦାକୁ ଅନେକ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରେ ଜିଞ୍ଜେରୋଲ, ଫାଇବର, କ୍ୟାଲସିୟମ, ପୋଟାସିୟମ ଓ ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯେଉଁଥିରୁ ଅନେକ ସ୍ୱାସ୍ଥ୍ୟ ଜନିତ ଉପକାର ମିଳେ। ତା'ହେଲେ ଆସନ୍ତୁ ଜାଣିବା ଅଦା ଖାଇଲେ କେଉଁ ସବୁ ସମସ୍ୟାରୁ ମୁକ୍ତି ମିଳିଥାଏ। ଅଦା ରସ ମିଶା ପାଣି ପିଇଲେ ପାଚନ କ୍ରିୟା ଠିକ୍ ହୋଇଥାଏ। ତା'ସହିତ ଗ୍ୟାସ ଜନିତ ଜଳାପୋଡା ମଧ୍ୟ ଦୂର ହୋଇଥାଏ। ଅଦାରେ ଥିବା ଜିଙ୍କ ତତ୍ତ୍ୱ ଯୋଗୁଁ ଶରୀରରେ ଇନସୁଲିନ୍ ବୃଦ୍ଧି ପାଇଥାଏ। ଫଳରେ ଡାଇବେଟିସ ରୋଗୀଙ୍କ ବ୍ଲଡ ସୁଗାର ସ୍ତର ନିୟନ୍ତ୍ରିତ ହୁଏ। ଅଦା ଖାଇଲେ ଶରୀରରୁ ଅତିରିକ୍ତ ଫ୍ୟାଟ ବାହାରିଯାଏ। ତେଣୁ ଓଜନ କମ୍ ହୋଇଥାଏ। ଅଦାରେ ଜିରୋ କ୍ୟାଲୋରୀ ରହିଛି। ଗବେଷଣାରୁ ଜଣାପଡ଼ିଛି ଯେ ମାସିକ ଋତୁସ୍ରାବ ସମୟରେ ମହିଳାମାନେ ହାଲକା ଅଦା ରସ ମମିଶା ଉଷୁମ ପାଣି ପିଇଲେ ଭଲ। ଏହାଦ୍ୱାରା ପେଟ ଯନ୍ତ୍ରଣା କମ୍ ହୋଇଥାଏ। ଅଦାରେ ଥିବା ଆଣ୍ଟି-ଇନଫ୍ଲୋମେଣ୍ଟାରୀ ଗୁଣ ଆରାମମ ପ୍ରଦାନ କରିଥାଏ। ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହେଲେ ଅଦା ରସ ମିଶା ପାଣି ପିଅନ୍ତୁ। ଏହା ମାଂସପେଶୀକୁ ଆରାମମ ଦେଇଥାଏ। ସକାଳଲୁ ଉଠିବା ପରେ ଦୁର୍ବଳ ଲାଗୁଥିଲେ ଅଦା ରସ ମିଶା ପାଣି ପିଇବା ଅଭ୍ୟାସ କରନ୍ତୁ। ଏପରିକି ଆପଣ ବାନ୍ତିଡି ଲାଗିବା ସମୟରେ ମଧ୍ୟ ଅଦା ପାଣି ପିଇପାରିବେ।





# ଅସ୍ଥିଜନିତ ରୋଗ ପାଇଁ ଆଖୁରସ

ସୁସ୍ଥ ରହିବାକୁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଅନେକ ଉପଚାରକୁ ଆପଣାଇ ଥାଆନ୍ତି। କିଏ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ପୋଷକଯୁକ୍ତ ଖାଦ୍ୟ ତାଙ୍କ ଖାଇବା ଲିଷ୍ଟରେ ଆଡ୍ କରିଥାଆନ୍ତି।

ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ସୁସ୍ଥ ଶରୀର ପାଇଁ ଜୁସ ମଧ୍ୟ ଖୁବ ଲାଭକାରୀ। ଖାଲି ଫଳ ନୁହେଁ ପନିପରିବା ଜୁସ ବି ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭକାରୀ। ଋତୁ ଅନୁସାରେ ମିଳୁଥିବା ଫଳ ଜୁସ ପିଇଲେ ଶରୀରକୁ ଆବଶ୍ୟକ ମୁତାବକ ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ କିଛି ଫଳ ଏମିତି ଅଛି ଯାହାର ଜୁସ ବର୍ଷର ଯେକୌଣସି ସମୟରେ ବି ପିଇଲେ ଆପଣଙ୍କ ଶରୀରକୁ ଫାଇଦା ମିଳିଥାଏ। ଆପଣ ମାନେ ତ ଆଖୁ ଖାଇଥିବେ ଆଉ ଏହାର ଜୁସ ବି ପିଇଥିବେ। ଶୀତଋତୁରେ ଏହାର ରସ ଶରୀରକୁ ପୋଷକ ଯୋଗାଇଥିବା ବେଳେ ଗରମ ଦିନରେ ଏହା ଥଣ୍ଡା ରଖିଥାଏ। ଖାଲି ସେତିକି ନୁହେଁ ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଆଉ ସବୁଠୁ ବଡ କଥା ହେଉଛି ଆଖୁରସରେ ଫ୍ୟାଟ ଖୁବ କମ ପରିମାଣରେ ଥାଏ। ତେବେ ଆସନ୍ତୁ ଆଖୁର ଆଉ କିଛି ଉପକାରୀ ଗୁଣ ବିଷୟରେ ଜାଣିବା। ଆଖୁରସରେ କିଛି ଲେମ୍ବୁରସ ସହ ହାଲୁକା ସୈନ୍ଧବ ଲବଣ ମିଶାଇ ପିଇଲେ ଶରୀରକୁ ଏନର୍ଜି ମିଳିଥାଏ | ଆଉ ମଧ୍ୟ ଆଖୁରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ସହ ଫ୍ରେସ ଆଖୁ ରସ ପିଇଲେ ଜଣ୍ଡିସ, ଆନିମିଆ, ଏସିଡ଼ିଟି ପରି ରୋଗରୁ ମୁକ୍ତି ମିଳିଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ଆଖୁରେ ପ୍ରଚୁର ଗ୍ଲୁକୋଜ ଥିବାରୁ ଏହା ଶରୀରର ଗ୍ଲୁକୋଜକୁ ବାଲାନ୍ସ କରିଥାଏ। ତେଣୁ ଏହାକୁ ଡାଇବେଟିସ ରୋଗୀ ମାନେ ମଧ୍ୟ ପିଇପାରିବେ। ଆଉ ଏଥିରେ କୌଣସି ପ୍ରକାର କେମିକାଲ ନଥାଏ। ଯାହା ପ୍ରାକୃତିକ ମିଠାରେ ପରିପୂର୍ଣ୍ଣ। ଏହା ବ୍ୟତୀତ ଅନେକ ବଡ ବଡ ରୋଗ ପାଇଁ ଆଖୁରସ ଗୁଣକାରୀ ବୋଲି ବୈଜ୍ଞାନିକ ମାନେ ମତ ଦେଇଛନ୍ତି। ଜଣ୍ଡିଜ ରୋଗୀ ମାନେ ନିୟମିତ ଭାବରେ ଏହାର ରସ ପିଇଲେ ସେମାନଙ୍କ ଲିଭର ସୁସ୍ଥ ରହିଥାଏ। ଯାହାକୁ ଲିଭରର ସଂଜୀବନୀ ଭାବେ ପ୍ରମାଣିତ ହୋଇଛି। ଆଖୁ ରସ ଇମ୍ୟୁନିଟି ବୃଦ୍ଧି କରିବା ସହ ଓଜନ କମ କରିବାରେ ସାହାଯ୍ୟ କରିଥାଏ। ଖୁବ କମ ଲୋକ ଜାଣନ୍ତି ଆଖୁ ରସ ତ୍ୱଚାରେ ଚମକ ଆଣିପାରେ। ଆଖୁ ରସ ପିଇବା ଦ୍ୱାରା ବ୍ରଣ ଆଦିରୁ ମଧ୍ୟ ମୁକ୍ତି ମିଳିଥାଏ। ଆଖୁରସ ପିଇଲେ ଏହା ରକ୍ତ ସଫା କରିବା ସହ ଏଥିରେ ଥିବା କ୍ୟାଲସିୟମ, ମ୍ୟାଗନେସିୟମ, ଫସଫରସ, ଆଇରନ, ପୋଟାସିୟମ ଆମ ହାଡ ମଜବୁତ କରିଥାଏ।



# ଅଧିକ ଫେସିଆଲ୍ କରୁଛନ୍ତି କି ?



ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି। ଫେସିଆଲ୍ କଲେ ମୁହଁର ଗ୍ଲୋ ବିଥାଏ। କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ। ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ। ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏୟ ଏହି କ୍ରୀମ୍ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ। ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ। ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏୟ ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ୍ୟ ପଡ଼ିଥାଏ। ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ। ଏପରିକି ତେଲିଆ ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା। ତେଣୁ ତେଲିଆ ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ। ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ। ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ୍ୟ ବିଥାଏ। ଅଧିକ ଫେସିଆଲ୍, କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ। ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ।

# ବାରମ୍ବାର ପଡ଼ିବା ପିଲାର ମସ୍ତିଷ୍କକୁ ପ୍ରଭାବିତ କରେ କି ?

ଛୋଟ ପିଲାମାନେ ଖେଳୁଥିବା ସମୟରେ ଏବଂ ନୂଆ ଜିନିଷ ଶିଖିବା ସମୟରେ ପଡ଼ିଯିବା ଏକ ସାଧାରଣ କଥା। ଏହି ବୟସରେ ସେମାନଙ୍କର ସନ୍ତୁଳନ ଏବଂ ଗତିଶୀଳତା ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ, ତେଣୁ ପଡ଼ିଯିବାକୁ ସାଧାରଣ ବୋଲି ବିବେଚନା କରାଯାଏ। ତଥାପି, ଯେତେବେଳେ ଏକ ପିଲା ବାରମ୍ବାର ପଡ଼ିଯାଏ, ଏହା ପିତାମାତାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ପିଲାମାନେ ଖେଳୁଥିବା ସମୟରେ ଧ୍ୟାନ ଅଭାବରୁ, ଖସିଯିବାରୁ କିମ୍ବା ଶୀଘ୍ର ଚାଲିବାକୁ ଚେଷ୍ଟା କରିବାରୁ ପ୍ରାୟତଃ ପଡ଼ିଯାଆନ୍ତି, ଯାହା ସେମାନଙ୍କ ଶିଖିବା ପ୍ରକ୍ରିୟାର ଏକ ଅଂଶ। ତଥାପି, ପ୍ରତ୍ୟେକ ପଡ଼ିବା ସ୍ୱାଭାବିକ ନୁହେଁ, ଏବଂ କିଛି କ୍ଷେତ୍ରରେ ଏହା ପଛରେ ଏକ କାରଣ ଥାଇପାରେ। ତେଣୁ, ପିଲାର ଆଚରଣ ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଆସନ୍ତୁ ଜାଣିବା ଯେ ବାରମ୍ବାର ପଡ଼ିବା ପିଲାମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରେ କି ନାହିଁ ଏବଂ କେବେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ବାରମ୍ବାର ପଡ଼ିଯିବା ଦ୍ୱାରା ପିଲାର ମସ୍ତିଷ୍କ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ିଥାଏ। ଛୋଟ ପଡ଼ିବା ସାଧାରଣତଃ ଗୁରୁତର ସମସ୍ୟା ସୃଷ୍ଟି କରେ ନାହିଁ, ବିଶେଷକରି ଯଦି ପିଲାଟି ସକ୍ରିୟ ଥାଏ ଏବଂ ସାଧାରଣ ଭାବରେ ବ୍ୟବହାର କରୁଥାଏ। ତଥାପି, ଯଦି ପଡ଼ିଯିବା ଫଳରେ ମୁଣ୍ଡରେ ଆଘାତ ଲାଗେ, ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ବାରମ୍ବାର ମୁଣ୍ଡ ଆଘାତ କେତେକ କ୍ଷେତ୍ରରେ ସମସ୍ୟାକୁ ଆହୁରି ଖରାପ କରିପାରେ, ତେଣୁ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ନେବା ଗୁରୁତ୍ୱପୂର୍ଣ୍ଣ। ପିଲାଟିର ସନ୍ତୁଳନ, ଚାଲିବା ଏବଂ ପ୍ରତିଫଳନ ସ୍ୱାଭାବିକ ହେବା ନିଶ୍ଚିତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି କୌଣସି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଭଲ।

ଯଦି ଆପଣଙ୍କ ପିଲା କୌଣସି ସ୍ପଷ୍ଟ କାରଣ ବିନା ବାରମ୍ବାର ପଡ଼ିଯାଉଛି, ତେବେ ଏହା ଚିନ୍ତାର କାରଣ ହୋଇପାରେ। ଯଦି ସେମାନେ ମୁଣ୍ଡ ବୁଲାଉଛନ୍ତି, ଦୁର୍ବଳ ହେଉଛନ୍ତି, କିମ୍ବା ସନ୍ତୁଳନ ରକ୍ଷା କରିବାରେ ଅସୁବିଧା ଅନୁଭବ କରୁଛନ୍ତି, ତେବେ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହା ସହିତ, ପଡ଼ିଯିବା ପରେ ପିଲାର ଆଳସ୍ୟ, ଲଗାତାର କାନ୍ଦିବା କିମ୍ବା ଆଚରଣରେ ହଠାତ୍ ପରିବର୍ତ୍ତନ ମଧ୍ୟ ଲକ୍ଷଣ ହୋଇପାରେ। ଏହି ଲକ୍ଷଣଗୁଡ଼ିକୁ ଅଣଦେଖା କରିବା ଉଚିତ୍ ନୁହେଁ। ଯଦି ଆପଣଙ୍କ ପିଲା ବାରମ୍ବାର ପଡ଼ିଯାଉଛି ଏବଂ ବିଶେଷକରି ମୁଣ୍ଡରେ ଆଘାତ ପାଉଛି, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଯଦି ପଡ଼ିବା ପରେ ବାନ୍ତି ହୁଏ, ଗୁରୁତର ମୁଣ୍ଡବିନ୍ଧା ହୁଏ କିମ୍ବା ଚେତାଶୂନ୍ୟ ହୁଏ, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉଚିତ। ଯଦି ପିଲାଟି ଚାଲିବାରେ ଅସ୍ୱାଭାବିକତା ଦେଖାଉଛି କିମ୍ବା ତା'ର କାର୍ଯ୍ୟକଳାପରେ ପରିବର୍ତ୍ତନ ହେଉଛି, ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ସମୟ ମଧ୍ୟରେ ଉପଯୁକ୍ତ ଚିକିତ୍ସା ଦିଆଯାଇପାରିବ।



### ୩୦ ବର୍ଷ ହେଲା ବନ୍ୟା ଘେରରେ ବିଦ୍ୟାଳୟ

# ସାହି କୋଠଘରେ ପଢୁଛନ୍ତି ୪୪ ଛାତ୍ରଛାତ୍ରୀ



**ଢେଙ୍କାନାଳ,୭।୯(ସଂଚାର ବ୍ୟୁରୋ):** ଶିକ୍ଷାର ବିକାଶ ପାଇଁ ମାଳମାଳ ଯୋଜନା କରୁଛନ୍ତି ସରକାର । ହେଲେ ଢେଙ୍କାନାଳ ଭୁବନର ଏହି ଚିତ୍ର ସରକାରୀ ଯୋଜନା ଉପରେ ଉଠାଇଛି ବଡ଼ ପ୍ରଶ୍ନ । ଦୀର୍ଘ ୩୦ ବର୍ଷ ହେଲା ବର୍ଷା ଦିନେ ବ୍ରାହ୍ମଣୀ ନଦୀର ବଢ଼ିପାଣିରେ ବିଦ୍ୟାଳୟ ଚାରିପଟ ଜଳମଗ୍ନ ହୋଇଯାଉଛି । ହେଲେ ଆଜି ଯାଏଁ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଢେଙ୍କାନାଳ ଭୁବନ ବ୍ଲକ ଯମୁନାକୋର୍ଟ ପଞ୍ଚାୟତର ନୃସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଶିଶୁବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟ ବର୍ଷା ଦିନ ଆସିଲେ ପାଲଟିଯାଏ ଏକ ଦ୍ୱୀପ । ବ୍ରାହ୍ମଣୀ ନଦୀର ବଢ଼ିପାଣିରେ ସ୍କୁଲର ଚାରିପଟ ଜଳମଗ୍ନ ହୋଇଯିବା ସହ ବିଦ୍ୟାଳୟକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ । ସ୍କୁଲ ପରିସରକୁ ଯିବା ରାସ୍ତା ପାଣିଘେରରେ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଯିବା କଷ୍ଟକର ହୋଇପଡ଼େ । ଏବେ ପରିସ୍ଥିତି ଏମିତି ଯେ, ସ୍କୁଲକୁ ଯିବା ସମ୍ଭବ ନହେବାରୁ ମାସେରୁ ଅଧିକ ସମୟ ହେଲାଣି ସାହି କୋଠଘରେ ଅସ୍ଥାୟୀ ଭାବେ ଚାଲିଛି ବିଦ୍ୟାଳୟ । ହେଲେ ସେଠାରେ ବିଦ୍ୟାଳୟ ଭଳି ପରିବେଶ ନାହିଁ କି ଆବଶ୍ୟକ ଶିକ୍ଷାଦାନ ସୁବିଧା ନାହିଁ । ଏପରିକି ବିନା କଳାପଟାରେ ପାଠ ପଢୁଛନ୍ତି ୪୪ ଜଣ ଛାତ୍ରଛାତ୍ରୀ । ବିଦ୍ୟାଳୟ ନିର୍ମାଣ ହେବା ଦିନଠାରୁ ଅର୍ଥାତ୍ ଦୀର୍ଘ ୩୦ ବର୍ଷ ହେଲାଣି ଏଭଳି ସମସ୍ୟା ଲାଗି ରହିଛି। ବର୍ଷା ଆସିଲେ ସ୍କୁଲ ଚାରିପଟ ପାଣିରେ ବୁଡ଼ିଯାଉଛି। ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ବଢ଼ିଛି । ସ୍ଥାୟୀ ଭାବରେ ଉଚ୍ଚା ରାସ୍ତା ନିର୍ମାଣ କରାଗଲେ ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ତେବେ ୩୦ ବର୍ଷ ଧରି ଲାଗି ରହିଥିବା ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହା ହିଁ ଏବେ ବଡ଼ ପ୍ରଶ୍ନ ।

## ଗୁରୁ ପୂଜନ ସ୍ମୃତି କମିଟିର ଏକବିଂଶତମ ଗୁରୁଦିବସ ପାଳନ



**ବୈଶିଙ୍ଗା,୭।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଧର୍ମଶାଳା ମଣ୍ଡପରେ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ଜନ୍ମ ଜୟନ୍ତୀରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ସ୍ମୃତି କମିଟି ତରଫରୁ ୨୧ତମ ଗୁରୁଦିବସ ପାଳନ କରାଯାଇଅଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁପୂଜନ ଅନୁଷ୍ଠାନ ତରଫରୁ ବଡ଼ସାହି ଓ ବେତନଟୀ ବ୍ଲକର ୧୧୭ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଉକ୍ତ ଦିବସଟିକୁ ମହା ସମାରୋହରେ ପାଳନ କରାଯାଇଥିଲା। ଏଥିରେ ସ୍ୱର୍ଗତ ନାଏକଙ୍କ ଧର୍ମପତ୍ନୀ ସୁବାସିନୀ ନାଏକ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଗୁରୁପୂଜନ କମିଟିର ସଭାପତି ପ୍ରକାଶ ବେହେରା, ମୁଖ୍ୟବକ୍ତା ଭାବେ ଶ୍ରୀମା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର ଦାସ, ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଶିକ୍ଷାମଣ୍ଡଳାଧୀଶ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପ୍ରମୁଖ ସ୍ୱର୍ଗତ ନାଏକ ଙ୍କ ସ୍ମୃତିଚାରଣ ସହ ଗୁରୁଦିବସର ତାପର୍ଯ୍ୟ ସମ୍ବନ୍ଧରେ ମୂଲ୍ୟବାନ ବ୍ୟକ୍ତବ୍ୟ ରଖିଥିଲେ। ଦୀର୍ଘ ୨୧ ବର୍ଷ ଧରି ଚାଲିଥିବା ଏଭଳି ଉଦ୍ୟମକୁ ଅତିଥିଗଣ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସେଠୀ, ଆଗାମୀ ବର୍ଷ ଏହି ଦିନରେ ସମସ୍ତେ ଗଛଟିଏ ଲଗାଇବାକୁ ଆହ୍ୱାନ ଦେଇଥିଲେ।ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମର ସଂଯୋଜନା କମିଟିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା କରିଥିଲେ। ଆଜିର ଦିବସ ସହ ସ୍ୱର୍ଗତ ରାଧାକ୍ରିଷ୍ଣନଙ୍କ ସମ୍ବନ୍ଧରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମଧ୍ୟରୁ ରାଜେନ୍ଦ୍ର କୁମାର ଜେନା, ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ସଚ୍ଚିଦାନନ୍ଦ ମହାନ୍ତି, ସୁମନ୍ତ କୁମାର ନାୟକ, ସଂଯୁକ୍ତା ଜୀ, ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଗୁରୁଦିବସ ସଂପର୍କିତ ନିଜସ୍ୱ ମତ ରଖିଥିଲେ।

## ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିର୍ଯାତନାର ଶିକାର ହେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ରୋଷେୟା କର୍ମଚାରୀ



**କନ୍ଧମାଳ,୭।୯(ସଂଚାର ବ୍ୟୁରୋ):** ଜିଲ୍ଲା ରେ ଥିବା ଜିଲ୍ଲା ମଙ୍ଗଳ ବିଭାଗ ର ବିଦ୍ୟାଳୟ ମାନଙ୍କ ରେ କାର୍ଯ୍ୟରତ ଥିବା ରୋଷେୟା ମାନଙ୍କୁ ଦରମା ନ ଦେଇ ନିଜକୁ ବାଃ ବାଃ ନେଉଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର ଙ୍କ ବିରୁଦ୍ଧରେ ଅନେକ ମହିଳା ଏବଂ ପୁରୁଷ ରୋଷେୟା ମାନେ ଜିଲ୍ଲାପାଳ ଙ୍କୁ ଅଭିଯୋଗ ଦେଇଥିବା ଦେଖିବାକୁ ମିଳିଛି। ମଙ୍ଗଳ ବିଭାଗ ରେ କାର୍ଯ୍ୟରତ ଥିବା କିଛି କର୍ମଚାରୀ ଙ୍କ ଜରିଆରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନେକ ଦୁର୍ନୀତି କାରି ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଠାରୁ ଲକ୍ଷାଧିକ ଅର୍ଥ ଲୁଟୁଥିବା ଖବର ଏବେ ଚର୍ଚ୍ଚା ହେଉଛି। ଏପଟେ ନିଜକୁ ଅନ୍ୟ ଆଗରେ ବା ମିଡ଼ିଆ ଆଗରେ ଭଦ୍ର ମୁଖା ଦେଖେଇ ହେଉଥିବା ବେଳେ ମଙ୍ଗଳ ଅଧିକାରୀ ଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ନେବେ ତାରି ଅପେକ୍ଷାରେ ଜିଲ୍ଲା ର ଶିକ୍ଷିତ ବୁଦ୍ଧିଜିବି ଗଣ। ଗରିବ ନିରୀହ ରୋଷେୟା ମାନେ ବିଦ୍ୟାଳୟ ହଷ୍ଟେଲ ରେ ରହି ନିରୀହ ଛାତ୍ର ଛାତ୍ରୀ ମାନଙ୍କ ସେବା କରିବା, ରୋଷେଇ କରିଦେବା ଏବଂ ଯେଉଁ ବିଦ୍ୟାଳୟ ରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ସେଇ ବିଦ୍ୟାଳୟ ମାନଙ୍କ ରେ ରୋଷେୟା ମାନେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼େଇ ବାରେ ମଧ୍ୟ ସହଯୋଗ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ କନ୍ଧମାଳ ଜିଲ୍ଲା ମଙ୍ଗଳ ଅଧିକାରୀ ନିରୀହ ରୋଷେୟା ମାନଙ୍କୁ ମାସ ମାସ ଧରି ଦରମା ନ ଦେଇ ନାହିଁନ ଥିବା ହଇରାଣ କରୁଥିବା ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି ମଙ୍ଗଳ ଅଧିକାରୀ ଙ୍କ ଦ୍ୱାରା ନିର୍ଯ୍ୟାତନା ର ଶିକାର ହେଉଥିବା ରୋଷେୟା ମାନେ। କନ୍ଧମାଳ ଜିଲ୍ଲା ରୁ ଏଭଳି ଦୁର୍ନୀତି କାରି ଲାଞ୍ଚୁଆ ଏବଂ ଗାଲୁଆ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ କନ୍ଧମାଳ ସାଂସଦ ଏବଂ ଫୁଲବାଣୀ ବିଧାୟକ କାହିଁକି ଘଣ୍ଟ ଘୋଡ଼ଉ ଛନ୍ତି ତାର ନିରପେକ୍ଷ୍ୟ ତଦନ୍ତ କରି ଏଭଳି ଦୁର୍ନୀତି କାରି ମଙ୍ଗଳ ଅଧିକାରୀ ଙ୍କୁ ତୁରନ୍ତ ଜିଲ୍ଲା ରୁ ଅନ୍ୟତ୍ର ବଦଳି କରାଯାଉ ବଲି ଦୁଃଖ ର ସହିତ ପ୍ରକାସ କରିଛନ୍ତି ।

## ସରକାରୀ ବିଦ୍ୟାଳୟରୁ ଚୋରି

**ବୈଶିଙ୍ଗା,୭।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଏବଂ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଅଫିସ ଗୃହ, କମନ୍ ରୁମ୍ ଓ ଏହା ସଂଲଗ୍ନ ଅନ୍ୟ ଏକ ରୁମ୍ ତାଲାରେ ଏସିଡ୍ ପକାଇ ତାଲା ଭାଙ୍ଗି ଥିଲେ ଓ ସେଠାରେ ରଖାଯାଇଥିବା ୧୦ ବ୍ୟାଗ ସିମେଣ୍ଟ ଓ ଲୁହା ରଡ୍ ଚୋରି କରି ନେଇଯାଇଥିବା ଖବର ସୋମବାର ସକାଳେ ପ୍ରଧାନଶିକ୍ଷୟିତ୍ରୀ ମିତାଲି ନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲରେ ପହଞ୍ଚିବା ପରେ ଘଟଣା ସାମ୍ନାକୁ ଆସିଥିଲା। ପୂର୍ବରୁ ମଧ୍ୟ ଏହି ସ୍କୁଲରୁ ପାଞ୍ଚ ପାଞ୍ଚ ଥର ବିଦ୍ୟାଳୟ ସାମଗ୍ରୀ, ପିଲାଙ୍କ ଖେଳକୁଦ ସାମଗ୍ରୀ ଏବଂ ସିଲିଂ ଫ୍ୟାନ୍ ଚୋରି ହୋଇଥିବା ଖବର ଜଣାପଡ଼ିଛି। ଚୋରି ଘଟଣାକୁ ନେଇ ପୂର୍ବରୁ ଥାନାରେ ମାମଲା ହୋଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ମିଳି ପାରି ନଥିଲା। ଏବେ ପୁଣି ଲଗାତାର ଚୋରି ଘଟଣା ପରେ ସ୍କୁଲର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ନେଇ ପ୍ରଧାନଶିକ୍ଷୟିତ୍ରୀ



ମିତାଲି ନାୟକ ବୈଶିଙ୍ଗା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଥାନାଧିକାରୀ ବାବାଶଙ୍କର ସରାଫ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ଜଣେ ରାତ୍ରୀ ଜଗୁଆଳୀ ଭାବେ ଭାଗିରଥି ବେହେରା କାର୍ଯ୍ୟ କରୁଥିଲେ। ତାଙ୍କୁ ସ୍କୁଲର ନିଜସ୍ୱ ପାଣ୍ଠିରୁ କିଛି ଦିଆଯାଉଥିଲା। ଏବେ ସେ ଅଧିକ ଦାବି କରିବାରୁ ତାଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏତେ ବଡ ଏରିଆ ବିଶିଷ୍ଟ ସ୍କୁଲରେ ରାତ୍ରୀ ଜଗୁଆଳୀ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କ ଅନୁରୋଧ କରାଯାଇଛି।

### ଅନ୍ତେବାସୀଙ୍କ ହଷ୍ଟେଲ ଛାଡିବା ଘଟଣାକୁ ମାସେ

## ଆଜି ବି ଶ୍ରେଣୀ ଗୃହରେ ଚାଲିଛି ଛାତ୍ରାବାସ




**ଝରିଗାଁ,୭।୯(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ସାନଟେମେରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅନ୍ତେବାସୀଙ୍କ ହଷ୍ଟେଲ ଛାଡିବା ଘଟଣାକୁ ଏହାରି ମଧ୍ୟରେ ମାସେ ବିତିଯାଇଛି । ତଥାପି ଜିଲା ପ୍ରଶାସନ ପକ୍ଷରୁ ଅନ୍ତେବାସୀଙ୍କ ମୌଳିକ ସୁବିଧା ପାଇଁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସୂଚନା ଯୋଗ୍ୟଯେ, ୨୦୧୭ ମସିହାରେ ଏହି ବିଦ୍ୟାଳୟରେ ବିନା ଭିତ୍ତଭୂମିରେ ଛାତ୍ରାବାସ ଖୋଲା ଯାଇଥିଲା। ସେହି ସମୟରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଶ୍ରେଣୀ ଗୃହରେ ରହୁଥିଲେ। ପରବର୍ତ୍ତୀ ସମୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଅନ୍ତେବାସୀ ଭାବେ ବିଦ୍ୟାଳୟର ତିନୋଟି ଶ୍ରେଣୀ ଗୃହରେ ରଖାଯାଇଛି। ଗୋଟିଏ ଛାତ୍ରାବାସ ଖୋଲିବା ନେଇ ଅବଶ୍ୟକୀୟ ଭିତ୍ତଭୂମି ହେଉଛି ଉନ୍ନତ ମାନର ସୁରକ୍ଷିତ ଛାତ୍ରାବାସ, ଆବଶ୍ୟକୀୟ ଶୌଚାଳୟ , ରୋଷେଇ ଗୃହ, ଡାଇନିଂ ହଲ୍ , ବିଶୁଦ୍ଧ ପାନୀୟଜଳ ଇତ୍ୟାଦିର ଆବଶ୍ୟକତା ରହିଥାଏ । କିନ୍ତୁ ଏହି ବିଦ୍ୟାଳୟରେ ଛାତ୍ରାବାସ ଖୋଲିଯିବା ନାଁରେ ଆଜକୁ ନଅ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସବୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି ଆଦିବାସୀ ପିଲାମାନେ। ଏଥିପାଇଁ ସମ୍ପୃକ୍ତ ଜିଲା ଶିକ୍ଷା ବିଭାଗ ତଥା ଜିଲା ପ୍ରଶାସନ ଦାୟୀ ରହିଥିବା ନେଇ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଅନ୍ତେବାସୀଙ୍କ ହଷ୍ଟେଲ ଛାଡିବା ଘଟଣା ପରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲାପାଳ ମହେଶ୍ୱର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ପ୍ରମୁଖ ଘାଟଣାର ତଦନ୍ତ କରିବାକୁ ଆସିଥିଲେ । ସେହି ସମୟରେ ଉପଜିଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଇତି ମଧ୍ୟରେ ଆଜକୁ ଏକ ମାସ ସମୟ ବିତିଯାଇଥିଲେ ମଧ୍ୟ ଏଯାବତ୍ କୌଣସି କମିଟି ତଦନ୍ତକୁ ଆସିନାହାନ୍ତି। ଅପରପକ୍ଷରେ ଯଥାପୂର୍ବମ ତଥାପରମ୍ ଭଳି ଶ୍ରେଣୀ ଗୃହରେ ହିଁ ରହୁଛନ୍ତି ଅନ୍ତେବାସୀ ।

## ଯୁଗ୍ମ ଅଭିଯୋଗ ଶୁଣାଣିଃ ୩୧ଟି ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୭।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୩୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୧୮ ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଦରଖାସ୍ତ ଥିଲା। ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ, ସୋନପୁର ଡ.ସୌମ୍ୟରୂପା ରଥ, ତହସିଲଦାର ସୋନପୁର, ଜି ରଶ୍ମିରେଖା, ସୋନପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

## ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ରିଷିଡା,୭।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଦେଖାଦେଇଛି। ଟ୍ରାନ୍ସଫର୍ମରଟି ଅସୁରକ୍ଷିତ ଭାବେ ରହିଥିବା ସହ ଏହାର ଚାରିପାଖରେ ସୁରକ୍ଷା ବ୍ୟବସ୍ଥା ଅଭାବ ଥିବା ଅଭିଯୋଗ ହୋଇଛି। ଫଳରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି। ଏହି ଟ୍ରାନ୍ସଫର୍ମର ରାସ୍ତା କଡରେ ଥିବାବେଳେ ଏହି ରାସ୍ତା ଦେଇ ପ୍ରତିଦିନ ଯାନବାହାନ ଓ ଲୋକେ ଯାତାୟାତ କରିଥାନ୍ତି । ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ଟ୍ରାନ୍ସଫର୍ମରଟିର ମରାମତି କିମ୍ବା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଶିକ୍ଷାଦାନକୁ ବ୍ରତ କରିଥିବା ନିଆରା ମଣିଷ ମହେଶ୍ୱର



**ଖଡ଼ିଆଳ,୭।୯(ସଂଚାର ବ୍ୟୁରୋ):** ଶିକ୍ଷାଦାନକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଜଣେ ନିଆରା ମଣିଷ ହେଉଛନ୍ତି ମହେଶ୍ୱର ରାଉତରାଏ। ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମର ମହେଶ୍ୱର ବିନା ପାରିଶ୍ରମିକରେ ଦୀର୍ଘ ବର୍ଷ ଧରି ଭୀମାଖୋଲ ଗାଁର ପିଲାମାନଙ୍କୁ ପଢାଇ ଆସୁଛନ୍ତି। ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ସେ ସାଇକେଲ ଚଢି ୩ କିଲୋମିଟର ଦୂର ଭୀମାଖୋଲ ଗାଁରେ ପହଞ୍ଚିଯାନ୍ତି। ଆଉ ତାଙ୍କୁ ଅପେକ୍ଷା କରିଥାଆନ୍ତି ୨୦ରୁ ୨୫ଜଣ କୁନି ଛାତ୍ରୀଛାତ୍ର। ପିଲାଟି ଦିନରୁ ଶିକ୍ଷାଦାନ ପ୍ରତି ତାଙ୍କର ଆଗ୍ରହ ରହିଥିଲା। ସେ ସମୟରେ ସପ୍ତମ ଶ୍ରେଣୀ ପାସ୍ କଲେ ମଧ୍ୟ ଅନେକଙ୍କୁ ସରକାରୀ ଚାକିରି ସୁଯୋଗ ମିଳୁଥିଲା। ହେଲେ ମହେଶ୍ୱରଙ୍କ ମନ ଚାକିରି ପଛରେ ନ ଥିଲା। ତାଙ୍କୁ ଘାରିଥିଲା ଅନ୍ୟମାନଙ୍କୁ ପଢ଼ାଇବାର ନିଶା। ୧୯୬୪ରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାଦାନର ଯାତ୍ରା ଆଜି ବି ଅବ୍ୟାହତ। ଆଜିର ଦିନରେ ଶିକ୍ଷା ଯେତେବେଳେ ଅନେକଙ୍କ ପାଇଁ ବ୍ୟବସାୟର ମାଧ୍ୟମ ପାଲଟିଛି, ସେତେବେଳେ ମହେଶ୍ୱରଙ୍କ ନିଃସ୍ୱାର୍ଥ ଶିକ୍ଷାଦାନ ସମାଜ ପାଇଁ ଏକ ବଡ଼ ବାର୍ତ୍ତା। ଟଙ୍କା ପାଇଁ ନୁହେଁ, ପିଲାମାନଙ୍କ ଭବିଷ୍ୟତ ପାଇଁ ପଢ଼ାଏ ବୋଲି ମହେଶ୍ୱର କହିଛନ୍ତି।

## ଭୁର୍କାମୁଣ୍ଡା ଯାଏଁ ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପ୍ରସାରଣ ଦାବି

**ଝାରସୁଗୁଡା,୭।୯(ସଂଚାର ବ୍ୟୁରୋ):** ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ କାତିକେଲା ଗ୍ରାମବାସୀ ଓ ସ୍କୁଲ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ଭୁର୍କାମୁଣ୍ଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଦାବିରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ବର୍ଷ କାତିକେଲା ଗ୍ରାମରେ ହାଇସ୍କୁଲ ଆରମ୍ଭ ହୋଇଛି। ଏହି ବିଦ୍ୟାଳୟରେ ନିକଟସ୍ଥ ଭୁର୍କାମୁଣ୍ଡା, ଦବକା ଆଦି ଗ୍ରାମର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ଯାତାୟାତ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନେ ସ୍କୁଲ ଯିବାଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମସ୍ୟା ଯୋଗୁଁ କେତେକ ଅଭିଭାବକ ବିଦ୍ୟାଳୟରୁ ପିଲାଙ୍କ ଟିସି ନେଇ ଅନ୍ୟତ୍ର ପାଠ ପଢ଼ାଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ପୂର୍ବରୁ କୋଲାବିରା ଜନଶୁଣାଣି ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରିଥିଲେ।

## ଷ୍ଟାଡିୟମ୍‌ର ଭିତ୍ତଭୂମି ପରଖିଲେ ଫାଓର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ

**ସୁବର୍ଣ୍ଣପୁର,୭।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ହେବା ଦିନ ଠାରୁ ସ୍ୱପ୍ନ ଥିଲା ସୁବର୍ଣ୍ଣପୁରରେ ହେବ ଏକ ମର୍ଯ୍ୟାଦା ପୂର୍ଣ୍ଣ ସାହାଣୀ କପ୍ ଫୁଟବଲ୍ ମ୍ୟାଚ । ୩୩ ବର୍ଷର ଆଶା ଆକାଂକ୍ଷା ଆହୁରି ଦୃଢ଼ୀଭୂତ ହୋଇଛି । ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମାରେ ପହଞ୍ଚିଥିଲେ ଓ ଗାନ୍ଧି ଷ୍ଟାଡିୟମ୍ ର ବିଭିନ୍ନ ଦିଗ



ତଥା ଖେଳ ପଡ଼ିଆ, ଖେଳାଳି ରହିବା ଜାଗା ଓ ସମସ୍ତ ବ୍ୟବସ୍ଥା ଉପରେ ସ୍ଥିତି ପରଖି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଙ୍କ ଠାରେ ରିପୋର୍ଟ ଦାଖଲ କରାଯିବ ଓ ରାଜ୍ୟ ର ଚାରୋଟି ଜୋନ୍ କୁ ଖୁବ୍ ଶୀଘ୍ର ଅନୁମତି ପ୍ରଦାନ କରାଯିବ ବୋଲି ଉକ୍ତ ପ୍ରତିନିଧୀ ଦଳ ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୧୮ ତାରିଖ ରୁ ରାଜ୍ୟ ର ୪ ଟି ଜୋନ୍ ରେ ସାହାଣୀ କପ୍ ଫୁଟବଲ୍ ଆରମ୍ଭ ହେବାକୁ ଥିବା ବେଳେ ଫାଓ ସଂପାଦକ ଆଶୀର୍ବାଦ ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ଏଇ ପ୍ରତିନିଧୀ ଦଳ ଇତି ମଧ୍ୟରେ ୫ ଟି ଜିଲ୍ଲା ଗସ୍ତ କରି ଭିତ୍ତଭୂମିର ତଦାରଖ କରିଥିବା ଜଣା ଯାଇଛି। ଏ ଖବର ରେ ଜିଲ୍ଲା ରେ ଫୁଟବଲ୍ ପ୍ରେମୀ ଙ୍କ ଉତ୍କଣ୍ଠା ବଢ଼ିଛି।

## ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ



**ସୁବର୍ଣ୍ଣପୁର,୭।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ପ୍ରଶିକ୍ଷଣ ସମ୍ମିଳନୀ-ସହ- ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅଜୟ ଲୁହା, ସୁବର୍ଣ୍ଣପୁର ଏବଂ ବିନିକାର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ଳାନ କୁମାର ପାଣ୍ଡିଆ ଯୋଗଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷଣରେ ଡିପ୍ଲୋମା କରିଥିବା ବିଭୁଦତ୍ତ ରଥ, ପ୍ରଶିକ୍ଷକ ଜୀବନଜ୍ୟୋତି ନାୟକ ଏବଂ ଦିଲ୍ଲୀପ କୁମାର କୁଅଁର ଏବଂ ତାଇକ୍ୱାଣ୍ଡୋ ପ୍ରଶିକ୍ଷକ ଅନ୍ୱେଷ ହୋତା ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ବିଭିନ୍ନ କ୍ରୀଡ଼ା ସମ୍ପର୍କରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜି ବିଶ୍ୱନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅଧ୍ୟାପିକା ସନ୍ତୋଷିନୀ ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ପାଚିଲା ଫଳର ଉପକାରିତା ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ,୭।୯(ସଂଚାର ବ୍ୟୁରୋ):** ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ ପାଚିଲା ଫଳର ଉପକାରୀତା ଜ୍ଞାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ପାଚିଲା ଫଳ ଏହି ଦିନେ ପ୍ରଚୁର ମିଳେ ସାଧାରଣତଃ ଶରୀର ପାଇଁ ଭଲ। ଏଥିରେ ଭିଟାମିନ୍, ଖଣିଜ, ଫାଇବର୍ ଓ ଆଂଟି ଅକ୍ସିଡାଂଟ ଥାଏ। ପାଚନ ଶକ୍ତି ବଢ଼ାଏ ଫାଇବର୍ ଥିବାରୁ କୋଷ୍ଠକାଠିନ୍ୟ ଦୂରକରେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ, ପ୍ରାକୃତିକ ଶର୍କରା ଓ କାର୍ବୋହାଇଡ୍ରେଟ୍ ମିଳେ।ହୃଦୟ ପାଇଁ ଉପକାରୀ। ତରଭୁଜ, କମଳା, ପଇଡ଼, କାକୁଡି ଶରୀରରେ ଜଳଅଂଶ ବଢ଼ାଏ, କୋଷଗୁଡ଼ିକୁ ସୁରକ୍ଷା ଯୋଗାଏ, ମର୍ତ୍ୟ ଅମୃତ ଅଁଳା, ପିଜୁଳି, ଡାଳିମ୍ବ ଶରୀର ପାଇଁ ଅମୃତ, ମଧୁମେହ କମାଏ। ବନବାସୀ, ଋଷି ମାନେ ଫଳ ଖାଇ ଶହ ଶହ ବର୍ଷ ନିରାମୟ ଜୀବନ ବିତାଉ ଥିଲେ। ସଫା କରି ଫଳ ଖାଇବାକୁ ପରାମର୍ଶ ଦେଇଥିଲେ।

## ଓଡ଼ିଆ ଉର୍ଜା ଫାଉଣ୍ଡେସନ ତରଫରୁ ବୃଦ୍ଧାଶ୍ରମରେ ଉତ୍ସବ



**ବାଲିପାଟଣା,୭।୯(ସଂଚାର ବ୍ୟୁରୋ):** ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ଆଜି ଭୁବନେଶ୍ୱର ପଟିଆ ସ୍ଥିତ ଶିଖରଚଣ୍ଡି ଅଞ୍ଚଳ ରେ ଥିବା ଖୁସିୟୋଂ କା ଘର ବୃଦ୍ଧା ଶ୍ରମରେ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ଆଶ୍ରମ ଅନ୍ତେବାସୀଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ଏବଂ ବସ୍ତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଓଡ଼ିଆ ଉର୍ଜା ଫାଉଣ୍ଡେସନ କର୍ମକର୍ତ୍ତା ମାନେ ଆଶ୍ରିତ ବୃଦ୍ଧ, ବୃଦ୍ଧା ଙ୍କ ସହ ଆନନ୍ଦ ଉଲ୍ଲାସ ରେ କିଛି ସମୟ ବିତାଇବା ସହ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଓଡ଼ିଆ ଉର୍ଜା ଫାଉଣ୍ଡେସନ ସଭାପତି ସ୍ମିତାଞ୍ଜଳି ହୋତା, ଉପ ସଭାପତି ସବିତାରାଣୀ ମଲ୍ଲିକ, କୋଷାଧ୍ୟକ୍ଷ କାରୁବାକି ଜେନା, ସମ୍ପାଦିକା ଈଶ୍ୱରାମା ପଣ୍ଡା, ସହ ସମ୍ପାଦିକା ଅରୁନ୍ଧତି ମିଶ୍ର, ମମତା ବେହେରା, ମମତା ପଳାଇ, ମମତା ପଣ୍ଡା, ହସ୍ରତ ପ୍ରମୁଖ ଉପସ୍ଥିତ ଥିଲେ। ଖୁସିୟୋଂ କା ଘର ବୃଦ୍ଧାଶ୍ରମ ମୁଖ୍ୟ ପ୍ରମୋଦ ରାହୁଲ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ। ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମାଜ ସେବା କାର୍ଯ୍ୟ ଜାରି ରହିଛି।

## ଯୁବକ-ଯୁବତୀଙ୍କ ନିଯୁକ୍ତି ପାଇଁ ଜିଲ୍ଲାସ୍ତରୀୟ କମିଟି

**ଝାରସୁଗୁଡ଼ା,୭।୯(ସଂଚାର ବ୍ୟୁରୋ):** ସଦର ବ୍ଲକ ଅନ୍ତର୍ଗତ ଶ୍ରୀପୁରା ଗ୍ରାମର ସ୍ଥାନୀୟ ଯୋଗ୍ୟ ଯୁବକ-ଯୁବତୀଙ୍କୁ ଏପସିଲନ୍ କାର୍ବନ ପ୍ରାଇଭେଟ୍ ଲିମିଟେଡ୍‌ରେ ନିଯୁକ୍ତି ସୁଯୋଗ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। ଶ୍ରୀପୁରାସ୍ଥିତ ଏପସିଲନ୍ କାର୍ବନ କମ୍ପାନୀରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ସ୍ୱଚ୍ଛ ଓ ସୁସଂଗଠିତ ଢଙ୍ଗରେ ଚୟନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଦେଶ ସଂଖ୍ୟା ୧୩୭୯୯/୨୦୨୬ ଜାରି କରାଯାଇଛି। ଏହି କମିଟି ସୋମବାର ଠାରୁ କାର୍ଯ୍ୟକାରୀ ହେବ ବୋଲି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି। ଗଠିତ ନିଯୁକ୍ତି କମିଟିର ଅଧ୍ୟକ୍ଷ ଭାବେ ପିଡି, ଜିଲ୍ଲା ପୁନର୍ବାସ ଓ ଥଇଥାନ ବିଭାଗ ଦାୟିତ୍ୱ ନେଇଥିବା ବେଳେ ଉପଜିଲ୍ଲାପାଳ ଓ ତହସିଲଦାର ସଦସ୍ୟ ରହିଛନ୍ତି।

# ରାଜପଥ ପାଲଟିଛି ମରଣଯନ୍ତା, ବଢୁଛି ଦୁର୍ଘଟଣା ଆଶଙ୍କା



**ରାୟଗଡ଼ା,୭।୯(ସଂଚାର ବ୍ୟୁରୋ):** ରାୟଗଡ଼ାରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ପ୍ରମୁଖ ରାଜପଥ ଏବେ ପାଲଟିଛି ମରଣଯନ୍ତା । ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀ ଓ ସ୍ଥାନୀୟ ଲୋକେ ଚିନ୍ତାରେ। ଦିନରାତି ଏହି ରାସ୍ତାରେ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ବେଳେ ଖାଲଖମା ଓ ପାଣି ଭର୍ତ୍ତି ଗାତ ଯାତାୟାତରେ ବାଧା ସୃଷ୍ଟି କରୁଛି । ବିଶାଖାପାଟଣାରୁ ରାୟପୁରକୁ ସଂଯୋଗ କରୁଥିବା ଏହି ପ୍ରମୁଖ ରାଜପଥରେ ମାଲବାହୀ ଟ୍ରକ୍ ସମେତ ପ୍ରତିଦିନ ହଜାର ହଜାର ଯାନ ଚଳାଚଳ କରେ। ହେଲେ ବର୍ତ୍ତମାନ ରାସ୍ତାର ଅବସ୍ଥା ଯାତ୍ରୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ରାସ୍ତାରେ ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଜମି ରହୁଛି । ଫଳରେ ଅସମତଳ ରାସ୍ତାରେ ଗାଡ଼ି ଚଳାଚଳ କରିବା ବେଳେ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ତୁରନ୍ତ ରାସ୍ତା ମରାମତି କରି ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବାକୁ ଦାବି ହୋଇଛି । ରାସ୍ତାର ପୋଖରୀବନ୍ଧ ଛକଠାରୁ ଅମ୍ଳଭଟା ପର୍ଯ୍ୟନ୍ତ ପ୍ରାୟ ୭୮ କିଲୋମିଟର ରାସ୍ତା ରାୟଗଡ଼ା ପୂର୍ତ୍ତ ବିଭାଗ ଡିଭିଜନ୍ ଅଧୀନରେ ରହିଛି। ରାସ୍ତା ମରାମତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ପୂର୍ତ୍ତ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଶୀଘ୍ର ରାସ୍ତା ମରାମତି ନହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ବିଷମ କଟକ ବିଧାୟକ । କେବେ ସୁଧୁରିବ ରାୟଗଡ଼ା-ଭବାନୀପାଟଣା ରାଜପଥର ଅବସ୍ଥା ? କେବେ ମିଳିବ ଯାତ୍ରୀଙ୍କୁ ସୁରକ୍ଷିତ ଯାତାୟାତର ଭରସା ? ଏବେ ଏହାକୁ ନେଇ ଅପେକ୍ଷାରେ ଯାତ୍ରୀ ଓ ସ୍ଥାନୀୟ ଲୋକେ ।